

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୪ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 04 DECEMBER 2022
Vol.No. 33 ■ No. 315 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୁଣ୍ଡ ନୁଆଁଇଲେ ଚୀନ୍ ସରକାର



ନୂଆଦିଲ୍ଲୀ, ୦୩/୧୨ : ୨୦୧୯ ମସିହା ଡିସେମ୍ବର ମାସରେ ଚୀନରେ କରୋନା ଭାଇରସର ପ୍ରଥମ ମାମଲା ସାମ୍ନାକୁ ଆସିଥିଲା । ଏହି ମହାମାରୀକୁ ତିନି ବର୍ଷ ପୂରି ସାରିଛି । ଭାରତ ସମେତ ସମଗ୍ର ବିଶ୍ୱରେ ଏହି ମହାମାରୀ ବ୍ୟାପିଥିଲା । ଅନେକ ଦେଶ ଏହି ମହାମାରୀ ବିରୋଧରେ ଲଢ଼ିଥିଲେ ଏବଂ ସଫଳ ମଧ୍ୟ ହୋଇଥିଲେ । କିନ୍ତୁ ଚୀନ୍ ଏବେବି କଠିନ ସମୟ ଦେଇ ଗତି କରୁଛି । ପ୍ରଥମେ ଚୀନରେ ଜିରୋ କୋଭିଡ୍ ନୀତିକୁ ସଫଳ କୁହାଯାଉଥିଲେ ବି ଏବେ କିନ୍ତୁ ସେହି ନୀତି ସରକାରଙ୍କ ବିରୋଧରେ ଜନତାଙ୍କ ଆକ୍ରୋଶର ବଡ଼ କାରଣ ହୋଇଛି । ଜନଅସନ୍ତୋଷକୁ ଦୃଷ୍ଟିରେ ରଖି ସରକାର କଟକଣା ତ କୋହଳ କଲେ, କିନ୍ତୁ ଜିନପିଙ୍ଗଙ୍କ ପାଇଁ ଏହା ବଡ଼ ସମସ୍ୟା ସୃଷ୍ଟି କରିପାରେ ବୋଲି ଚର୍ଚ୍ଚା ହେଉଛି । ଚୀନରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ପରେ ଜିନପିଙ୍ଗ ସରକାର ଯେଉଁ ଜିରୋ କୋଭିଡ୍ ନୀତି ଲାଗୁ କରିଥିଲେ, ତାକୁ ନେଇ ଜନତାଙ୍କ ମନରେ ତୀବ୍ର ଆକ୍ରୋଶ ଦେଖାଦେଇଛି । ଆଉ ଦୀର୍ଘ ବର୍ଷ ପରେ ଚୀନର କମ୍ୟୁନିଷ୍ଟ ସରକାର ବିରୋଧରେ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଦେଶରେ ମହାମାରୀ, ଜନତାଙ୍କ ବିରୋଧ ପ୍ରଦର୍ଶନ, ଖାଦ୍ୟ ସଂକଟ ଏବଂ ଆର୍ଥିକ ବୋଝ ଚୀନ୍ ସରକାରର ଚିନ୍ତା ବଢ଼ାଇ ଦେଇଛି । ଜନତାଙ୍କ ଆକ୍ରୋଶକୁ ଦୃଷ୍ଟିରେ ରଖି ସରକାର କୋଭିଡ୍ ନୀତିକୁ କୋହଳ କରିଛନ୍ତି । କଟକଣାକୁ କୋହଳ କରିବା ସତ୍ତ୍ୱେ ମଧ୍ୟ ଜିନପିଙ୍ଗଙ୍କ ପ୍ରତି ଜନଅସନ୍ତୋଷ ବଢ଼ିବାରେ ଲାଗିଛି । ମହାମାରୀର ପ୍ରଥମ ଲହରରେ ଚୀନର କୋଭିଡ୍ ନୀତି ସଫଳ ହେବା ପରେ ସେଠାକାର ସରକାରୀ ଗଣମାଧ୍ୟମ ଜିନପିଙ୍ଗ ସରକାରଙ୍କ ଖୁବ୍ ପ୍ରଚାର ପ୍ରସାର କରିଥିଲେ । କିନ୍ତୁ ସେହି ପ୍ରଚାର ଏବେ ମାଟିରେ ମିଶିସାରିଛି । କାରଣ ଏବେ ସେହି ନୀତି ଚୀନକୁ ମହାମାରୀ ଆଗରେ ଦୁର୍ବଳ ଓ ଅସହାୟ କରିଦେଇଛି । ଏବେ ଜିନପିଙ୍ଗ କେବଳ ସାମାଜିକ ଓ ଆର୍ଥିକ ନୁହେଁ ବରଂ ରାଜନୈତିକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । କରୋନାକୁ ରୋକିବା ପାଇଁ ଚୀନ୍ ନିଜ ଦେଶରେ ଯେଉଁ ଟିକାକରଣ ଅଭିଯାନ ଆରମ୍ଭ କରିଥିଲା, ତାହା ଫଳପ୍ରଦ ହୋଇପାରିନାହିଁ । ଏପରିକି ଚୀନ୍ ମଧ୍ୟ ବିଦେଶୀ ଟିକା ଉପରେ ସନ୍ଦେହ ପ୍ରକଟ କରିଥିଲା । ଚୀନରେ ଆରମ୍ଭରୁ ହିଁ ଟିକାକରଣ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଆସିଛି । ସରକାର ୬୦ ବର୍ଷରୁ ଊର୍ଦ୍ଧ୍ୱର୍ ବୟସ ବର୍ଗଙ୍କ ପାଇଁ ଟିକାକରଣ ବାଧ୍ୟତାମୂଳକ କରିଥିଲେ । କିନ୍ତୁ ବୟସ୍କ ଟିକା ନେବାକୁ ଏବେବି ଅନିଚ୍ଛା ଦେଖାଉଛନ୍ତି । ହେଲେ ଗତ ଦୁଇମାସ ଧରି ସରକାର ଦେଶରେ ବୟସ୍କଙ୍କୁ ଟିକାକରଣ ଉପରେ ଜୋର ଦେଉଥିବା ଦେଖିବାକୁ ମିଳିଛି । ମହାମାରୀକୁ ନିୟନ୍ତ୍ରଣ କରିବା ଓ ଜନତାଙ୍କ ଆକ୍ରୋଶକୁ କିପରି ସାମ୍ନା କରିବେ, ତାହା ଜିନପିଙ୍ଗଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି । ତିନି ଦଶନ୍ଧି ପରେ କମ୍ୟୁନିଷ୍ଟ ସରକାରକୁ ଏବେ ବଡ଼ ବିରୋଧର ସାମ୍ନା କରିବାକୁ ପଡୁଛି । ଏଭଳି ସ୍ଥିତିରେ ଲୋକଙ୍କ ଭରସା କିପରି ଜିତିବେ, ତା' ଉପରେ ସରକାର ଗୁରୁତ୍ୱ ଦେବା ଦରକାର ।

## ସରିଲା ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର : ଭୋଟ ହାତେଇବାକୁ ୩ ଦଳର ଜୋରଦାର ପ୍ରୟାସ



ନୂଆଦିଲ୍ଲୀ, ୦୩/୧୨ : ଗୁଜରାଟ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରଚାର ଶେଷ ହୋଇଛି । ଶେଷ ଦିନରେ ସବୁ ରାଜନୈତିକ ଦଳ ଜୋରଦାର ପ୍ରଚାର କରିଛନ୍ତି । ବିଜେପି ପାଇଁ ଷ୍ଟାର କ୍ୟାମ୍ପେନର ଭାବେ ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅହମଦାବାଦ, ଖେଡାରେ ପ୍ରଚାର କରିଥିଲେ । ତାଙ୍କ ବ୍ୟତୀତ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମଧ୍ୟ ବିଜେପି ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି । ସେହିପରି ଆମ୍ ଆଦମୀ ପାର୍ଟି ପାଇଁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ଗୁଜରାଟରେ ଆପ୍ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଇସୁଦାନୀ ଗଢବୀ ରୋଡ୍ ଶୋ' କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ପଟିଦାର ନେତା ହାର୍ଦ୍ଦିକ ପଟେଲଙ୍କ ଭାଗ୍ୟ ପରୀକ୍ଷା ହେବ । ସେହିପରି ଅଳ୍ପେଶ ଠାକୁରଙ୍କୁ ମଧ୍ୟ ବିଜେପି ତା'ର ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ୧୪ଟି ଜିଲ୍ଲାରେ ୯୩ଟି ଆସନ ପାଇଁ ମତଦାନ ହେବ । ଯେଉଁଥିରେ ୨କୋଟି ୫୧ ଲକ୍ଷରୁ ଅଧିକ ମତଦାତା ୮୩୩ ପ୍ରାର୍ଥୀଙ୍କ ପାଇଁ ମତଦାନ କରିବେ । ପ୍ରାର୍ଥୀଙ୍କ ମଧ୍ୟରେ ୬୯ ମହିଳା ରହିଥିବା ବେଳେ ୨୮୫ଟି ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ରହିଛନ୍ତି । ବିଜେପି ଓ ଆମ୍ ଆଦମୀ ପାର୍ଟି ବା ଆପ୍ ସମସ୍ତ ୯୩ଟି ଆସନରେ ଲଢ଼ିବେ । କଂଗ୍ରେସ ୩ଟି ଆସନ ତା'ର ମେଂଟ ଦଳ ଏନସିପିକୁ ଦେଇଛି । ମତଦାନ ପାଇଁ ୨୬ହଜାର ୪୦୯ ମତଦାନ କେନ୍ଦ୍ର ରହିଛି । ଗୁଜରାଟ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୬୩ ଦଶମିକ ୬୧ ପ୍ରତିଶତ ମତଦାନ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଭୋଟ୍ ହାର କମିବା ପରେ ନିର୍ବାଚନ କମିଶନର ଗୁଜରାଟବାସୀଙ୍କୁ ବିପୁଳ ସଂଖ୍ୟାରେ ମତଦାନ ଦେବାକୁ ଅନୁରୋଧ କରିଛନ୍ତି ।

## ଦିଲ୍ଲୀରେ ଆଉଏକ ବିଭତ୍ସ ହତ୍ୟାକାଣ୍ଡ : ଲିଭ-ଇନ ପାର୍ଟନରଙ୍କୁ ନିର୍ମମ ହତ୍ୟା

ନୂଆଦିଲ୍ଲୀ, ୦୩/୧୨ : ପୁଣି ଥରେ ବିଭତ୍ସ ହତ୍ୟାରେ ଥରିଛି ରାଜଧାନୀ ଦିଲ୍ଲୀ । ତିଲକ ନଗରରେ ଲିଭ ଇନ୍-ପାର୍ଟନରଙ୍କୁ ହତ୍ୟା କରି ଦିଲ୍ଲୀରୁ ଫେରାର ଥିବା ଅପରାଧୀକୁ ପଂଜାବରୁ ଗିରଫ କରାଯାଇଛି । ମନପ୍ରୀତ ନାମକ ଏହି ଅଭିଯୁକ୍ତ ରେଖାରାଣୀ ନାମ୍ନୀ ମହିଳାଙ୍କ ସହ ଦୀର୍ଘ ବର୍ଷ ହେବ ଲିଭ ଇନ ରିଲେସନସିପରେ ରହୁଥିଲେ । କିଛି ଦିନ ହେବ ଏମାନଙ୍କ ମଧ୍ୟରେ ମନୋମାଳିନ୍ୟ ଓ ଝଗଡ଼ା ହେବା ପରେ ଶେଷରେ ରାଣୀଙ୍କୁ ହତ୍ୟା କରି ପଟିଆଲା ଚାଲିଯାଇଥିଲା ମନପ୍ରୀତ । ତେବେ ଦିଲ୍ଲୀ କ୍ରାଇମ ବ୍ରାଂଚ ସିସିଟିଭି ଫୁଟେଜ ଓ ଟେକ୍ନିକାଲ ସର୍ଭିଲାନ୍ସ ଜରିଆରେ ଅପରାଧୀ ନିକଟରେ ପହଁଚି ତାକୁ ଗିରଫ କରିଛି । ୨୦୧୫ ମସିହାରୁ ରାଣୀ ଓ ତାର ଝିଅକୁ ନେଇ ମନପ୍ରୀତ ତିଲକ ନଗରରେ ରହି ଆସୁଥିଲା । ମୃତ ମହିଳାଙ୍କ ଝିଅ କହିଛି ଅର୍ଥଅଭାବକୁ ନେଇ ଦୁଇଜଣଙ୍କ ମଧ୍ୟ ସବୁବେଳେ ପାଟିତୁଣ୍ଡ ହୁଏ । ତେବେ ଡିସେମ୍ବର ୧ରେ ରହୁଥିବା ଘରେ ରାଣୀକୁ ହତ୍ୟା କରି ମନପ୍ରୀତ ଫେରାର ହୋଇଥିଲା । ତେବେ ଝିଅକୁ ସନ୍ଦେହ ହେବା ପରେ ସେ ପୁଲିସକୁ ସୂଚନା ଦେଇଥିଲା । ଏହି ସୂଚନା ଆଧାରରେ ହତ୍ୟାର ୨୪ ଘଂଟା ଭିତରେ ଅଭିଯୁକ୍ତ ଧରିବାରେ ସଫଳ ହୋଇଛି ପୁଲିସ ।

## ପଦ୍ମପୁର ଉପନିର୍ବାଚନ : ପ୍ରଚାର ଶେଷ, ୫ରେ ମତଦାନ



ଭୁବନେଶ୍ୱର, ୦୩/୧୨ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ପାଇଁ ଶନିବାର ସଂଧ୍ୟାରେ ପ୍ରଚାର ଶେଷ ହୋଇଛି । ପ୍ରଚାରର ଶେଷ ଦିନରେ ସମସ୍ତ ରାଜନୈତିକ ଦଳ ଜୋରସୋରରେ କ୍ୟାମ୍ପେନ୍ କରିଛନ୍ତି । ଘରକୁ ଘରକୁ ବୁଲି ପ୍ରାର୍ଥୀମାନେ ଭୋଟରଙ୍କ ସହଯୋଗ ଲୋଡିଛନ୍ତି । ଗତକାଲି ବିଜେଡି ପ୍ରାର୍ଥୀନୀ ବର୍ଷାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନିଜେ ପ୍ରଚାର କରିଥିଲେ । ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ପୁଣିଥରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । ଗତ ୩ ଦିନ ହେଲା କେନ୍ଦ୍ରମନ୍ତ୍ରୀ ପଦମପୁରରେ ପ୍ରଚାର ମଙ୍ଗ ଧାରିଥିବା ବେଳେ ଶନିବାର ଝାରବନ୍ଧରେ ଆୟୋଜିତ ସାଧାରଣ ସଭାରେ ପ୍ରଦୀପଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି । ସୂଚନାଯୋଗ୍ୟ ଯେ ଆସନ୍ତା ୫ ତାରିଖରେ ଭୋଟ୍ ଗ୍ରହଣ ହେବ । ଉପନିର୍ବାଚନରେ ଭୋଟଗ୍ରହଣ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଚାଲିବ । ପଦ୍ମପୁର ମଇଦାନରେ ମୋଟ ୧୦ ଜଣ ପ୍ରାର୍ଥୀ ରହିଛନ୍ତି । ପଦମ୍ପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୫୭୪୭୪ ଜଣ ଭୋଟର ୩୧୯ ଗୋଟି ବୁଥ୍‌ରେ ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ । ସେଥି ମଧ୍ୟରୁ ୧୨୯୪୯୭ ଜଣ ପୁରୁଷ ଭୋଟର, ୧୨୭୯୬୫ ଜଣ ମହିଳା ଭୋଟର, ୧୨ ଜଣ ତୃତୀୟ ଲିଙ୍ଗ ଭୋଟର ଏବଂ ୧୯୯ ଜଣ ସର୍ଭିସ୍ ଭୋଟର ଆସନ୍ତା ଡିସେମ୍ବର ୫ ତାରିଖ ଦିନ ୩୧୯ ଗୋଟି ବୁଥ୍‌ରେ ମତଦାନ କରିବେ ।

## ହୋଟେଲ ବ୍ୟବସାୟୀ ଶିବ ପ୍ରସାଦ ଦାସ ପୁଣି ଇଡିରେ ହାଜର ହେଲେ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ବହୁଚର୍ଚ୍ଚିତ ଲେଡି ବ୍ଲାକମେଲର୍ ଅର୍ଚ୍ଚନା ନାଗ ମାମଲାରେ ହୋଟେଲ ବ୍ୟବସାୟୀ ଶିବ ପ୍ରସାଦ ଦାସ ଆଜି ପୁଣି ଇଡିରେ ହାଜର ହୋଇଛନ୍ତି । ସେ ଦ୍ୱିତୀୟ ଥର ଲାଗି ନିଜ ଓକିଲଙ୍କ ସହ ଇଡି କାର୍ଯ୍ୟାଳୟରେ ପହଞ୍ଚିଛନ୍ତି । ହାଜର ହେବା ପୂର୍ବରୁ ସେ ଗଣମାଧ୍ୟମକୁ କହିଛନ୍ତି, କୌଣସି ଆର୍ଥିକ କାରବାର କରି ନାହାନ୍ତି । ଅର୍ଚ୍ଚନା ତାଙ୍କ ହୋଟେଲକୁ ଯାଉଥିଲେ । ହେଲେ ତାଙ୍କ ସହ ସେ କୌଣସି ଅର୍ଥନୈତିକ କାରବାର କରି ନାହାନ୍ତି । ଅର୍ଚ୍ଚନା ତାଙ୍କ ହୋଟେଲକୁ ଯାଇଥିବା କାରଣରୁ ଇଡି ତାଙ୍କୁ ଡାକିଥିବା ସେ ପ୍ରକାଶ କରିଛନ୍ତି ।

## ପାଗଳ କୁକୁର ଆକ୍ରମଣରେ ୫୦ ଆହତ



ବାଲେଶ୍ୱର, ୦୩/୧୨ (ନି.ପ୍ର): ମଶାଙ୍କ ଭଳି ବାଲେଶ୍ୱର ସହରରେ ଦିନକୁ ଦିନ ବୁଲା କୁକୁରଙ୍କ ଦୌରାତ୍ମ୍ୟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଶନିବାର ଏକ ପାଗଳ କୁକୁରର କାମୁଡ଼ାରେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ଆହତମାନଙ୍କର ଚିକିତ୍ସା ଚାଲିଥିବା ବେଳେ ଉତ୍ୟକ୍ତ ଲୋକେ ପିଟି ପିଟି କୁକୁରକୁ ମାରିଦେଇଥିବା ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଠାରୁ ଏକ ପାଗଳ କୁକୁର ସହରର ୪, ୬, ୧୧ ଏବଂ ୨ନମ୍ବର ୱାର୍ଡର ବିଭିନ୍ନ ଅଂଚଳରେ ଲୋକମାନଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ଆଜି ସକାଳଠାରୁ ସହରର ଖ୍ୱାଜାବାଗ, ନୁରୁପୁର ରୋଡ, ବାଲୁବଜାର, ପଠାଣ ମହଲ୍ଲା, ଅରଡ଼ ବଜାର ପ୍ରଭୃତି ସ୍ଥାନରେ ଏହି କୁକୁର ଲୋକମାନଙ୍କୁ ଆକ୍ରମଣ କରି ଖଣ୍ଡିଆ ଖବରା କରିଦେଇଛି । କାହାର ହାତ ତ କାହାର ଗୋଡ଼ ଏବଂ ଆଉ କାହାର ଜଙ୍ଘରେ ଏହି କୁକୁର କାମୁଡ଼ିଛି । ବୁଲା କୁକୁରଙ୍କ ବଂଶ ବୃଦ୍ଧି ରୋକିବାକୁ ପୌରପାଳିକା ପକ୍ଷରୁ ପୂର୍ବରୁ କାର୍ଯ୍ୟକାରୀ ବ୍ୟବସ୍ଥା ଦୀର୍ଘଦିନ ଧରି ବନ୍ଦ ହୋଇଥିବା ବେଳେ ସହରରେ କୁକୁରଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ବୁଲା କୁକୁର ଉତ୍ପାତକୁ ରୋକିବା ପାଇଁ ପୌରପାଳିକା ପକ୍ଷରୁ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ତୀବ୍ର ହେବ ବୋଲି ଆହତଙ୍କ ସମ୍ପର୍କୀୟ ତଥା ସାଧାରଣ ଲୋକେ ଚେତାବନୀ ଦେଇଛନ୍ତି । ମଦିନା ବିବି, ସୃଷ୍ଟିଧର ଦେ, ଆୟେସା ବିବି, ସେଖ ସମଦ ଅଲି, ସେଖ କାଦର,ସେଖ ଇଦ୍ରିସ,କମରୁନ ବିବି, ନସିବା ବିବି, ସେଖ ପିଂଟୁ, ସେଖ କାଲା ବାବୁ, ସେଖ ଆମାନୁଲ୍ଲା ପ୍ରମୁଖ ଗୁରୁତର ଭାବେ ଆହତ ହୋଇଛନ୍ତି ।

## ରାହୁଲ ଗାନ୍ଧୀଙ୍କ 'ଜୟ ସିୟାରାମ' ବୟାନକୁ ନେଇ ବିବାଦ

ନୂଆଦିଲ୍ଲୀ, ୦୩/୧୨ : ଭାରତ ଯୋଡ଼ ଯାତ୍ରା ବେଳେ ରାହୁଲ ଗାନ୍ଧୀଙ୍କ ଏକ ବୟାନକୁ ନେଇ ବିବାଦ ଜୋର ଧରିଛି । ଶୁକ୍ରବାର ବିଜେପି ଓ ଆରଏସଏସକୁ 'ଜୟ ସିୟାରାମ' କହିବାକୁ ପରାମର୍ଶ ଦେଇଥିଲେ କଂଗ୍ରେସ ନେତା ତଥା ସାଂସଦ ରାହୁଲ ଗାନ୍ଧୀ । ରାହୁଲଙ୍କ ଏହି ବୟାନ ପରେ ବିଜେପି ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଛି । ରାହୁଲଙ୍କୁ ଟାର୍ଗେଟ୍ କରି ▶▶ପୃଷ୍ଠା ୭

## ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲା : କବିତାଙ୍କୁ ମିଳିଲା ସିବିଆଇ ସମନ



ନୂଆଦିଲ୍ଲୀ, ୦୩/୧୨ : ଯେଉଁ ଅବକାରୀ ନୀତି ଦୁର୍ନୀତିକୁ ନେଇ ଉଠୁଛି ପଡୁଛି ରାଜଧାନୀ ଦିଲ୍ଲୀ ଏବେ ସେହି ଦୁର୍ନୀତିର ଚେର ଦକ୍ଷିଣ ଭାରତର ପ୍ରମୁଖ ରାଜ୍ୟ ତେଲେଙ୍ଗାନା ପର୍ଯ୍ୟନ୍ତ ଲମ୍ବିଥିବା ଚର୍ଚ୍ଚା ହେଉଛି । ଏହି ଚର୍ଚ୍ଚା ସେହି ସମୟରେ ସାମ୍ନାକୁ ଆସିଛି ଯେବେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କେ. କବିତାଙ୍କ ନାଁ ଏହି ମାମଲାକୁ ଭିତରକୁ ଟଣା ହୋଇଛି । ସିବିଆଇ ଏବେ ଟିଆରଏସର ବିଧାୟିକା ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅଙ୍କୁ ଜେରା ପାଇଁ ସମନ ପଠାଇଛି । ସିଆରପିସି ଧାରା ୧୬୦ ଅନୁସାରେ ବିଧାୟିକାଙ୍କୁ ସମନ ଜାରି କରାଯାଇଛି । ଡିସେମ୍ବର ୬ରେ ଜେରା ପାଇଁ ହାଜର ହେବାକୁ କୁହାଯାଇଛି । ଦିଲ୍ଲୀ ହାଇକୋର୍ଟରେ ଇଡି ଏକ ଆବେଦନ ଦାୟର କରିଛି । ଯେଉଁଥିରେ କୁହାଯାଇଛି ଲାଂଚ ନେବା ମାମଲାରେ କବିତାଙ୍କ ନାଁ ସମ୍ପୃକ୍ତି ରହିଛି । ସେପଟେ କବିତା ଦିଲ୍ଲୀ ଆସିପାରିବେନି ଓ ତାଙ୍କୁ ଜେରା ହାଇଦ୍ରାବାଦ ବାସଭବନରେ କରାଯାଉ ବୋଲି ନିଜ ଜବାବରେ ସେ କହିଛନ୍ତି । ମାମଲାରେ କିଛି ଦିନ ହେବ ଇଡି ଗୁରୁଗ୍ରାମରୁ ଅମିତ ଆରୋରା ନାମକ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଥିଲା । ଅମିତଙ୍କୁ ଜେରା କରିବା ସମୟରେ କବିତାଙ୍କ ନାଁ ସାମ୍ନାକୁ ଆସିଥିବା କୁହାଯାଉଛି । ଇଡି କହିଛି କି ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ସାଉଥ ଗ୍ରୁପର କନେକ୍ସନ ରହିଛି । ଏହି ଗ୍ରୁପର ମୁଖ୍ୟ ହେଉଛନ୍ତି କବିତା । ଅନ୍ୟପଟେ ଗିରଫ ବ୍ୟବସାୟୀ ବିଜୟ ନାୟର ମଧ୍ୟ ଆପକୁ ୧୦୦କୋଟି ଟଙ୍କା ଲାଂଚ ଦେଇଥିବା ଇଡି ଦାବି କରିଛି । ସେପଟେ ଇଡିର ଦାବି ଭିତରେ କବିତା ମୁହଁ ଖୋଲିଛନ୍ତି । ସେ କହିଛନ୍ତି କି ଯେଉଁ ରାଜ୍ୟରେ ନିର୍ବାଚନ ହେବ ▶▶ପୃଷ୍ଠା ୭

## ୪୦ ହଜାର ଲାଂଚ ନେବାବେଳେ ତହସିଲ କିରାଣିଙ୍କୁ କାବୁ କଲା ଭିଜିଲାନ୍ସ



ବାରିପଦା, ୦୩/୧୨ (ନି.ପ୍ର): ଯଶିପୁର ତହସିଲ ଅଫିସର କିରାଣୀ ଭାର୍ଗବ ମହାକୁଡ ୪୦ହଜାର ଟଙ୍କା ଲାଂଚ ନେଉଥିବା ସମୟରେ ଭିଜିଲାନ୍ସ ଦ୍ୱାରା ରେଡ ହ୍ୟାଣ୍ଡରେ ଗିରଫ ହୋଇଥିବାର ଜଣାଯାଇଛି । ସୂଚନା ମୁତାବକ ଏକ ସିଭିଲ କେସର କୋର୍ଟ ଡିକ୍ରି ବଳରେ ଯଶିପୁର ତହସିଲ ଅଫିସରେ ଚାଲିଥିବା ଏକ ମ୍ୟୁଟେସନ କେସରେ ପଟ୍ଟା କରାଇ ଦେବା ପାଇଁ ପୂର୍ବରୁ କିରାଣୀ ଭାର୍ଗବ ମହାକୁଡ ୧୫ ହଜାର ଟଙ୍କା ଲାଂଚ ନେଇସାରିଥିବା ବେଳେ ଆଜି ଚୁକ୍ତି ମୁତାବକ ଅଭିଯୋଗକାରୀ ଯଶିପୁର ଥାନା କାଳିଆଣି ଗ୍ରାମର ଭିଷ୍ମ ଚରଣ ହେମ୍ବ୍ରମଙ୍କ ଠାରୁ କେମିକାଲ ବୋଳା ହୋଇଥିବା ୪୦ ହଜାର ଟଙ୍କା ଲାଂଚ ଗ୍ରହଣ କଲାବେଳେ ବାଲେଶ୍ୱର ଓ କେନ୍ଦୁଝରର ଭିଜିଲାନ୍ସର ମିଳିତ ଟିମ ମାଡିବସି କାବୁ କରିଥିବାର ଜଣାଯାଇଛି । ତାଙ୍କଠାରୁ ଭିଜିଲାନ୍ସ ଟିମ ଲାଂଚ ନେଇଥିବା ସମସ୍ତ ୪୦ ହଜାର ଟଙ୍କା ଜବଦ କରିବା ସହିତ ହାତ ଧୋଇବାରୁ ପାଣିଲାଲ ହୋଇଥିବାର ଦେଖାଯାଇଥିଲା । ତେବେ ଏବାବଦରେ ବାଲେଶ୍ୱର ଭିଜିଲାନ୍ସ ଥାନା କେସ ନଂ ୩୪ ମୂଳେ ମାମଲା ରୁଜୁ ହେବା ସହ ଗିରଫ ହୋଇଥିବାର ଜଣାଯାଇଛି । ତେବେ ବିଭିନ୍ନ ସମୟରେ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ ଆଦି ବିଭାଗରେ ଏଭଳି ମୋଟା ଅଙ୍କର ଲାଂଚ ନେଉଥିବା ବେଳେ, ତଳିଆ କର୍ମଚାରୀ ମାନେ ଭିଜିଲାନ୍ସ ହାବୁଡରେ ପଡୁଥିବା ବେଳେ, ବାସ୍ତବରେ ବଡମାଛ ଅଧିକାରୀ ଖସିଯାଉଥିବାର ସ୍ଥାନୀୟ ବୁଦ୍ଧିଜିବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ପୁଣି ଥରେ ବିଦେଶୀଙ୍କ ସହ ଦୁର୍ବ୍ୟବହାର : ଲଜ୍ଜିତ ହେଲା ବିଶ୍ୱବିଦ୍ୟାଳୟ !

ନୂଆଦିଲ୍ଲୀ, ୦୩/୧୨ : ପୁଣି ଥରେ ଲଜ୍ଜିତ ହୋଇଛି ବିଶ୍ୱବିଦ୍ୟାଳୟ । ଜଣେ ବିଦେଶୀ ଛାତ୍ରୀଙ୍କୁ ଶାରୀରିକ ଶୋଷଣ କରିବା ଅଭିଯୋଗରେ ଉଠିଛି ପଡିଛି ହାଇଦ୍ରାବାଦ ସେଂଟ୍ରାଲ ୟୁନିଭର୍ସିଟି । ଜଣେ ଥାଇଲ୍ୟାଣ୍ଡ ଛାତ୍ରୀଙ୍କୁ ଜଣେ ଅଧ୍ୟାପକ ଅଶାଳୀନ ବ୍ୟବହାର ଓ ଶାରୀରିକ ଶୋଷଣ କରିଥିବା ଅଭିଯୋଗ ହୋଇଛି । ଘଟଣା ସାମ୍ନାକୁ ଆସିବା ପରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରାଯିବା ସହ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି । ଗୁରୁଙ୍କୁ ଏଠି ସମ୍ମାନ ମିଳିବା ବଦଳରେ ମିଳୁଛି ଗାଳି । ଗୁରୁଙ୍କ ପୂଜା କରିବା ବଦଳରେ ଛାତ୍ରଛାତ୍ରୀ ଦାବି କରୁଛନ୍ତି ତାଙ୍କୁ ମିଳୁ କଠୋର ଦଣ୍ଡ । ଶହ ଶହ ଛାତ୍ରଛାତ୍ରୀଙ୍କ ମନରେ କ୍ଷୋଭ, ଆକ୍ରୋଶ ଓ ପ୍ରତିବାଦର ସ୍ୱର । ଯେଉଁଠି ଶୁଣିବେ ସେଠି କେବଳ ଆଉ କେବଳ ଅଧ୍ୟାପକଙ୍କ ଆକ୍ରୋଶ ଦେଖିବାକୁ ମିଳୁଛି । କାରଣ ପୁଣିଥରେ ଲଜ୍ଜିତ ହୋଇଛି ବିଶ୍ୱବିଦ୍ୟାଳୟ । ଛାତ୍ରୀଙ୍କ ସହ ଅଧ୍ୟାପକଙ୍କ ଅଶାଳୀନ ବ୍ୟବହାରକୁ ନେଇ ଉଠୁଛି ପଡୁଛି ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ । ସୂଚନା ଅନୁସାରେ ଏଠାରେ ପଢୁଥିବା ଜଣେ ଥାଇଲ୍ୟାଣ୍ଡ ଛାତ୍ରୀଙ୍କୁ ଜଣେ ଅଧ୍ୟାପକ ଘରୁ ଡାକି ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ରବି ରଂଜନ ନାମକ ଜଣେ ଅଧ୍ୟାପକ ଏହି ଛାତ୍ରୀଙ୍କୁ ବହି ଦେବା ବାହାନାରେ ଘରକୁ ଡାକି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଶାରିରୀକ ଶୋଷଣର ଶିକାର ହୋଇ ଛାତ୍ରୀ ବିଶ୍ୱବିଦ୍ୟାଳୟକୁ ଫେରିଥିଲେ ଓ ତାଙ୍କୁ କାନ୍ଦୁଥିବା ଦେଖି ସହପାଠୀ ପଚାରିବୁଝିବା ପରେ ଘଟଣା ସାମ୍ନାକୁ ଆସିଥିଲା । ଏହା ପରେ ଛାତ୍ରଛାତ୍ରୀ ଅଭିଯୁକ୍ତ ଅଧ୍ୟାପକଙ୍କ ବିରୋଧରେ ବିକ୍ଷୋଭ ଆରମ୍ଭ କରିବା ପରେ ▶▶ପୃଷ୍ଠା ୭

# ଆମର ସ୍ୱତନ୍ତ୍ର ପରିଚୟ ପତ୍ର, ଏହାର ସଦାସର୍ବଦା ସୁନିଶ୍ଚିତ ଓ ବ୍ୟବହାର ଯୋଗ୍ୟ ରଖିବା ସହିତ ଶତ ପ୍ରତିଶତ ଆଧାର ପଞ୍ଜିକରଣ ନିମନ୍ତେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, ୦୩/୧୨ (ନି.ପ୍ର): ଆଧାରକୁ ସଦା ସର୍ବଦା ସୁନିଶ୍ଚିତ ଓ ବ୍ୟବହାର ଯୋଗ୍ୟ ରଖିବା ସହିତ ଶତ ପ୍ରତିଶତ ଆଧାର ପଞ୍ଜିକରଣ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଧାର ପଞ୍ଜିକରଣ ନିମନ୍ତେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଆଧାର ପରିଚାଳନା କମିଟୀ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ବୈଠକରେ ନିର୍ଦ୍ଦେଶକ, ଟଓଉଇଓ କଲୋନେଲ ପ୍ରଶାନ୍ତ କକର, ଆଧାର ପଞ୍ଜିକରଣ ଓ ତତ ସମ୍ବନ୍ଧୀତ ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋକପାତ କରିବା ସହ ଆଧାର ପଞ୍ଜିକରଣ ଓ ଡେମୋଗ୍ରାଫି / ବାୟୋମେଟ୍ରିକ ଅପ୍‌ଡ଼େସନ ବିଷୟରେ ଆଲୋଚନା କରିଥିଲେ କ୍ଷ ଆଧାର ନମ୍ବର ହେଉଛି ପରିଚୟର ପ୍ରମାଣ ଯାହା ଭାରତର ନିବାସୀଙ୍କୁ ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ (ଟଓଉଇଓ) ଦ୍ୱାରା ଜାରି ଏକ ୧୨-ଅଙ୍କ ବିଶିଷ୍ଟ ସ୍ୱତନ୍ତ୍ର ପରିଚୟ ସଂଖ୍ୟା ଓ ନିବାସୀଙ୍କ ପରିଚୟର ପ୍ରମାଣ । ଆଧାର ନିବାସୀଙ୍କୁ ଚିହ୍ନିବା ପାଇଁ ସୂଚନା (ନାମ, ଜନମ ତାରିଖ୍, ଲିଙ୍ଗ ଏବଂ ଠିକଣା ), ମୁଖ୍ ଫଟୋଗ୍ରାଫ୍, ଆଙ୍ଗୁଠି ଛାପ ଏବଂ ଆଇରିସ୍ ବ୍ୟବାହର କରିଥାଏ । ଏହି ସୂଚନା ଗୁଡିକ ବାଧ୍ୟତାମୂଳକ ରହିଥିବା ବେଳେ ଏହା ସହିତ ନିବାସୀ ଙ୍କ ମୋବାଇଲ୍ ଫୋନ୍ ନମ୍ବରଏବଂ ଇ-ମେଲ ପ୍ରଦାନ କରିବାର ବିକଳ୍ପ ଅଛି । ଆଧାର ସିଷ୍ଟମ ଅଧିବାସୀମାନଙ୍କ ପାଇଁ ସମଗ୍ର ଦେଶରେ ଅଫଲାଇନ୍ / ଅନଲାଇନ୍ ପରିଚୟ ଯାଂଚ୍ ପ୍ରଦାନ କରିଥାଏ । ଥରେ ପଞ୍ଜୀକରଣ କରିବା ପରେ, ଆପଣ ଇଲେଟକ୍ରାନିକ୍ ମାଧ୍ୟମ ବ୍ୟବାହର କରି କିମ୍ବା ଅଫଲାଇନ୍ ଯାଂଚ୍ ମାଧ୍ୟମଟର ଆପଣଙ୍କର ପରିଚୟକୁ ଏକାଧିକ ଥର ପ୍ରମାଣିକରଣ ଏବଂ ପ୍ରତିଷ୍ଠା କରିବା ପାଇଁ ଆଧାର ନମ୍ବର ବ୍ୟବହାର କରିପାରିବେ କ୍ଷ ଆଧାର ମାଧ୍ୟମରେ ନିବାସୀ ବିଭିନ୍ନ ସରକାରୀ ଯୋଜନା / କାର୍ଯ୍ୟକ୍ରମର ଲାଭ ଉପଭୋଗ କରିବା ସହ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହଜ ହୋଇଥାଏ କ୍ଷ ପୁନଶ୍ଚ ନିବାସୀ ଏକ ମୋବାଇଲ ଝଓଗ କାର୍ଡ ପାଇବା ସହଜ ହୋଇଥିବା ବେଳେ ବିଭିନ୍ନ ସ୍କୋଲାରସିପ ପ୍ରୋଗ୍ରାମ ପାଇଁ ଆଧାର ପରିଚୟ ଆବଶ୍ୟକ ହୋଇଥାଏ ଏପରିକି ବ୍ୟାଙ୍କ ଦ୍ୱାରା ଋଣ ଆବେଦନର ଶ୍ରୀଘ ପ୍ରକ୍ରିୟାକରଣ ହୋଇପାରେ । ମାତ୍ର ଏହାକୁ ସଦା ସର୍ବଦା ସୁ ନିର୍ଣ୍ଣିତ ଓ ବ୍ୟବହାର ଯୋଗ୍ୟ ନିମନ୍ତେ ଆବଶ୍ୟକ ଆଧାର ଅପଡେଟ କରିବା ବାଞ୍ଛନିୟ.,ଏଥି ନିମନ୍ତେ ଯେତେବେଳେ ଶିଶୁଙ୍କୁ ୫ ବର୍ଷ ଏବଂ ପୁଣି ଥରେ ୧୫ ବର୍ଷ ବୟସରେ ପିଲାମାନଙ୍କର ବାୟୋମେଟ୍ରିକ୍ ବିବରଣୀ ଆଧାର ଅପଡେଟ୍ କରାଇବା ଆବଶ୍ୟକ । ପ୍ରତି ୧୦ ବର୍ଷରେ ଥରେ ଡେମୋଗ୍ରାଫି ଓ ବାୟୋଟମଟ୍ରିକ୍ର ଆଧାର ଅପଡେଟ କରାଇବା । ଅର୍ଥାତ ୨୦୧୪ ମସିହା ପୂର୍ବରୁ ଯେଉଂମାନେ ଆଧାର ପଞ୍ଜିକରଣ କରିଛନ୍ତି ସେମାନେ ରି-ଭେଲିଡେଶନ (ଜର-ଝବକ୍ଷସ-ୟବସ୍ମସକ୍ଟଭ) ପାଇଁ ଆଧାର ଅପଡେଟ କରିବେ । ଶିଶୁ ତଥା ୫ ବର୍ଷ ଏବଂ ୧୫ ବର୍ଷ ବୟସରେ ପିଲାମାନଙ୍କର ବାଟୟାଟମଟ୍ରିକ୍ ବିବରଣୀ ଆଧାର ଅପଡେଟ୍ କରାଇବାରେ ସାହାଯ୍ୟ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ,ସୋନପୁର ଓ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ,ସୋନପୁର ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶିଶୁମାନଙ୍କର ଆଧାରକୁ ସୁନିଶ୍ଚିତ କରିବା ନିମନ୍ତେ ଜନ୍ମ ପ୍ରମାଣ ପତ୍ର ଶୀଘ୍ର ପ୍ରଦାନ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଜନସାଧରଙ୍କର ଆଧାର ଅପଡେଟ ସଚେତନ ସୂଚନା ପାଇଁ ଜିଲ୍ଲା ତଥା ତୃଣ ମୂଳ ସ୍ତରରେ ଆୟୋଜିତ ବିଭିନ୍ନ ବୈଠକରେ ଆଲୋଚନା କରିବା, ବେନର,ପୋଷ୍ଟର, ଫେସବୁକ , ଟ୍ୱିଟର , ହ୍ୱାଟ୍ସଅପ ମାଧ୍ୟମରେ ଏହାର ପ୍ରଚାର ପ୍ରସାର କରାଇବା ନିମନ୍ତେ ବୈଠକରେ ଅଧ୍ୟକ୍ଷା ଗୁରୁତ୍ୱାରୋପ କରିଛନ୍ତି କ୍ଷ ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଡି ଏସ ଡବ୍ଲୁ ଓ ରେଣୁବାଳା ଦାଶ, ଡିଇ ଜିଏମ ଗୁପ୍ତେଶ୍ୱର ରଣା, ଜିଲ୍ଲା ପରିଚାଳକ ସହଜ ରଜତ କୁମାର ଚୌହାନ, ଜିଲ୍ଲା ସଂଯୋଜକ ବ୍ଲୁମ ଅଭିନାଶ ପାଣ୍ଡିଆ, ପରିଚାଳକ ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ କୃଷ୍ଣଚନ୍ଦ୍ର ନାଏକ, ଏସ ବି ଆଇ ସୋନପୁର ସରୋଜ ଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ରହି ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଦ୍ୱାରା ସମ୍ବିଧାନ ଦିବସ ଓ ସପ୍ତାହ ପାଳନ

ଜୟପୁର, ୦୩/୧୨ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଷ ଅନୁଯାୟୀ କୋରାପୁଟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଦ୍ୱାରା ସମ୍ବିଧନ ଦିବସ ଓ ସପ୍ତାହ ଗତ ୨୬-୧୧-୨୦୨୨ ଠାରୁ ଆରମ୍ଭ ହୋଇ ଆଜି ୨-୧୨-୨୦୨୨ ତାରିଖରେ ସମାପନ ହୋଇଛି । ଏ ସମ୍ବିଧନ ଦିବସ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ୨୬-୧୨-୨୦୨୨ ଜିଲ୍ଲା କୋର୍ଟ ପରିସରରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ,କୋର୍ଟ ଓ ଆଇନ ସେବା ପ୍ରାଧିକରଣ କର୍ମଚାରୀଙ୍କ ଦ୍ୱାରା ଭାରତୀୟ ସମ୍ବିଧାନ ମୁଖବନ୍ଧ ପଠନ ଓ ସମ୍ବିଧନ ଦିବସର ତତ୍ପର୍ଯ୍ୟ ସମ୍ପର୍କରେ ବିଶଦ ଆଲୋଚନା କରଯାଇଥିଲା । ଏହା ପରେ ସମ୍ବିଧନ ସପ୍ତାହ ପାଳନ ଅବସରରେ ୨୭, ୨୮ ଓ ୨୯ ତାରିଖ ଆଇନ ସେବା ପ୍ରାଧିକରଣର ତାଲିମ ପ୍ରାପ୍ତ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଉପାନ୍ତ ଗ୍ରାମ ଓ ବସ୍ତି ମାନଙ୍କରେ ସମ୍ବିଧନ, ଆଇନ ସେବା ଓ ମୌଳିକ କର୍ତାବ୍ୟ ସଂପର୍କିତ ସଚେତନତା ବ୍ୟନ୍ନର,ପୋସ୍ଟର, ଲିଫଲେଟ ମାଧ୍ୟମରେ କରଯାଇଥିଲା ଏହା ସହିତ ୨୯ ଓ ୩୦ ତାରିଖ ଅନଲାଇନ ମାଧ୍ୟମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ ସତ୍ୟ ନାରାୟଣ ଆଚାରୀଙ୍କ ଓ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସରକାରୀ ଓକିଲ ଡାଃ. ଗାୟତ୍ରୀ ଦେବୀ ଓ ଜରିଆରେ ମୌଳିକ କର୍ତବ୍ୟ ତଥା ଅଧିକାର ସମ୍ପର୍କରେ ସଚେତନତା କରଯାଇଥିଲା ସମାନ ଭାବରେ ଡିସେମ୍ବର ୧ ତାରିଖ ବିଶ୍ୱ ଏଡ୍ସ ଦିବସ ପାଳନ ଅବସରରେ ମଧ୍ୟ ଉପସ୍ଥିତ ଲୋକଙ୍କୁ ସମଭିଧାନର ବିଭିନ୍ନ ଧାରା ସମ୍ପର୍କରେ ଆଲୋକପାତ କରଯାଇଥିଲା ପରିଶେଷରେ ଆଜି ୨-୧୨-୨୦୨୨ ତାରିଖ ସମ୍ବିଧାନ ସପ୍ତାହ ଉଦଜପନୀ ଦିବସରେ ଜୟପୁର ସ୍ଥିତ ସରକାରୀ ଉଚ ବିଦ୍ୟାଳୟ ଠାରେ ଛାତ୍ର ଛାତ୍ରୀଙ୍କୁ ନେଇ ଭାରତୀୟ ସମ୍ବିଧାନ ସଂପର୍କିତ ଏକ ପ୍ରବନ୍ଧ ପ୍ରତିଯୋଗୀତା ଅନୁଷ୍ଠିତ କରଯାଇଥିଲା । ଏହି ଅବସର ରେ ସମ୍ବିଧାନର ବିଭିନ୍ନ ଧାରା, ମୌଳିକ କର୍ତାବ୍ୟ ଓ ଅଧିକାର ସଂପର୍କିତ ଏକ ସଚେତନତା ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁମନ ଜେନା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସିମାଂଚଳ ମିଶ୍ର ଓ ଶିକ୍ଷକ ଶ୍ରୀ ବିଶ୍ୱରଞ୍ଜନ ଗୌଡଙ୍କ ଉପସ୍ଥିତିରେ ପ୍ରବନ୍ଧ ପ୍ରତିଯୋଗୀତାରେ ଯଥାକ୍ରମେ ପ୍ରଥମ ଦିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ହୋଇଥିବା ଛାତ୍ରଛାତ୍ରୀ ପୁର୍ନମୟୀ ପ୍ରିୟଦର୍ଶନୀ ସମନ୍ତରା, ଶ୍ରୁତିରଞ୍ଜନ ସାମନ୍ତ ଏବଂ ପ୍ରଭାତ ପ୍ରଧାନ ଙ୍କୁ ପୁରସ୍କୃତ କରଯାଇଥିଲା ।

# ବ୍ରହ୍ମବରଦା ମହାବିଦ୍ୟାଳୟରେ ବାଲ୍ୟ ବିବାହ ନିଷେଧ ଓ ନିୟନ୍ତ୍ରଣ ସମ୍ପର୍କୀତ ଆଲୋଚନାଚକ୍ର

ଧର୍ମଶାଳା, ୦୩/୧୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବାଲ୍ୟ ବିବାହ ନିଷେଧ ଓ ନିୟନ୍ତ୍ରଣ ଆଇନକୁ ଅଧିକ ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ବାଲ୍ୟ ବିବାହ ସମ୍ପର୍କୀତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ୩୬ ନଂ ଜୋନର ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର,ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରାମର୍ଶଦାତା ତପନ କୁମାର ପଣ୍ଡା ଓ ଆକ୍ସନଏଡ ଜିଲା ସଂଯୋଜକ ସୁରେନ୍ଦ୍ର କୁମାର ଦିଗାଲ ପ୍ରମୁଖ ଯୋଗ ଦେଇ ଶିଶୁର ସୁରକ୍ଷା, ସେମାନଙ୍କ ଥଇଥାନ ଓ କିଶୋରୀ ବାଳିକା ସୁରକ୍ଷାକୁ ଅଧିକ ମଜବୁତ କରିବା ପାଇଁ ଅଦ୍ୱିକା ଅସ୍ୱର ବ୍ୟବହାର ଓ ଭୂମିକା , ବାଲ୍ୟ ବିବାହର କୁପ୍ରଭାବ ଓ କୁପରିଣାମ ଉପରେ ମତବ୍ୟକ୍ତ କରିଥିଲେ ।

ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ ଦାଶରଥୀ ପାତ୍ର, ବରିଷ୍ଠ ନାଗରିକ ବିପିନ ବିହାରୀ ଦେଓ, ଶିକ୍ଷାବତ୍ ଆଲାଉଦ୍ଦିନ ଖାଁନ, ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ, ରଶ୍ମିରଞ୍ଜନ ଦାଶ, ଆଇସିଡିଏସ କ୍ଷେତ୍ର ପରିଦର୍ଶୀକା ମୀନାକ୍ଷୀ ଦାସ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ର ବିଶ୍ୱନାଥ ଦାସ ପ୍ରମୁଖ ଯୋଗ ଦେଇ ସମ୍ପ୍ରତି ସମାଜରେ ବାଲ୍ୟ ବିବାହର କରୁଣ ପରିଣତି ସମ୍ପର୍କରେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଛାତ୍ରୀ ସୁମୈୟା ସେଖ୍ ଓ ମୁଜଦଲଫା ସେଖ୍ ବାଲ୍ୟ ବିବାହ କାରଣ ଓ ନିଷେଧ ସମ୍ପର୍କରେ ନିଜନିଜର ମତାମତ ପ୍ରଦାନ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ଦୁହିଁଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ ଅଧିକାର କର୍ମୀ ମଂଟୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଯୋଗ ଦେଇଥିଲେ ।

# ବଲାଙ୍ଗିର ଜିଲ୍ଲାରେ ଆଇନ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ

ବଲାଙ୍ଗିର, ୦୩/୧୨ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆଇନ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥକୁ ଜିଲ୍ଲାପାଳ ଚଂଚଳ ରାଣା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ସଚେତନତା ରଥ ମାଧ୍ୟମରେ ଆଇନ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲାର ସମସ୍ତ ୧୪ ଗୋଟି ବ୍ଲକ ତଥା ସମସ୍ତ ପୌରାଚଂଳ ଓ ବିଜ୍ଞାପିତ ଅଂଚଳରେ ତିନି ଦିନ ଧରି ସଚେତନତା ରଥ ପରିକ୍ରମା କରିବା ସହ ପ୍ରଚାର ପତ୍ର ବଂଟନ ଓ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ଏବଂ ବିଭିନ୍ନ ସ୍ଥାନରେ ସଚେତନତା ସଭା ଆୟୋଜନ କରାଯାଇ ଆଇନ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥାକୁ ଆପଣାଇବାକୁ ପ୍ରୋତ୍ସାହିତ କରାଯିବ ।

ଆଜିର ଏହି ସଚତନତା ରଥର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସନ୍ତୁଲାଲ ଦୀପ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ,ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି, ସଦସ୍ୟ ଡ଼. ଗୋଦାବରୀଶ ରଥ, ବିରଂଚି ବହିଦାର, ନନ୍ଦକିଶୋର ଷାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି କାର୍ଯ୍ୟକ୍ରମରେ ପଲ୍ଲି ଆଲୋକ ପାଠାଗାରର ପ୍ରଶାନ୍ତ ନାୟକ, ହିରାଲାଲ ମିଶ୍ର, ଓ୍ୱାନ ଷ୍ଟପ ସେଣ୍ଟର ବଲାଙ୍ଗିରର ଆଲିଶା ଚକ୍ରବର୍ତୀ, ପ୍ରତିଭା ଦାଶ, ସୁଜାତା ପ୍ରଧାନ, ନିରୁପମା ଜାଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଶିଶୁ ସୁରକ୍ଷା ୟୁନିଟ ର ସୁଧାଂଶୁ ଶେଖର କୁମ୍ଭାର, ଚୂଡାମଣି ପଣ୍ଡା, ଦିଗାମ୍ବର କର, ଅରୁଣ ଖୁଆସ, ସୁଦାମ ସୁନା, ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତୀ ପରିଚାଳନା କରିଥିବା ବେଳେ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ଅନୁଷ୍ଠାନ ର ନିର୍ଦ୍ଦେଶକ କ୍ଷମାନିଧି ମେହେର, କାର୍ଯ୍ୟକ୍ରମ ପରିଚାଳକ ଦେବାଶିଷ ପଟେଲଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ସାଇବାବା ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ

ଗଂଜାମ, ୦୩/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଏସ. ଛଟିନା ଗ୍ରାମର ଗିରିପୂଜା ପାହାଡ଼ରେ ଅବସ୍ଥିତ ସାଇବାବା ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିସରରେ ପଣ୍ଡିତ ମାନଙ୍କ ଦ୍ୱାରା ହୋମ ଯଜ୍ଞ, ବିଗ୍ରହ ପୂଜା, ପଲଙ୍କ ପୂଜା କରାଯାଇଥିଲା । ଏଥିସହ ଏକ ଭଜନ ସମାରୋହ ମାଷ୍ଟର ଇନ୍ଦ୍ରମଣି ଶାସମଲଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଭକ୍ତ ମାନଙ୍କ ଗହଣରେ ସାଇବାବାଙ୍କ ବିଗ୍ରହକୁ ମହା ଆଡମ୍ବର ସହକାରେ ଗ୍ରାମ ପରିକ୍ରମା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋଦଳା ଏନଏସିର ପୂର୍ବତନ ଅଧ୍ୟକ୍ଷ ହର ପ୍ରସାଦ ସାହୁ ଯୋଗଦେଇ କମିଟିର କାର୍ଯ୍ୟକୁ ପ୍ରଶଂସା କରିବା ସହ ସମସ୍ତ ସହଯୋଗ କରିବା ପାଇଁ କହିଥିଲେ । ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି । ଶହ ଶହ ଭକ୍ତ ପ୍ରଭୁ କୃପା ଲାଭ କରିବା ସହ ପ୍ରସାଦ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ ।

# କଳାହାଣ୍ଡି ଜିଲ୍ଲାରେ ନିରନ୍ତର ବିକାଶ ଲକ୍ଷ୍ୟ ନେଇ ୨ ଦିନିଆ କର୍ମଶାଳା

ଭବାନୀପାଟଣା, ୦୩/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ (ଡ଼ିପିଏମୟୁ) କଳାହାଣ୍ଡିର ମିଳିତ ଆନୁକୁଲ୍ୟରେ ଓଡିଶାର ନିରନ୍ତର ବିକାଶ ଲକ୍ଷରେ ୨୦୩୦ କାର୍ଯ୍ୟସୂଚିର ରୂପାୟନ ବିଷୟ ବସ୍ତୁ ନେଇ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପାଓ୍ୱାର ସଚିନ ପ୍ରକାଶ, ରାଜ୍ୟ ଯୋଜନା ଏବଂ ସଂଯୋଜନା ବିଭାଗର ସହ ନିର୍ଦ୍ଦେଶିକା ଅଲକା ଜେନା, ଡ଼ିପିଏମୟୁ ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ମଂଚାସୀନ ଥିଲେ । ଏହି ଅବସରରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କଳାହାଣ୍ଡି ଜିଲ୍ଲାର ନିରନ୍ତର ବିକାଶ ଲକ୍ଷରେ ୨୦୩୦ କାର୍ଯ୍ୟସୂଚିର ସଫଳ ରୂପାୟନ ପାଇଁ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ମାନଙ୍କର ଭାଗୀଦାରୀ ଏକାନ୍ତ ଆବଶ୍ୟକ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏଥିସହ ପଂଚାୟତ ସ୍ତରରେ ଗ୍ରାମପଂଚାୟତ ଉନ୍ନୟନ ଯୋଜନା କରିବା ସମୟରେ ନିରନ୍ତର ବିକାଶ ଲକ୍ଷ୍ୟର (ଏସ.ଡ଼ି.ଜି) ୧୭ ଟି ଲକ୍ଷ, ୯ ଟି ବିଷୟ ବସ୍ତୁକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରିବା ପାଇଁ କହିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ତଥା କଳାହାଣ୍ଡି ଜିଲ୍ଲା ଏସଡିଜି ନୋଡାଲ ଅଧିକାରୀ ପାଓ୍ୱାର ସଚିନ ପ୍ରକାଶ ନିରନ୍ତର ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ଏକାଭିମୁଖୀ ହେବା ଏବଂ ସମସ୍ତ ଗ୍ରାମ ପଂଚାୟତର ସାମୁହିକ ବିକାଶର ଗୁରୁତ୍ୱ ଦେବା ପାଇଁ ପ୍ରକାଶ କରିଥିଲେ । ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ଦେଇଥିଲେ । ଏଥିରେ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଅବସର ପ୍ରାପ୍ତ ପ୍ରଫେସର, ସହକାରୀ ପ୍ରଫେସର, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ (ଡ଼ିପିଏମୟୁ)ର ଅନ୍ୟ ଅଧିକାରୀ, ଏନଜିଓ କର୍ମକର୍ତା, ଏସଡ଼ିଜି ପରାମର୍ଶଦାତା ଡା. ରମେଶ ଚାଲାନ, ଏସ.ଡ଼ି.ଜି କୋଷ କାର୍ଯ୍ୟକ୍ରମ ପରିଚାଳକ, ଭେଙ୍କଟେସ, ଗ୍ରାମ ବିକାଶ କାର୍ଯ୍ୟକ୍ରମ ପରିଚାଳକ ଆଶୁତୋଷ ଭଟଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ ।

# ରାମକୋ ସିମେଣ୍ଟ କାରଖାନାରେ ସିକ୍ୟୁରିଟି ଗାର୍ଡଙ୍କ ସନ୍ଦେହଜନକ ମୃତ୍ୟୁ

ଧର୍ମଶାଳା, ୦୩/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ରାମକୋ ସିଂମେଟ କାରଖାନାର ଜଣେ ସିକ୍ୟୁରିଟି ଗାର୍ଡଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି । ଏଭଳି ସନ୍ଦେହଜନକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର କାରଣ ପାଲଟିଛି । ମୃତକ ଜଣକ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ସୁଜନପୁର ଅଂଚଳର ସ୍ୱର୍ଗତ ମଙ୍ଗୁଳି ଚରଣ ରାଉତଙ୍କ ପୁଅ ଦେବେନ୍ଦ୍ର(୫୦) ବୋଲି ଜଣାପଡିଛି । କମ୍ପାନୀ ପକ୍ଷରୁ ଧର୍ମଶାଳା ପୋଲିସକୁ ଜଣାଇ ଘଟଣାକୁ ଦଫାରଫା କରିବାକୁ ଉଦ୍ୟମ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ସୂଚନା ମୁତାବକ, ଦେବେନ୍ଦ୍ର ହରିଦାସପୁରସ୍ଥିତ ରାମକୋ ସିଂମେଟ କାରଖାନାରେ ସିକ୍ୟୁରିଟି ଗାର୍ଡଭାବେ କାମ କରୁଥିଲେ । ତେବେ ଆଜି ସକାଳେ କାର୍ଯ୍ୟରେ ଯୋଗ ଦେବା ବିଳମ୍ବ ହେବାରୁ , ଅନ୍ୟ ସାଥିମାନେ କମ୍ପାନୀ ନିକଟରେ ରହୁଥିବା ଘରକୁ ଖୋଜିବାକୁ ଯାଇଥିଲେ । ଫଳରେ ଘର ଭିତରରେ ଦେବେନ୍ଦ୍ର ଶୋଇ ରହିଥିବା ଦେଖିବାକୁ ପାଇଥିଲେ । ସେ ନ ଉଠିବାରୁ କମ୍ପାନୀ କର୍ମଚାରୀ ତାଙ୍କୁ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଧର୍ମଶାଳା ପୋଲିସ ମେଡିକାଲରେ ପଂହଚି ମୃତ ଦେହକୁ ଜବତ କରି ତରବରିଆଭାବେ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି । ତେବେ କେଉଁ ପରିସ୍ଥିତିରେ ଦେବେନ୍ଦ୍ରଙ୍କର ମୃତ୍ୟୁ ଘଟିଲା ତାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ସୂଚନା ଥାଉକି, ଏହି ସିଂମେଟ କାରଖାନାରେ ଆଗରୁ ମଧ୍ୟ ଅନେକ କର୍ମଚାରୀ ମୃତ୍ୟୁବରଣ କରିଥିଲେ । କମ୍ପାନୀ ପକ୍ଷରୁ ଥାନାରେ ଜଣାଇ ଘଟଣାକୁ ବହୁ ସମୟରେ ପ୍ରକୃତ ଘଟଣାକୁ ଚପାଇ ଦେଉଥିବା ନେଇ ମଧ୍ୟ ପୂର୍ବରୁ କମ୍ପାନୀ ବିରୋଧରେ ଅଭିଯୋଗ ହୋଇ ଆସୁଥିଲା । ତେବେ ପୁଣି ଆଜି ଜଣେ କର୍ମଚାରଙ୍କ ମୃତ୍ୟୁ ଘଟଣାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଘଟଣାର ପ୍ରକୃତ କାରଣ ପଦାକୁ ଆସିବ ବୋଲି ଅଂଚଳବାସୀ ଦାବି କରିଛନ୍ତି ।

# ଅଜଣା ରୋଗରେ ଯାଉଛି ଗାଈ ବାଛୁରୀଙ୍କ ଜୀବନ

ଗଂଜାମ, ୦୩/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଂଚାୟତ ଅଂଚଳରେ ଗତ ୧୫ ଦିନ ମଧ୍ୟରେ ଅଜଣା ରୋଗରେ ୨ଶହରୁ ଉର୍ଦ୍ଧ୍ୱ ଗାଇ ବାଛୁରି ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଟି ଗାଇବାଛୁରୀଙ୍କ ମୃତ୍ୟୁ ଘଟିଛି । ପ୍ରାଣୀଧନ ଚିକିତ୍ସା କର୍ମୀଙ୍କ ଅବହେଳା ଯୋଗୁ ଆବଶ୍ୟକ ଚିକିତ୍ସା ଅଭାବରୁ ଅଜଣା ରୋଗ ବ୍ୟାପୁଥିବା ଅଭିଯୋଗ ହୋଇଛି । ବ୍ଲକ ଅନ୍ତର୍ଗତ ଖଣ୍ଡିଆନଈ, ବେଗୁନିଆପଡ଼ା, ଫାଶୀ, ସୁମଣ୍ଡଳ, ଅଗାଁର ଗାଁ ଆଦି ବିଭିନ୍ନ ପଂଚାୟତ ଅଂଚଳରେ ୨ ଶହରୁ ଉର୍ଦ୍ଧ୍ୱ ଗାଇ ବାଛୁରି ଗତ କିଛି ଦିନ ହେଲା ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଗାଈ ଗୋରୁମାନଙ୍କ ପ୍ରଥମେ ଚର୍ମ ଓ ଦେହସାରା ଗୁଳା ହୋଇ ଫୋଟକା ହୋଇଯାଉଛି । ଏବଂ ତାପରେ ଫୋଟକା ଫାଟି ରକ୍ତସ୍ରାବ ହେବା ସହିତ ଜୀବାଣୁ ଲାଗୁଛନ୍ତି । ଏବଂ ପରେ ପରେ ମୃତ୍ୟୁ ମୁଖରେ ପଡୁଛନ୍ତି ଗାଈ ଗୋରୁ । ବ୍ଲକର ବିଭିନ୍ନ ପଂଚାୟତରୁ ଶହ ଶହ ସଂଖ୍ୟାରେ ଏଭଳି ଅଭିଯୋଗ ଆସୁଛି । ତେବେ ଉପଯୁକ୍ତ ଚିକିତ୍ସା ଅଭାବରୁ ତଥା ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ଅବହେଳା ଯୋଗୁ ଏହି ରୋଗର ନିରାକରଣ ହୋଇ ପାରୁନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି । ଆଜି ଏନେଇ ଅଭିଯୋଗ ପରେ ଏକ ଡାକ୍ତରୀ ଟିମ ଖଣ୍ଡିଆନଈ ଗ୍ରାମରେ ପହଂଚି ସ୍ଥିତି ଉପରେ ଅନୁଧ୍ୟାନ କରି ଆବଶ୍ୟକ ଚିକିତ୍ସା କରିଥିଲେ । ଲୋକଙ୍କୁ ବିବ୍ରତ ନହୋଇ ଗୁହାଳ ପରିଷ୍କାର ରଖିବା ସହ ଆଲବେରା, ହଳଦୀ ଗାଈ ମାନଙ୍କ ଶରୀରରେ ଲେପନ କରିବାକୁ ପରାମର୍ଶ ଦେଇଛନ୍ତି ବ୍ଲକ ଭେଟେନାରୀ ଅଫିସର ଭବାନୀ ତ୍ରିପାଠୀ । ଅନ୍ୟପଟେ ଚିକିତ୍ସା ପାଇଁ କୌଣସି ସରକାରୀ ସହାୟତା ମିଳୁନି । ନିଜ ଖର୍ଚ୍ଚରେ ଚିକିତ୍ସା କରୁଛନ୍ତି ଲୋକେ । ହଜାର ହଜାର ଟଙ୍କା ଗରିବ ଲୋକେ ଖର୍ଚ୍ଚ କରି ଖର୍ଚ୍ଚାନ୍ତ ହେଉଥିବା କହିଛନ୍ତି । ସେପଟେ ଏନେଇ ଭ୍ୟାକସିନ୍ ମଗା ଯାଇଛି । ଆସନ୍ତା କାଲି ଠାରୁ ଭ୍ୟାକସିନ୍ ଦିଆଯିବ ବୋଲି ବ୍ଲକ ଭେଟେନାରୀ ଅଫିସର କହିଛନ୍ତି । ତେବେ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି ।

# କୁଣ୍ଡେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଚମ୍ପୁଆ, ୦୩/୧୨ (ନି.ପ୍ର): ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ ଅନ୍ତର୍ଗତ ଅଟେଇ ଜଙ୍ଗଲ ସୀମାନ୍ତରେ ଅବସ୍ଥିତ କୁଣ୍ଡାପିଠା ଗ୍ରାମର ପଶ୍ଚିମ ପାର୍ଶ୍ୱରେ ଥିବା କୁକୁରକଟା ନଦୀର ଗଦଗଦି ଘାଟରେ ନିର୍ମାଣ ହୋଇଥିବା କୁଣ୍ଡେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆସନ୍ତାକାଲି ଠାରୁ ଛଅ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଅଛି । ଏଠାରେ ସୂଚନାଯୋଗ୍ୟ ଯେ ଉକ୍ତ କୁଣ୍ଡେଶ୍ୱର ମନ୍ଦିରର ପ୍ରତିଷ୍ଠାତା ହେଉଛନ୍ତି କୁଣ୍ଡାପିଠା ଗ୍ରାମର ଯୁବ ସମାଜସେବୀ ତଥା ରାଧାକୃଷ୍ଣ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ବିଜୟ କୁମାର ପଲେଇ । ବିଗତ ୨୦୦୩ ମସିହାରେ କୁକୁରକଟା ନଦୀର ଗଦଗଦି ଘାଟରେ ଗାଧୋଉଥିବା ସମୟରେ ହଠାତ୍ ଏକ ଶିବ ମନ୍ଦିର ତୋଳିବା ପାଇଁ ତାଙ୍କ ମନକୁ ଉଭଟ ଚିନ୍ତାଧାରା ଆସିଥିଲା ।ସାଥୀ ପିଲାମାନଙ୍କ ଟାହିଟାପରାକୁ ଭୃକ୍ଷେପ ନକରି, ଲୋକମାନଙ୍କ ତାଚ୍ଛଲ୍ୟକୁ ପିଠିରେ ପକାଇ , ବହୁ ବାଧାବିଘ୍ନକୁ ଆଡେଇ ମନ୍ଦିର ତୋଳିବାର ଦୁର୍ବାର ଆଶାକୁ ସାକାର କରିବା ନିମନ୍ତେ ୨୦୦୫ ମସିହାରେ ତିନି ଗ୍ରାମ କୁଣ୍ଡାପିଠା ପାଣୁପଷି ଓ ମହୁଲଡିହା, ତିନି ଗ୍ରାମ ପଂଚାୟତ ବଡଜାମୁପଶି ମଣିଣାବିଲା ଓ ଚିନାବାଲିପଶି, ତିନି ନଦୀ କୁକୁରକଟା ସୀତା ଓ ଯାମୁନାଳିଆ ର ମିଳନ ସ୍ଥଳରେ ତିନି ଗ୍ରାମର ଶୈବ ଭକ୍ତ ମାନଙ୍କୁ ଏକତ୍ରିତ କରି ସେମାନଙ୍କ ସାହାଯ୍ୟ ସହଯୋଗ ତଥା ନିଜର ଚେଷ୍ଟା ବଳରେ ଶିବ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କଲେ । ପୁନଶ୍ଚ ଲୋକ ମାନଙ୍କ ମଧ୍ୟରେ ଧର୍ମୀୟ ଭାବନା ଜାଗ୍ରତ କରିବା ପାଇଁ ସେଠାରେ ଥିବା ଏକ ବୃକ୍ଷ (ଯାହାକି ତିନୋଟି ଗଛ ଅଶ୍ୱତ୍ଥ,ବର ଓ ନାର୍ଗୁଣୀର ସମାହାର କିନ୍ତୁ ମୂଳ ଏକ ) ମୂଳେ ପ୍ରତିଷ୍ଠା କଲେ ତିନି ଠାକୁର ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱର ଙ୍କ ବିଗ୍ରହ । ବୃକ୍ଷ ଟିର ନାମ ଦିଆଗଲା ବଟବୃକ୍ଷ ବା କଳ୍ପବଟ । ତତ୍ ସହିତ ଉକ୍ତ ସ୍ଥାନରେ ପ୍ରତି ବର୍ଷ ମକର ସଂକ୍ରାନ୍ତି ଦିନରୁ ସପ୍ତାହ ବ୍ୟାପୀ ମକର ମେଳା ମହୋତ୍ସବ ଅନୁଷ୍ଠିତ କରାଇଥିଲେ ।ଲୋକମାନଙ୍କ ଠାରୁ ବିଭିନ୍ନ ପ୍ରକାର ସାହାଯ୍ୟ ନେଇ ମନ୍ଦିରର ପ୍ରାରମ୍ଭିକ ଛାତ ସିନା ପକାଇଦେଲେ କିନ୍ତୁ ଛାତ ଉପରର ମନ୍ଦିର ଚୂଳ ମାରିପାରିଲେ ନାହିଁ । ଏମିତି ପାଂଚ/ସାତ ବର୍ଷ କଟିଗଲା । ମକର ମେଳା ମଧ୍ୟ ଧୀରେ ଧୀରେ କମିବାକୁ ଲାଗିଲା । ଏପରି ଅବସ୍ଥା ଦେଖି ଉକ୍ତ ଗ୍ରାମର ସୁପରିଚିତଆଉ ଜଣେ ଯୁବବନ୍ଧୁ, ସାହିତ୍ୟିକ, ସଂଗଠକ ତଥା ରାଧାକୃଷ୍ଣ ବିଦ୍ୟାପୀଠର ସହକାରୀ ଶିକ୍ଷକ ବାବୁଲାଲ ପଲେଇ ମନ୍ଦିର ଚୂଳ ମାରିବା ପାଇଁ ଆଗେଇ ଆସି ଚୂଳମରା କାର୍ଯ୍ୟ ଶେଷ କରିବା ସହ ମକର ମେଳା ମହୋତ୍ସବ କୁ ପୁନର୍ବାର ଉଜ୍ଜୀବିତ କରାଇ ପାରିଥିଲେ । ପରେ ପରେ ମନ୍ଦିରର ଅନ୍ୟାନ୍ୟ କାମ ଶେଷ କରି ଆସନ୍ତାକାଲି ଠାରୁ ଚାରି ଦିନ ଧରି ପ୍ରତିଷ୍ଠା ଉତ୍ସବ କରିବା ପାଇଁ ମନ୍ଦିରର ପ୍ରତିଷ୍ଠାତା ବିଜୟ କୁମାର ପଲେଇ ପ୍ରସ୍ତୁତ ହୋଇଛନ୍ତି । ମନ୍ଦିର ନିର୍ମାଣ କରିବାରେ ମୁଖ୍ୟ ଶିଳ୍ପୀ ହେଉଛନ୍ତି ପାଣୁପଷି ଗ୍ରାମର ଶିଳ୍ପୀ କାହ୍ନୁଚରଣ ନାଏକ ।ଏତଦ୍ ବ୍ୟତୀତ ଦେହାନ୍ତ ତାଙ୍କ ବଡପୁଅ ଅମରଜିତ୍ ପଲେଇ ଙ୍କ ନାମରେ ଅମରଜିତ୍ ସେବା ଟ୍ରଷ୍ଟ ଗଠନ କରି ପ୍ରତି ବର୍ଷ ସେହି ନଦୀ ଉପରେ ଖରାଦିନିଆ ଅସ୍ଥାୟୀ ପୋଲ ନିର୍ମାଣ କରି ବାଣିଜ୍ୟ କେନ୍ଦ୍ର ଢେଙ୍କିକୋଟ ସହ ଯୋଗାଯୋଗ ବ୍ୟବସ୍ଥା କରିବା ସହ ବିଭିନ୍ନ ସେବା କାର୍ଯ୍ୟ ଜାରି ରଖିଛନ୍ତି ।

# ଜଗଦିଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟରେ ଅଗ୍ନିକାଣ୍ଡ

ଜୟପୁର , ୦୩/୧୨ (ନି.ପ୍ର): ଜୟପୁର ତାରିଣି ଛକ ଠାରେ ଥିବା ଜଗଦିଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟରେ ଲାଗିଲା ନିଆଁ । ଏହି ଅଗ୍ନିକାଣ୍ଡରେ ବିଦ୍ୟାଳୟ ରେ ଚପରାଶି ତଥା ରାତ୍ର ଜଗୁଆଳିଙ୍କ ଘର ପୋଡି ଯାଇଛି । କିପରି ଅଗ୍ନି କାଣ୍ଡ ଘଟିଲା କିଛି ଜଣା ପଡି ନଥିଲେ ବି ପୁବ ଶତ୍ରୁତାକୁ କେନ୍ଦ୍ର କରି ଏପରି ଘଟଣା ଘଟିଥିବା କୁହାଯାଉଛି । ଅଗ୍ନକାଣ୍ଡରେ ଚପରାଶି ହେମଲତା ଟାକରି ଙ୍କ ଘରର ଆସବା ପତ୍ର ପୋଡି ଯାଇଥିବା ବେଳେ ବିଦ୍ୟାଳୟର କ୍ଲାସ ରୁମରେ ଚେୟାର ଟେବୁଲ ପୋଡି ଯାଇଥିବା ଜଣାଯାଇଛି । ଗତ ୨୦ ୧୦ ୨୨ ତାରିଖରେ ଏହି ଚପରାଶି ଙ୍କ କାର ବିଦ୍ୟାଳୟ ପରିସରରେ ଥିବା ବେଳେ କେହି ଦୁର୍ବୃତ୍ତ କାରକୁ ନିଆ ଲଗାଇ ଦେଇଥିଲେ । ଏହାକୁ ଦେଖିଲେ ବାର ବାର ବିଦ୍ୟାଳୟ ପରିସରରେ ଅଗ୍ନି କାଣ୍ଡ ଘୁଟୁଛି । ହେମ ଲତାଙ୍କ କହିବା ଅନୁଯାଇ ଘର ଖୋଲା ରଖି ସେ ତାଙ୍କ ଝିଅ ଘରକୁ ଯାଇ ବ୍ୟାଙ୍କ କୁ ଯିବାକୁ ବହାରିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଗ୍ନିକାଣ୍ଡ ଘଟିଥିବା ସୁଚନା ଦେଇଥିବାରୁ ସେ ଜାଣିଥିଲେ । କିପରି ଅଗ୍ନିକାଣ୍ଡ ଘଟିଲା ସେ ଜଣି ନଥିବା କହିଛନ୍ତି । ଏନେଇ ସେ ପୋଲିସ ନିକଟରେ ଅଭିଯୋଗ କରିବେ । ଏହା ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପେନ୍ଦ୍ର ଦୀପ କହିଛନ୍ତି ଏନେଇ ସେ ଜିଲା ଶିକ୍ଷାଧିକାରି ଙ୍କୁ ଜଣାଇ ଥିବା ସୁଚନା ଦେଇଛନ୍ତି ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୧୦୧**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ତତ୍ପରେ ବେୟର କମ୍ପାନୀର କାର୍ଯ୍ୟ ଚାଲୁଥିବା ସମୟରେ ଯେଉଁ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ କଲିକତାର ଶାଖା ଦୋକାନ ଥିଲା ତାଙ୍କ ଠାକୁ ଗଲେ ଓ ତାଙ୍କଠାରୁ ଜାଣିଲେ ଯେ, ତିନିବର୍ଷ ପୂର୍ବେ କଲିକତା ମେଡିକାଲ କଲେଜର ଭୂତପୂର୍ବ ଚକ୍ଷୁରୋଗ ଚିକିତ୍ସକ ଡାକ୍ତର ସୁଶୀଲକୁମାର ମୁଖାର୍ଜୀଙ୍କୁ କେତେଗୁଡ଼ିଏ ଶିଶି ଔଷଧ ନମୁନା ସ୍ୱରୂପ ଡାକ୍ତରମାନଙ୍କ ମଧ୍ୟରେ ବଂଟନ ସକାଶେ ଦେଇଥିଲେ ଓ ତାଙ୍କ ଘରେ ଅବା ଗୋଟିଏ ଅଧେ ଶିଶି ରହିଯାଇଥାଏ ଓ ମିଳିପାରେ । ଡାକ୍ତର ମୁଖାର୍ଜୀ ମରିଯାଇଅଛନ୍ତି ଓ ତାଙ୍କ ପରିବାର ହୁଗୁଳିରେ ଅଛନ୍ତି । ସେ ଟ୍ୟାକ୍?ସି ଯୋଗେ ୨୮ ମାଇଲ ଦୂରବର୍ତ୍ତୀ ହୁଗୁଳିକୁ ତାଙ୍କ ଘରକୁ ଗଲେ ଓ ତାଙ୍କ ସ୍ତ୍ରୀଙ୍କ ଅନୁମତିକ୍ରମେ ଔଷଧ ଶିଶିପୂର୍ଣ୍ଣ ଦୁଇତିନିଟା ଆଲମାରି ମଧ୍ୟରେ ଖୋଜି ଖୋଜି ସେହି ଏଏସ୍-୩ ଶିଶିଟା ପାଇଲେ ଓ ତାହା ଦେବା ପାଇଁ ତାଙ୍କୁ ଅନୁରୋଧ କଲେ । ତାଙ୍କ ସ୍ତ୍ରୀ ଦେଢ଼ଶତ ଟଙ୍କା ଦାବିକଲେ ଓ ଏହି ଟଙ୍କାର ଖଣ୍ଡେ ଚେକ୍‌ଦେଇ ସେହି ଶିଶିଟି ଆଣିଲେ । ଏହା କହି ଚେକ୍‌ର ମୁଣ୍ଡାଟି ମୋତେ ଦେଖାଇଦେଲେ । ମୁଁ ଏହି ଦେଢ଼ଶତ ଟଙ୍କା ସହିତ ଆଉ ଦୁଇଶତ ଟଙ୍କାର ନୋଟ୍ ତାଙ୍କ ହାତକୁ ବଢ଼ାଇଦେଲି । କିନ୍ତୁ ଏହି ଦୁଇଶତ ଟଙ୍କା ମୋତେ ଫେରାଇ ଦେଇ କହିଲେ ଯେ, ହୁଗୁଳି ଯିବା ଆସିବା ଟେକ୍‌ସି ଭଡ଼ା କେବଳ ନେବେ । ପ୍ରତିଶ୍ରୁତି ପାରିଶ୍ରମିକ ସମ୍ବନ୍ଧରେ ସେ କହିଲେ ଯେ, ଦୁଇବର୍ଷ ପୂର୍ବେ ତାଙ୍କ ଯକ୍ଷ୍ମା ରୋଗଗ୍ରସ୍ତ ଭାଇ ସକାଶେ ଗୋଟିଏ ଔଷଧ ଖୋଜି ଖୋଜି ମୋ ପରି ନିରାଶ ହେଲା ଉତାରେ ଅପ୍ରତ୍ୟାଶିତ ଭାବରେ ଜଣେ ଚିକିତ୍ସକଙ୍କଠାରୁ ବିନା ମୂଲ୍ୟରେ ତାହା ପାଇ ଉପକୃତ ହୋଇଥିଲେ । ତାହା ସେ ଭୁଲି ନାହାଁନ୍ତି । କଲିକତାରେ ସୁଦ୍ଧା ଅପରିଚିତ ବ୍ୟବସାୟୀ ଚିକିତ୍ସକଙ୍କ ହୃଦୟବତ୍ତାରେ ମୁଗ୍ଧ ହୋଇ ମୁଁ ତାଙ୍କୁ କେତେ ଧନ୍ୟବାଦ ଓ କୃତଜ୍ଞତା ଜଣାଇ ଅଶ୍ରୁପୂର୍ଣ୍ଣ ନୟନରେ ତାଙ୍କ ବିଦାୟ ଗ୍ରହଣ କଲି । ଔଷଧ ପ୍ରୟୋଗ ଉତ୍ତାରେ ଝିଅର ଅବସ୍ଥା ତାଙ୍କୁ ପତ୍ରଦ୍ୱାରା ଜଣାଇବା ପାଇଁ ସେ ମୋତେ କହିଲେ ।

ସନ୍ଧ୍ୟାରେ ଅମ୍ବିକା ଓ ମୁଁ କାଳିଘାଟକୁ ଯାଇ ଦେବୀଙ୍କୁ ପୂଜା କରି ଶିଶିଟା ତାଙ୍କ ପଦତଳରେ ରଖି ଓ କୃତଜ୍ଞତା ଜଣାଇ ଏବଂ ଶ୍ୟାମା ଓ ସୁଷମାର ଆରୋଗ୍ୟ ସକାଶେ କାତର ହୃଦୟରେ ପ୍ରାର୍ଥନା କରି ରାତ୍ରି ୮ଟା ବେଳେ ଆମ୍ଭେମାନେ ଫେରିଲି । ଆହାରାନ୍ତେ ୯ଟା ବେଳେ ହାଓଡ଼ା ଷ୍ଟେସନକୁ ଯାତ୍ରାକଲୁ । ରାତ୍ରି ୧୦ଟା ବେଳେ ଦିଲ୍ଲୀ ଏକ୍‌ସପ୍ରେସ୍ ଛାଡ଼ିଲା । ପରଦିନ ପୂର୍ବାହ୍ନ ଦଶଟାରେ ଆମ୍ଭେମାନେ ପାଟଣାରେ ପହଂଚିଲୁ ।

ବସାକୁ ଫେରିବା ବାଟରେ ଡାକ୍ତର ଦୁଃଖନରାମଙ୍କ ସହିତ ସାକ୍ଷାତ କରିବା ମାନସରେ ତାଙ୍କ ଘରକୁ ଗଲି । ସେ କଲେଜକୁ ଚାଲି ଯାଇଥିଲେ । ସନ୍ଧ୍ୟାରେ ତାଙ୍କ ସହିତ ସାକ୍ଷାତ କଲି ଓ ଔଷଧ ଶିଶିଟି ତାଙ୍କୁ ଦେଖାଇଲି । ଏହି ଔଷଧ ଦେଖି ସେ କହିଲେ ଓ ପୁଣି କହିଲେ ଯେ ଭଗବାନଙ୍କଠାରେ ନିବେଦନ କରି ଶ୍ୟାମାର ଚକ୍ଷୁରେ ତାହା ପ୍ରୟୋଗ କରିବେ । କି ଉପାୟରେ ଓ କେଡ଼େ କଠିନ ପରିଶ୍ରମରେ କଲିକତାରେ ଔଷଧ ପାଇଥିଲି ତହିଁର ସବିଶେଷ ବର୍ଣ୍ଣନା କଲି । ପରଦିନ ଭୋର ୬ଟାବେଳେ ଶ୍ୟାମାକୁ ନେଇ ଆସିବାକୁ କହିଲେ ।

ଭଗବାନଙ୍କ ଅପରିସୀମ କରୁଣା ବିଷୟ ସ୍ମରଣ କରି ଓ ତାଙ୍କ ସ୍ତୁତିରେ ଉଦ୍‌ବେଗପୂର୍ଣ୍ଣ ହୃଦୟରେ ରାତ୍ରି ଅତିବାହିତ ହେଲା । ଅତି ପ୍ରତ୍ୟୁଷରେ ପ୍ରଭାକର ଓ ତୁଳସୀଙ୍କୁ ଉଠାଇଦେଲି । ତୁଳସୀ ଶ୍ୟାମାକୁ ସ୍ନାନ କରାଇ, ତାହାର ବେଣୀ ବାନ୍ଧି ନୂତନ ବସ୍ତ୍ର ପିନ୍ଧାଇ ଦେଲେ । ଠିକ୍ ୬ଟା ବେଳେ ତାହାକୁ ନେଇ ମୁଁ ଡାକ୍ତରଙ୍କ ଘରେ ଉପସ୍ଥିତ ହେଲି । ଡାକ୍ତର ଦୁଖନରାମ ତାଙ୍କ ସହଧର୍ମିଣୀ ଓ ପୁତ୍ର କନ୍ୟାଦିଙ୍କ ସହିତ ତାଙ୍କ ଗୃହ ପ୍ରାଙ୍ଗଣସ୍ଥ ହୋମକୁଣ୍ଡ ନିକଟରେ ହୋମ, ପୂଜା ସାମଗ୍ରୀ ଓ ନୈବେଦ୍ୟ ସକାଶେ ବୃହତ୍ ଥାଳୀପୂର୍ଣ୍ଣ ମିଷ୍ଟାନ୍ନ ସହିତ ଉପସ୍ଥିତ ଥିଲେ । ଶ୍ୟାମାକୁ ଅତ୍ୟନ୍ତ ସ୍ନେହ ଓ ଆଦର ସହକାରେ ନିଜ କୋଳରେ ବସାଇଲେ । ମୃଦଙ୍ଗ ବାଦ୍ୟ ସହିତ ସ୍ତୁତିପାଠ ଉତାରେ ଗୀତାପାଠ ହେଲା । ହୋମ ଧୂମ ଶ୍ୟାମାର ସର୍ବାଙ୍ଗ ଆଚ୍ଛାଦନ କଲା । ଚକ୍ଷୁ ବନ୍ଦ କରି ଶ୍ୟାମା ଆନନ୍ଦରେ ଡାକ୍ତରଙ୍କ ପବିତ୍ର କ୍ରୋଡ଼ରେ ଉପବେଶନ ପୂର୍ବକ ଭଗବାନଙ୍କ ଦୟା ଭିକ୍ଷା କରୁଥିବା ମନେକଲି । ସ୍ତୋତ୍ରପାଠ ଓ ହେବା ସମାପନାନ୍ତେ ଉପସ୍ଥିତ ବାଳକ ବାଳିକାମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବିତରଣ ହେଲା । କମ୍ପାଉଣ୍ଡର ମୋତିବାମୁଙ୍କୁ ଡାକି ଔଷଧ ଶିଶି ଫିଟାଇ ଡାକ୍ତର ନିଜ ହସ୍ତରେ ଶ୍ୟାମାର ଉଭୟ ଚକ୍ଷୁରେ ଔଷଧ ଲଗାଇଦେଲେ ।

ଶ୍ୟାମା ପୂର୍ବପରି ଆଖି ବନ୍ଦ କରିଛି । ପତା ଭିତରର ମାଂସ ଏତେ ବୃଦ୍ଧି ହୋଇଅଛି ଯେ, ଆଖି ଫୁଲି କପାଳ ତଳେ କୋଟରରୁ ପ୍ରାୟ ଏକ ଇଂଚ ବାହାରି ପଡ଼ିଥିବା ମନେ ହେଉଛି । କଳାଡୋଳା ଆଦୌ ଦିଶୁନାହିଁ । ପତା ଉପରକୁ ଉଠାଇଦେଲେ ଦିଶୁଛି କେବଳ ଦୁଇ ଆଖି ଭିତରେ ଦୁଇମୁଣ୍ଡା ମାଂସ । ସେହିଦିନ ସନ୍ଧ୍ୟାରେ ଶ୍ୟାମାକୁ ପୁଣି ଡାକ୍ତରଙ୍କ ଘରକୁ ନେଇଗଲି ଓ ମୋଦିବାବୁ ପୁଣି ତା'ର ଉଭୟ ଚକ୍ଷୁରେ ଔଷଧ ଲଗାଇଦେଲେ । ପରଦିନ (୩୦ ତାରିଖ) ଦୁଇ ଓଳି ଦୁଇଥର ଔଷଧ ପ୍ରୟୋଗ କରାହେଲା । ସକାଳେ ଡାକ୍ତର ମୋତେ ସାହସ ଦେଇ କହିଲେ ଯେ, ପାଂଚଦିନ ପରେ ଆଖିର ଅବସ୍ଥା ଅନେକ ପରିମାଣରେ ଭଲ ଦେଖାଯିବ । କରୁଣାମୟ ଈଶ୍ୱରଙ୍କ କରୁଣା ଉପରେ ନିର୍ଭର କରି କାତର ହୃଦୟରେ ରାତ୍ରି ଯାପନ କଲି । ୩୧ ତାରିଖରେ ପୁଣି ଦୁଇଥର ଔଷଧ ପ୍ରୟୋଗ ହେଲା ।

୩୧ ତାରିଖ ରାତ୍ରିରେ ଘୋର ବର୍ଷା । ପରଦିନ ଭୋରରେ ଶ୍ୟାମାକୁ ଉଠାଇ ଦେଲି ଓ ଡାକ୍ତରଙ୍କ ଘରକୁ ଯିବା ସକାଶେ ପ୍ରସ୍ତୁତ ହେବାପାଇଁ କହିଲି । ତୁଳସୀ ତାହାର ଦାନ୍ତ ଘଷାଇ, ମୁଣ୍ଡ ବାନ୍ଧି ଲୁଗା ପିନ୍ଧାଇ ଦେଲେ । ଶ୍ୟାମା ଧୀରେ ଧୀରେ ମୋ ନିକଟକୁ କାହାରି ସାହାଯ୍ୟ ନ ନେଇ ଆସିଲା ଓ ମୋ ହାତ ଧରି କହିଲା, 'ବାପା ! ମୁଁ ମୋ ହାତ, ଗୋଡ଼, ଲୁଗା, ଘରଦ୍ୱାର ଅଳ୍ପ ଅଳ୍ପ ଦେଖି ପାରୁଛି ।' ତାହାର କଥାକୁ ଗ୍ରାହ୍ୟ ନକରି ତାକୁ ଡାକ୍ତରଙ୍କ ଘରକୁ ନେଇଗଲି । ମୋତିବାବୁ ତାହାର ଆଖିରେ ଔଷଧ ଲଗାଇଦେଲେ । ସନ୍ଧ୍ୟାରେ ପୁଣି ଶ୍ୟାମାକୁ ନେଇଗଲି । ଡାକ୍ତର ତାହାକୁ ତାଙ୍କ ଅନ୍ଧକାର କୋଠରୀ ମଧ୍ୟକୁ ନେଇ ଏକ ସମୟରେ ତାଙ୍କ ଆଙ୍ଗୁଳି ଦ୍ୱାରା ଉଭୟ ଚକ୍ଷୁର ପତା ମେଲାଇଦେଲା ମାତ୍ରକେ ଶ୍ୟାମା 'ବାପା ! ବାପା ! ମୋ ଆଖିକୁ ଦିଶୁଛି । ମୁଁ ତୁମ୍ଭଙ୍କୁ ଦେଖିପାରୁଛି । ଡାକ୍ତର ସାହେବ ! ଆପ୍‌କୋ ହମ୍ ଦେଖ୍ ସକ୍‌ତେ ହେଁ' କହି ପ୍ରଥମରେ ମୋତେ ଓ ତତ୍ପରେ ଡାକ୍ତରଙ୍କୁ କୁଣ୍ଢେଇ ପକାଇଲା । ଡାକ୍ତରଙ୍କ ମୁଖରେ ମୃଦୁ ହାସ୍ୟ ଦେଖାଗଲା । କହିଲେ, ଔଷଧ ଗୁଣ କରିଛି । ଶ୍ୟାମାର ଆଖି ଆଗରେ ଓଲଟପାଲଟ କରି ତାଙ୍କ ଅଙ୍ଗୁଳିମାନ ଦେଖାଇଲେ ଓ ଶ୍ୟାମା ସେସବୁ ପ୍ରତ୍ୟେକ ବାର ଗଣିପାରିଲା । ପଢ଼ିବାକୁ ଖଣ୍ଡେ ବହିଦେଲେ । ତାହା ସ୍ୱଚ୍ଛନ୍ଦରେ ପଢ଼ିଗଲା । ଆଖି ଫିଟାଇ ଦେଖାଇଦେଲେ, ସେହି ମାଂସ ମୁଣ୍ଡା ଆଉ ନାହିଁ ଏବଂ ଡୋଳା କିଂଚିତ୍ ଧୂମାବୃତ ତୁଲ୍ୟ ଦିଶୁଥିଲେ ହେଁ ବାହାରକୁ ଦେଖାଯାଉଅଛି । ଦୁଖନରାମ ଶ୍ୟାମାକୁ ଉଭୟ ବାହୁଦ୍ୱାରା ବେଷ୍ଟନକରି ନାଚିବାକୁ ଲାଗିଲେ ଓ ଭଗବାନ ଦୟା କରିଅଛନ୍ତି ବୋଲି ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଅଶ୍ରୁପୂର୍ଣ୍ଣ ନେତ୍ରରେ କହିଲେ, 'ଆଉ ଛଅ ସାତ ଦିନପରେ ଶ୍ୟାମା ସ୍ୱଚ୍ଛନ୍ଦରେ ଖେଳିବୁଲି ପାରିବ ।' ତତ୍ପରେ ଶ୍ୟାମାକୁ ଓହ୍ଲାଇଦେଇ କହିଲେ 'ଶ୍ୟାମା ପିତାଙ୍କ ପଦଧୂଳି ନେ । ତାହାଙ୍କ ତପସ୍ୟା ପ୍ରଭାବରେ ତୋର ଚକ୍ଷୁଲାଭ ହୋଇଅଛି ।' ଶ୍ୟାମା ମୋର ପାଦଛୁଇଁ ପ୍ରଣାମ କଲା । ମୁଁ ଡାକ୍ତରଙ୍କୁ କହିଲି, 'ଭଗବାନ ଶ୍ରୀକୃଷ୍ଣ ଅନ୍ଧକୁ ଚକ୍ଷୁଦାନ ଦେଲା ତୁଲ୍ୟ ଆପଣ ଶ୍ୟାମାକୁ ଚକ୍ଷୁଦାନ ଦେଇଅଛନ୍ତି ।' ଶ୍ୟାମାକୁ ତାଙ୍କ ପଦତଳରେ ପକାଇଦେଲି ଓ ଶ୍ୟାମା ତାଙ୍କ ପାଦଛୁଇଁ ପ୍ରଣାମ କଲା । ମୋ ହୃଦୟ ତାଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ତାଙ୍କ ଧନ୍ୟବାଦ ଦେଇ ଓ ତାଙ୍କ ହସ୍ତଦ୍ୱୟ ନିବିଡ଼ଭାବରେ ଧରି ଆନନ୍ଦାଶ୍ରୁ ବିସର୍ଜନ କରିବାକୁ ଲାଗିଲି । (କ୍ରମଶଃ)

## ଆଲୋଚନା

# ସାହିତ୍ୟ ଓ ଜୀବନ ଏକ ଅନୁଚିନ୍ତନ



■ ଡକ୍ଟର ବିଷ୍ଣୁପ୍ରିୟା ଓତା

ଜୀବନ ଜୀଇବା ଭିତରେ ପରସ୍ପର ସହ ସମ୍ପର୍କ ସ୍ଥାପନ ହିଁ ସାହିତ୍ୟ, ଯାହାକୁ କୁହାଯାଏ ସହିତ ଭାବ । ମଣିଷଟି ଧନୀ ହେଉ ବା' ଦରିଦ୍ର ହେଉ ନିଜ ପରି ଅନ୍ୟର ସୁଖ ଦୁଃଖ, ହସ କାନ୍ଦରେ, ସମବେଦନାର ସମ୍ପର୍କ ଭିତରେ ହିଁ ସୁ ସମ୍ପର୍କ ସ୍ଥାପିତ । ତେଣୁ ସାହିତ୍ୟ କିଛି ନିଆରା କଥା ନୁହେଁ, ଆତ୍ମାନୁଭବର ଆନନ୍ଦ ପ୍ରାପ୍ତିକୁ ଯାହା ଧରି ରଖିଥାଏ । କୀର୍ତ୍ତନ ବା' କୋଳାହଳରୁ ଏହା ଦୂରେଇ ରହେ । ଅନ୍ଧବିଶ୍ୱାସକୁ ଦୂରେଇ ଦେଇ ମନ ଓ ହୃଦୟକୁ ପରିଷ୍କାର କରିଥାଏ । ବିଂଶ ବାହୁର ବାହୁ ଛେଦନ ପାଇଁ ପ୍ରେରଣା ଦିଏ ଅର୍ଥାତ୍ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରେ, ଜୀବନର ସନ୍ଦେଶ ଦିଏ । ଜୀବନରେ ସତ୍ୟ ଶିବ ସୁନ୍ଦରର ପ୍ରତିଷ୍ଠା କରେ ମୁକ୍ତ ପବନ, ଆଲୋକର ଧାରା ହିଁ ସାହିତ୍ୟ । ଏହା ମଣିଷ ମନର ରୁଦ୍ଧ ଦ୍ୱାରକୁ ଉନ୍ମୁକ୍ତ କରିଦିଏ । ପ୍ରତ୍ୟେକଟି ମଣିଷ ନିକଟରେ ସ୍ୱାଭିମାନ ଭରିଦିଏ । ଚେଇଁଥିବା ମଣିଷକୁ ଶୋଇବାକୁ ଦିଏ ନାହିଁ । ସଳଖ ଭାବରେ ଚାଲିଶିଖାଏ । ନଇଁ ପଡିବାକୁ ଦିଏ ନାହିଁ । ଆଉ ସାହିତ୍ୟ ଭିତରେ ଥାଏ ପ୍ରତିବାଦର ସ୍ୱର । ପ୍ରତିବାଦ ମଧ୍ୟରୁ ହିଁ ସାହିତ୍ୟର ସୃଷ୍ଟି । କବିତାର ପ୍ରଥମ ସ୍ୱର ପ୍ରତିବାଦରୁ ହିଁ ଆରମ୍ଭ ହୋଇଛି । ତାହା ଥିଲା ବାଲ୍ମିକୀଙ୍କର ପ୍ରତିବାଦ:-

"ମା ନିଷାଦ ପ୍ରତିଷ୍ଠାଂ ତ୍ୱମାଗମଃ / ଶାଶ୍ୱତି ସମାଃ
ଯତ୍ କ୍ରୌଞ୍ଚ ମିଥୁନା ଙ୍କ ଦେକଂ ବଧିଃ କାମୋହିତଂ ।"

ସେହି ବ୍ୟାଧ ଦ୍ୱାରା ଶରାହତ କ୍ରୌଞ୍ଚର ସନ୍ଦର୍ଶନରେ ଯେଉଁ ଶୋକ ବାଲ୍ମିକୀଙ୍କର ହୃଦୟରେ କାରୁଣ୍ୟଭରା ଆବେଗ ସୃଷ୍ଟି କରିଥିଲା ତାହା ହିଁ ସାହିତ୍ୟର ପ୍ରଥମ ସ୍ୱର । କାଳଜୟୀ ସାହିତ୍ୟ । ଏଇଠି ପ୍ରତିବାଦ କରିଛି କବିର ଲେଖନୀ । କ୍ଷମତା ଯେତେବେଳେ ଉଦ୍ଧତ, କବିତା ସେତେବେଳେ ତାକୁ ଶୀତଳ କରିଦିଏ । କବିତାର ଆନନ୍ଦ ହିଁ ମୂଳକଥା । ଡଷରଭ ଚକ୍ଟଙ୍ଗରକ୍ସ ଲକ୍ଟକ୍ସଶରଗ୍ଧ ସଗ୍ଧରଗ୍ଧ ଖସଙ୍କସଗ୍ଧବଗ୍ଧସକ୍ଟଭ, ଚକ୍ଟରଗ୍ଧକ୍ସଛ ମକ୍ଟଙ୍କରଗ୍ଧ ବଗ୍ଧ ଗ୍ଧଷବଗ୍ଧ ଗ୍ଧସଙ୍କର ! ବର୍ତ୍ତମାନ ସବୁଠି ଅହଙ୍କାରର ରାଜୁତି । ମୁଁ ତ୍ୱ ଅର୍ଥାତ୍ ବଭୟ ସଗ୍ଧ ଅର୍ଥାତ୍ ମୁଁ ଆଉ ଏଇଟା । ମାତ୍ର ଓ ବଭୟ ଗ୍ଧଷକ୍ଟଙ୍କ ଅର୍ଥାତ୍ ସାହିତ୍ୟର ସନ୍ଦେଶ କହେ ମୁଁ ଆଉ ତୁମେ । ଏହି ମୁଁ ଆଉ ତୁମେ ହିଁ ଭଲ ପାଇବାର ସମ୍ପର୍କ । କେତେବେଳେ କବି ବୈକୁଣ୍ଠନାଥ ସେହି 'ମୁଁ' 'ତୁମେ'ର ସମ୍ପର୍କ ଖାତିରିରେ ଭଗବାନଙ୍କୁ କହିଛନ୍ତି:-

"ଜୀବନ ପାତ୍ର ମୋ ଭରିଛ କେତେ ମୋତେ
ନଦେଲ ବୋଲି କିଛି କହିବି କି ହେ ଆଉ
ଜୀବନ ପ୍ରିୟତମ ହରିଛ ମୋ ଭରମ
ତରଣୀ ମୋର ତବ ସାଗରେ ବହିଯାଉ ।"

ଏଠାରେ ଭଗବତ୍ ସତ୍ତା ବା' ପରମାତ୍ମା ହେଲେ 'ତୁମେ' ଓ ମୁଁ ଜୀବାତ୍ମାର ପ୍ରତୀକ । ଏଠି କିନ୍ତୁ ସମ୍ପର୍କ ଖୁବ୍ ନିବିଡ । ସେ ସମ୍ପର୍କ ଭଲପାଇବାର ସମ୍ପର୍କ । ଭଗବାନ୍ ମଣିଷର ଜୀବନକୁ ସବୁ ପ୍ରକାର ପୂର୍ଣ୍ଣତାରେ ଭରିଛନ୍ତି ଏବଂ ସଂକୀର୍ଣ୍ଣତାରୁ ଦୂରରେ ରଖି ସେ ନିଜର କୃପାସାଗରରେ ଜୀବନରୂପକ ନୌକାକୁ ବାହି ଦିଅନ୍ତୁ । ଏଇଠି ସମ୍ପର୍କର ନିବିଡତା ପ୍ରେମ ଓ ପ୍ରଣୟର କବି ମାୟାଧର ମାନସିଂହ କହିଛନ୍ତି:

"ସମସ୍ତେ କହନ୍ତି ତୁମେ ତୁମେ ବୋଲି
ସେ ତୁମେର ମୂଳ ନାହିଁ
ତୁମେ ଯେବେ ମୋତେ ତୁମେ ବୋଲି କୁହ
ଏତେ ମିଠା କାହିଁ ପାଇଁ ।"

ଏଇଠି ଆସୁଛି ତୁମେ ଓ ମୁଁର ସମ୍ପର୍କ । ଭଲ ପାଇବାର ସମ୍ପର୍କ । ଏହି ସମ୍ପର୍କ, ଏହି ଭଲପାଇବା ଯେତେବେଳେ ପାର୍ଥିବରୁ ପରମାର୍ଥ ଆଡକୁ ଯାଏ, ସୀମିତତା ଭିତରୁ ଅସୀମତା ଆଡକୁ ଗତିକରେ, ସାଧାରଣ ପରିବେଶରୁ ବିଶ୍ୱମୁଖୀ ହୁଏ, ସେଇଠି ସାର୍ଥକତା ଆସେ ଜୀବନର, ସାହିତ୍ୟରେ ସମଗ୍ର ପରିବେଶର । ସାହିତ୍ୟ ମଣିଷକୁ ଆତ୍ମସଚେତନ କରେ । ସମାଜର ପରିବର୍ତ୍ତନ ସୃଷ୍ଟିକରେ । କାଜି ନଜରୁଲ୍ ଇସଲାମଙ୍କର ଅଗ୍ନିବର୍ଷୀ ରଚନା ସମଗ୍ର ବଙ୍ଗଳା ଦେଶର ଜନମାନସକୁ ପ୍ରଭାବିତ କରିଥିଲା । ଯାହାର ପ୍ରଭାବରେ ବଙ୍ଗଳା ଦେଶ ସ୍ୱାଧୀନ ହୋଇପାରିଥିଲା । ଟଭମକ୍ଷର ଗ୍ଧକ୍ଟଙ୍କରଗ୍ଧ ମବଭସଭ ର ପ୍ରଭାବରେ କ୍ରୀତଦାସ ପ୍ରଥାର ବିଲୋପ ସାଧିତ ହୋଇପାରିଛି । ସାହିତ୍ୟ ଭିତରେ ମୂଲ୍ୟବୋଧ ବଡ଼କଥା-ଏହି ପ୍ରସଙ୍ଗରେ ଗପଟିଏ ମନକୁ ଆସୁଛି- ନୀଲମ୍ ବନ୍ଦୋପାଧ୍ୟାୟ, ଜଣେ ବିଶିଷ୍ଟ ବିଚାରପତି ବହୁଦିନଧରି ମଧୁମେହରୋଗରେ ଆକ୍ରାନ୍ତ ହୋଇ ଶେଷ ଜୀବନ ବେଳକୁ ଖୁବ୍-ପୀଡିତ ହୋଇ ଶଯ୍ୟାଶାୟୀ ହୋଇପଡିଥାନ୍ତି । ତାଙ୍କର ଜଣେ ବନ୍ଧୁ ତାଂକୁ ଦେଖିବା ପାଇଁ ଆସିଥିଲେ । ବନ୍ଦୋପାଧ୍ୟାୟ ମହୋଦୟଙ୍କ ମୁହଁରେ ଆତଙ୍କ ଓ ଦୁଃଖର ଭାବ ଦେଖି ସେ କହିଲେ ଆପଣ ଜଣେ ନ୍ୟାୟ ପରାୟଣ ଓ ନିଷ୍ଠାପର ବ୍ୟକ୍ତି । ଜୀବନକାଳରେ କେବେ ଅନ୍ୟାୟ କରି ନାହାନ୍ତି କି ଅସତ୍ ଉପାୟରେ ଅର୍ଥ ଉପାର୍ଜନ କରି ନାହାନ୍ତି, ସମଗ୍ର ସମାଜରେ ଆପଣଙ୍କର ସଚ୍ଚୋଟ ପଣିଆ ପାଇଁ ଆପଣ ଜନପ୍ରିୟ । ତେବେ ଶେଷ ଜୀବନରେ ଏ ଦୁଃଖ ଓ ବେଦନାର ଭାବ କାହିଁକ ? ଉତ୍ତରରେ ବନ୍ଦୋପାଧ୍ୟାୟ ମହୋଦୟ କହିଥିଲେ, ସମଗ୍ର ଜନ ସମାଜ ମତେ ଜଣେ ଗୁଣୀ ଓ ନିଷ୍ଠାପର ବ୍ୟକ୍ତି ଭାବରେ ଜାଣିଛନ୍ତି ମାତ୍ର ମୁଁ ମୋ ଜୀବନରେ ଯେଉଁ ଗୋଟିଏ ଭୁଲ୍ କରିଛି ତାହା କେବଳ ମୁଁ ଜାଣେ । ଯାହା ପାଇଁକି ମୋତେ ଅନ୍ତର୍ଦହନ ଭିତରେ ପ୍ରତିଟି ମୁହୂର୍ତ୍ତରେ ଗତି କରିବାକୁ ପଡୁଚି । ମୁଁ ଶାନ୍ତିରେ ଶେଷ ନିଶ୍ୱାସ ନେଇ ପାରୁନି । ଆପଣ ମୋତେ ଟିକେ ସାହାଯ୍ୟ କରନ୍ତୁ । ବନ୍ଦୋପାଧ୍ୟାୟ ମହୋଦୟ କହିଲେ, ମୁଁ ଅନେକ ଦିନ ଧରି ଜଣେ ମଧୁମେୟ ରୋଗୀ ମାତ୍ର ବୀମା କମ୍ପାନୀରେ ମୁଁ ମିଛରେ କହିଛି ଯେ ମୁଁ ନିରୋଗ । ଫର୍ମ ପୂରଣ କଲାବେଳେ ମୋତେ ଲୋଭ ଗ୍ରାସ କରିଥିଲା । ଭାବିଥିଲି ମୁଁ ଜୀବିତ ଥିଲେ ପଚାଶ ହଜାର ଟଙ୍କା ପାଇବି ଓ ମୋର ଯଦି ମୃତ୍ୟୁ ହୋଇଯାଏ ତେବେ ମୋ ପରିବାର ଆହୁରି ବେଶୀ ପଇସା ପାଇବେ । ତେଣୁ ସେହି ଭୁଲ୍‌ଟି ପାଇଁ ମୋର ବିବେକ ଦଂଶନ କରୁଛି । (କ୍ରମଶଃ)

❤ ଓଡିଆ ଭାଷା ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ଆମ ସମୟର କବିତା.....

### ॥ ଆହା ଏ କି ପରିବେଶ ! ॥

ସୌଭାଗ୍ୟବନ୍ତ ମହାରଣା



ଏକଦା ପାହାଡ଼ର ଯୌବନ ଫିଟିଲା ବେଳକୁ
ବୃକ୍ଷମାନଙ୍କର ସବୁଜ ମହୋତ୍ସବ
ମାଟିରୁ ଆକାଶକୁ ଛୁଇଁବା ଛୁଇଁବା
ହେଉଥିଲା ପକ୍ଷୀମାନଙ୍କ କଳରବରେ ।
ଅରଣ୍ୟସାରା
ଶାଗୁଆ ପତ୍ରଙ୍କ ମିଠା କଥାବାର୍ତ୍ତା
ଦେଖୁ ଦେଖୁ ଚୁପ୍ ହୋଇଗଲା
କଂପାନୀର ଶାଗୁଣା ଆଖିର କ୍ରୁର ଦୃଷ୍ଟିରେ ।
ଏଇନେ ପାହାଡ଼ ଉଭାନ୍ ସେଇଠୁ ।
ମାଟି ସନ୍ଧିରେ ଖଣି ଖାଦାନର
ଲାଭକ୍ଷତିର ହିସାବ ନିକାସ୍ ଭିତରେ ।

ଶହ ଶହ ମାଇଲ ଜାତୀୟ ରାଜରାସ୍ତା
ତିଆରିବାର ମାୟା ଓ ମୋହର ବନ୍ଧନରେ
ବଳି ପଡ଼ିଗଲେ ଲକ୍ଷ ଲକ୍ଷ ଗଛଙ୍କ ଜୀବନ ।
ନିର୍ଦ୍ଦୟ ଦୃଶ୍ୟ ଭିତରେ ଗଛ ଭିତରୁ
ନୀରବ କାନ୍ଦଣା ଶୁଭେ ବାରମ୍ବାର
ଥିପ୍ ଥିପ୍ ନିଗିଡ଼ି ପଡୁଥିବା ଲୁହ ବିନ୍ଦୁରେ ।
ଲକ୍ଷଲକ୍ଷ ପକ୍ଷୀ ଆଜି
ବାସହରା, ବେସାହାରା
ଦୁଃସ୍ଥ ପଥଚାରୀର ସ୍ୱପ୍ନ ମଉଳିଯାଏ
ରାସ୍ତାକଡ଼ରେ ଆଶ୍ରା ନେବାକୁ ଛାଇ ନପାଇ
ନିଦାଘର ଦାରୁଣ ସୂର୍ଯ୍ୟର ପ୍ରଚଣ୍ଡ ତାପରେ ।

"ବୃକ୍ଷ ହିଁ ଜୀବନ" ବୋଲି କେତେ କାଳରୁ
ଘୋଷଣା ସରିଛି ମିଡିଆରେ ପତ୍ର ପତ୍ରିକାରେ
ଅଥଚ ଗଛମାନେ ହାଣ ଖାଉଥାନ୍ତି
ସମସ୍ତଙ୍କ ଜାଣତରେ ଓ ଅଜାଣତରେ
ପରିବେଶ ପ୍ରଦୂଷିତ କରିବାକୁ
ଅଙ୍ଗାରକାମ୍ଳ ବାଷ୍ପର ପ୍ରଖରତାରେ ।

ସହରୀକରଣ, ଶିଳ୍ପାୟନ ଓ ବିସ୍ଥାପନର
କଳାଭୂତ ଆବୋରି ବସିଛି ମଣିଷ ଉପରେ
ପ୍ରଶାସନର ଯୋଜନାରେ
ସଫଳତା ଖୋଜିବାକୁ ।
ନାଳି ନର୍ଦ୍ଦମାର ଦୂଷିତ ଜଳର ଦୁଷ୍ଟ ଦାନବ
ଏବେ ମଧୁଚନ୍ଦ୍ରିକାରେ ବ୍ୟସ୍ତ
ନଈ ପାଣିସହ ଗୋପନ ଚୁକ୍ତି କରିବାକୁ ।
ନଦୀମାନଙ୍କ ଗର୍ଭରେ ଜହରର ମୃତ୍ୟୁନାଚ
ସାଧାରଣ ଜନତାର
ଜୀବନ କେବେ ସଂକଟାପନ୍ନ
ତ କେବେ ଦୂଷିତ ପାଣି ପିଇ ଯମ ଦର୍ଶନ ।

ସବୁଠି ସଭ୍ୟତାର ଫରଫର ବାନା
ଉଡ଼େଇବାକୁ
କଂପାନୀ ସହ ପ୍ରଶାସନର ମଧୁର ମିଳନ
ପରିବେଶର ବର୍ଣ୍ଣମାଳାକୁ ଆଖିବୁଜି ଦେବାକୁ
ସତେ ଯେମିତି ଏ ସମୟର ନିର୍ଲଜ ଅଭିନୟ
ମାନବିକତାର ମିଛ ସତ୍ୟପାଠରେ
ଏବେ ତ ମୃତ୍ୟୁର ମହୋତ୍ସବ ସହରସାରା

ପରିବେଶ ନିଜେ ହିଁ କେତେବେଳେ ଯେ
ଆତ୍ମହତ୍ୟା କରିପାରେ ଗଭୀର ଅନୁତାପରେ
ଏ ଖବର ଈଶ୍ୱରଙ୍କ ପାଇଁ ବି
ଅଜଣା ହୋଇପାରେ ।

❤ ଭାରତୀ ଭବନ,
ଶିବମ୍ କଲୋନୀ, ଆୟକର ଭବନ ପଛ,
ସମ୍ବଲପୁର-୭୬୮୦୦୪
ମୋ: ୯୪୩୭୪୫୭୭୩୬

### ॥ ଶୀତ : ଏକ ଭୋଗିବାର ଋତୁ ॥

ମହେଶ୍ୱର ପଧାନ



ତମ ଅକ୍ଷାଂଶରୁ ବିଚ୍ଛିନ୍ନ ହେଲା ପରେ
ଛାତି : ଡହ ଡହ ଅଙ୍ଗାରର କ୍ରୀଡ଼ାଙ୍ଗନ
କନକନି ଶୀତ ଋତୁରେ...

ହାର୍ ଆଉ ଜିତ୍‌ର ପଥର
ନଥିଲା କେବେ ବି
ଆମ ସମ୍ପର୍କର ନିହି ତଳେ,
କଥା ଥିଲା ଦୁହେଁ ଉଠିଯିବା କାନ୍ଥ ପରି
ଏକ ଆରେକର ମୁହଁ ଚାହିଁ
ସମାନ୍ତରାଳେ ।

ଜଣେ ବେଶ ହେଲେ
ଜଣେ ହେବ ଆଇନା,
ଜଣେ ରାଗ ପୋଷିଲେ
ଆଉ ଜଣେ ଗାଇଦେବ
ମଧୁର ଗୀତର ମୂର୍ଚ୍ଛନା ।

ଠିକ୍ ମିଳନପର୍ବର ବିଭୋରବେଳାରେ
କହିଗଲ ମୁହଁ ଚାପି କାନ ପାଖରେ
'ଯାଅ ଯାଅ ଫେରି ଯାଅ
ରାଣ ଦେଲି ଫେରି ଚାହିଁବନି
ବେଗେ ଚାଲି ଯାଅ ।'

ସେବେଠୁ ପଛ କରି ତମ ପଟେ
ଅନିଚ୍ଛାରେ ଖର୍ଚ୍ଚିଯାଇ କାଳ
ଭୋଗୁଛି ବିରହ କେବଳ,
ସେବେଠୁ
ଶୀତ ଏକ ଭୋଗିବାର ଋତୁ
ଅସରନ୍ତି ଘନକଳା ରାତିଙ୍କର ଛଳ ।

❤ ଧୂଳୁଣ୍ଡା, ୧୯ଖଣ୍ଡ ମୌଜା,
ଝାରସୁଗୁଡ଼ା
ମୋ - ୯୦୭୮୯୩୧୫୨୨

### ॥ ସେ ଆଉ ନ ଥିଲେ ॥

ଗଜାନନ ମିଶ୍ର



ସତରେ
ସେ ଆଉ ନ ଥିଲେ,
ଆସୁଥିଲା ଯଦିଓ
ତାଙ୍କର ଫୋନରୁ କଲ୍ ।
ଆସୁଥିଲା ଫେସବୁକ୍
ଫ୍ରେଣ୍ଡ ରିକ୍ୱେଷ୍ଟ ।

ନ ଥିଲେ,
ଆଉ ଯାର ଅର୍ଥ
ବୁଝା ପଡୁ ନ ଥିଲା ।
ସଦାବେଳେ ତାଙ୍କର ଉପସ୍ଥିତି
ଅନୁଭବ ହେଉଥିଲା
ସବୁଠି ସଭିଙ୍କୁ ।

ନ ଥିଲେ କି ଥିଲେ
ଫରକ ନ ଥିଲା କିଛି କୋଉଠି ।
ଯାହା ଯେମିତି, ଯେ ଯାହାର
ହେଉଥିଲା, ହେଉଥିଲା ।
ଆଉ ଆଉ ଖବରସବୁ
ଛପା ହେଉଥିଲା ରୀତିମତ୍
ତାଙ୍କୁ ଇ ନେଇ ।

କିଏ କେମିତି ଦେଖୁଥିଲା,
କିଏ କେମିତି କଣ ଶୁଣୁଥିଲା,
ନ ଥିଲା ଠିକ୍ ଠିକଣା କିଛି ।
କୋଉଠୁ କିଏ କେତେବେଳେ
ଆସୁଥିଲା କି ଯାଉଥିଲା କୋଉଠିକି
ଜଣାପଡିବାର ନ ଥିଲା
କିଛି କଣ ଉପାୟ ।

ଥିଲେ କି ନ ଥିଲେ,
ତର୍କ ବିତର୍କ ବାଦ ବିବାଦ
ନ ହେଉଥିଲା ନୁହଁ,
ଆଉ ଫଳାଫଳ ବାହାରି
ଜଳ ସ୍ଥଳ ଆକାଶ ବ୍ୟାପୁ ନ ଥିଲା,
କାହାର ଜ୍ଞାନ ସ୍ପଷ୍ଟ ଥିଲା
ପଡୁ ନ ଥିଲା ଜଣା

ଏତେ ସେତେ ଖୋଳତାଡ
ହେଉଥିବା ସତ୍ତ୍ୱେ ବି ।

ନ ଥିବା ଆଉ ଥିବାକୁ ନେଇ
ନ ରଖିବାକୁ କୁହାଯାଉଥିଲା
ଟିକିଏ ବି ସନ୍ଦେହ,
କିଏ କହୁଥିଲା କାହାକୁ କହୁଥିଲା
କଣ ପାଇଁ କହୁଥିଲା
ଜୋର ଧରୁଥିଲା ଯା ଭିତରେ
କୁହୁଡି କାକରର ମୋହ ।

ପରେ, ଟିକିଏ ପରେ
ଆଉ ସବୁ, ଘଡିଏ ଏଇଠି ରହ ।

❤ ତପୋବନ, ଟିଟିଲାଗଡ, ବଲାଙ୍ଗିର

# ଧ୍ୱନି ପ୍ରତିଧ୍ୱନି

**ବାଲେଶ୍ୱର, ରବିବାର, ୦୪ ଡିସେମ୍ବର, ୨୦୨୨**

ପୃଷ୍ଠା ୪ ରବିବାର ଚିତ୍ରଣ ସାପ୍ତାହିକ କ୍ରୋଡ଼ପତ୍ର


## ପ୍ରେମରେ ପ୍ରେମରେ ଗୀତି ....(୭୨)



### ॥ ମୁଁ ତ କଣ୍ଢେଇଟେ ଖାଲି ॥

ମିଛ ଅଭିନୟ କରୁକରୁ ସତ
କଳାକାର ବନିଗଲି,
ଏଇ ଜୀବନଟା କାଠର କଣ୍ଢେଇ
କାହା ହାତେ ଟେକି ଦେଲି ।

ଦୁନିଆ ଦେଇଛି ବାହାବାହା ମୋତେ
ମୋର ଅଭିନୟ ପାଇଁ,
ହେଲେ ମୁଁ ତ ନାଚେ କାହା ଇସାରାରେ
ନିଜେ ମୁଁ ତ ଜାଣିନାହିଁ,
ଚାବିଦିଆ ଏକ କଣ୍ଢେଇଟିଏ ମୁଁ
ଜିଇବା ଗଲିଣି ଭୁଲି ।

ଇଚ୍ଛାକୁ ମୋଅର ତଣ୍ଟିଚିପି ଦେଇ
ମୁହଁରେ ରଙ୍ଗକୁ ମାଖେ,
କାହା ସଂଳାପର ସୁନେଲି ସପନ
ସାରା ରାତି ବସି ଦେଖେ,
ଜଣେ ମୋ' ଲେଖକ ଜଣେ ନିର୍ଦ୍ଦେଶକ
ମୁଁ ତ କଣ୍ଢେଇଟେ ଖାଲି ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧





## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୩୦)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର

ସଂପାଦକ: ରଂଗମଞ୍ଚ, ସୁନହଟ
ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧


(ପୂର୍ବ ପ୍ରକାଶିତ ଉତ୍ତାରୁ)

### ॥ ଯୁଗଚରିତ ବୃତ୍ତାନ୍ତର ମଂଚନ ॥

ଯାହାହଉ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଯୁଗଚରିତ ବୃତ୍ତାନ୍ତକୁ ସ୍ୱୀକୃତି ମିଳିଲା । ସ୍ରଷ୍ଟାର ବଂଧୁମାନେ ମୋ ନିକଟରେ କୃତକୃତ୍ୟ ହେଲେ କାରଣ ସେ ପର୍ଯ୍ୟନ୍ତ 'ସ୍ରଷ୍ଟା' ଓଡ଼ିଶା ସଂଗୀତ ନାଟକ ଏକାଡେମୀରେ ଅଂଶଗ୍ରହଣ କରିବାର ସୁଯୋଗ ପାଇନଥାଏ, ସେତେବେଳେ ସ୍ରଷ୍ଟାର ସଭାପତି ଥାଆନ୍ତି ଶ୍ରୀଯୁକ୍ତ ବିଧୂଭୂଷଣ କର। ସାଧାରଣ ସମ୍ପାଦକ ଥାଆନ୍ତି ବଂଧୁ ସଂଗ୍ରାମ କେଶରୀ ମହାନ୍ତି। ଯା'ହଉ ଅନେକଦିନର ନିଃସ୍ପୃହତା ପରେ ହଠାତ ଯେମିତି ସ୍ରଷ୍ଟାର ବଂଧୁମାନଙ୍କ ମଧ୍ୟରେ ଉତ୍ସାହର ସ୍ଫୁରଣ ଖେଳିଗଲା । ଅପୂର୍ବ ଉତ୍ସାହରେ ସମସ୍ତେ ଚେଇଁ ଉଠିଲେ। ନିର୍ଦ୍ଦେଶନା ଦାୟିତ୍ୱ ନେଲେ ସ୍ୱର୍ଗତ ପରମାନନ୍ଦ ସାହୁ। ଏଭଳି ନାଟକଟିକୁ ନିର୍ଦ୍ଦେଶନା ଦେବା ନିମନ୍ତେ ସେ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରି ପାରୁନଥାନ୍ତି । ବଂଧୁ ମନୋରଂଜନ ଦାସଙ୍କ ପ୍ରରୋଚନାରେ ମନଦେଲେ । ମୁଁ ମଧ୍ୟ ମୋ ସାଧ୍ୟ ମତେ ଲାଗିଲି। ସୂତ୍ରଧର ଭୂମିକାରେ ନିଜେ ନିର୍ଦ୍ଦେଶକ ଓ ତାଙ୍କ ସହଯୋଗୀ ପ୍ରଭାତ କୁମାର ତରେଇ ଦାସ କାଠିଆ ମାଧ୍ୟମରେ ଆରମ୍ଭ କଲେ। ସେତେବେଳେ ନାରୀ ଚରିତ୍ରରେ ଅଭିନୟ କରିବାପାଇଁ ଆମକୁ କଟକ ଭୁବନେଶ୍ୱରର ପେଷାଦାର ଅଭିନେତ୍ରୀମାନଙ୍କ ଉପରେ ନିର୍ଭର କରିବାକୁ ପଡୁଥାଏ। କିନ୍ତୁ ଏ ନାଟକରେ ଆମେ ବାଲେଶ୍ୱରର ଦୁଇଜଣ ଶିକ୍ଷିତା ତଥା ସଂଭ୍ରାନ୍ତ ପରିବାରର ଝିଅଂକୁ ଅଭିନୟ କରାଇବାର ସୁଯୋଗ ସୃଷ୍ଟି କଲୁ। ମୁଖ୍ୟ ଚରିତ୍ରରେ ଲିଜା ଦାସ ନାମକ ଜଣେ ଝିଅ ଏବଂ ପୌରାଣିକ ଦ୍ରୌପଦୀ ଚରିତ୍ରରେ ଅନାମିକା କରଙ୍କୁ ପାଇଲୁ । ସେମାନେ ମଧ୍ୟ ଅତି ଚମତ୍କାର ଅଭିନୟ କରି ଦର୍ଶକ ମହଲରେ ବେଶ୍ ଆଦୃତ ହେବା ସଂଗେ ସଂଗେ ସଂଗୀତ ନାଟକ ଏକାଡେମୀ ପ୍ରତିଯୋଗିତାରେ ଲିଜା ଦାସ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ପୁରସ୍କୃତା ହେଲେ। ପୁରୁଷ ଚରିତ୍ରରେ ମଧ୍ୟ ସ୍ରଷ୍ଟାର ସମସ୍ତ କୁଶଳୀ କଳାକରଙ୍କ ମଧ୍ୟରେ ତନ୍ମୟ, ସଂଗ୍ରାମ, ଗୌରୀଶଙ୍କର, ମନୋରଂଜନ, ବ୍ରହ୍ମନାଥ, ବସନ୍ତକୁମାର, ଶଶଧର, ପଦାରବିନ୍ଦ, ସନ୍ତୋଷ, ନୀଳକଣ୍ଠ, ଅନନ୍ତ କୁମାର ଅଭିନୟ କରିଥିଲେ। ପ୍ରଥମେ ମଂଚନ ହେଲା ୨୩ ଫେବୃୟାରୀ ୧୯୮୯ ମସିହା । ବାଲେଶ୍ୱର ଗାନ୍ଧୀସ୍ମୃତି ଭବନରେ ଏତେ ସଫଳ ମଂଚନ ହେଲା ଯେ ସମସ୍ତେ ଅତି ମାତ୍ରାରେ ଉତ୍ସାହିତ ହୋଇପଡ଼ିଲେ। ନାଟକର ରଚୟିତା ଭାବରେ ମୋ ପ୍ରଶଂସାରେ ଦର୍ଶକ ମହଲ ବିଭୋର ହୋଇଉଠିଲେ । ଅନେକେ ବି ଭିନ୍ନ ଭିନ୍ନ ପରାମର୍ଶ ଦେଇ ବାଲେଶ୍ୱର ନାମ ରଖିବାକୁ ପ୍ରୋତ୍ସାହନ ଦେଲେ। ଯା'ହଉ ଆଉ ତିନିଚାରି ଦିନ ଅଭ୍ୟାସକରି ଏକାଡେମୀ ଉତ୍ସବରେ ଯୋଗଦାନ କରିବାକୁ ଢେଙ୍କାନାଳ ଅଭିମୁଖେ ଯାତ୍ରା କଲୁ। ଢେଙ୍କାନାଳରେ ୨୭ ଫେବୃୟାରୀରେ ଆମର ନାଟକ ହେବାର କଥା । ଆମ୍ଭେ ୨୬ତାରିଖ ସଂଧ୍ୟା ସୁଦ୍ଧା ପହଂଚିଗଲୁ। ତାପରେ ଆରମ୍ଭ ହୋଇଗଲା ପ୍ରସ୍ତୁତି। ସଂଧ୍ୟାରେ ସେଦିନର ନାଟକ ଦେଖିଲୁ। ସେମିତି ଖାସ୍ ଲାଗିଲାନି। ସେତେବେଳକୁ ଢେଙ୍କାନାଳରେ ସ୍ରଷ୍ଟାର ଗୋଟେ ସ୍ୱତନ୍ତ୍ର ପ୍ରତିଛବି ଥାଏ। ସମସ୍ତଙ୍କର ବିଶ୍ୱାସ ବାଲେଶ୍ୱରର ନାଟକ ଭଲ ହେବ। ତେଣୁ ନାଟକ ଆରମ୍ଭ ହେବାର ଅଧଘଂଟା ପୂର୍ବରୁ ଦର୍ଶକ ଗ୍ୟାଲେରୀ ଫୁଲ୍ ହୋଇଯାଇଥାଏ। ଏପରିକି ଆମର ସଭାପତି ଧୁରନ୍ଧର ବିଶ୍ୱାଳ ଯିଏକି କଟକର ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଥାଆନ୍ତି, ତାଙ୍କୁ ଖଣ୍ଡେ ସିଟ୍ ମିଳିବା ମୁସ୍କିଲ ହୋଇଗଲା। ମୁଁ ହଲେ ନୂଆ ଯୋତା ପିନ୍ଧି ଯାଇଥାଏ। ନାଟକ ଆରମ୍ଭରୁ ମୋତେ ଷ୍ଟେଜ୍ ପୂଜା କରିବାକୁ ପଡ଼େ। ମୁଁ ଯୋତାଟା ଖୋଲି ଦେଇ ପୂଜାକଲି। ପୂଜାପରେ ଯୋତାକୁ ଭୁଲି ଯାଇ ସ୍କ୍ରିପ୍ଟ ଧରି ଉଇଙ୍ଗସ୍ କଡ଼ରେ ଛିଡ଼ା ହେଲି। ନାଟକ ଆରମ୍ଭ ହେଲା ଦାସକାଠିଆରୁ। ବାସ ଆରମ୍ଭ ହୋଇଗଲା ତାଳି ତାପରେ ଗୀତିନାଟ୍ୟରୁ ନାଟକ ଆରମ୍ଭ ହେଲା। ନାଟକ ତ ଗୀତ ସଂଗୀତରେ ପରିପୂର୍ଣ୍ଣ। ସେଥିପାଇଁ ଅମୃତାଂଶୁ ପଟ୍ଟନାୟକ ସଂଗୀତ ନିର୍ଦ୍ଦେଶନାର ଦାୟିତ୍ୱ ନେଇଥାଆନ୍ତି। ତାଙ୍କର ସୁଲଳିତ କଣ୍ଠରେ ଗୀତଗୁଡ଼ିକ ବେଶ୍ ମନ ହୃଦୟକୁ ଛୁଇଁ ଯାଉଥାଏ । ନାଟକ ପ୍ରଥମରୁ ଏମିତି ଜମିଗଲା ଯେ ଦର୍ଶକ ପ୍ରଥମରୁ ହିଁ ବିମୋହିତ ହୋଇପଡ଼ିଲେ। କଳାକାରମାନେ ଅତ୍ୟଧିକ ଉତ୍ସାହିତ ହୋଇ ପୁରା ଦମରେ ମନପ୍ରାଣ ଦେଇ ଅଭିନୟ କଲେ। ଗୋଟିଏ ସ୍ମୃତି କହିବାର ଇଚ୍ଛା ହେଉଛି। ଏହିକି ଆମ ସ୍ରଷ୍ଟାର ଜଣେ ଉଦୀୟମାନ କଳାକାର ସ୍ୱାଧୀନ କୁମାର ଦାଶ ଯିଏକି ସଂପ୍ରତି ଆମ ଗହଣରେ ନାହାନ୍ତି। ଯୁଗଚରିତ ବୃତ୍ତାନ୍ତରେ ଦୁର୍ଯ୍ୟୋଧନ ଭୂମିକାରେ ଅଭିନୟ କରୁଥାନ୍ତି। ତାଙ୍କର ଅଭିନୟ ପଂଚମ ଦୃଶ୍ୟରେ ଥାଏ। ସେତେବେଳକୁ ନାଟକ ସଫଳତାର ଚରମ ସୋପାନରେ ପହଂଚି ସାରିଥାଏ। ସ୍ୱାଧୀନ ମୋ ପାଖରେ ଉଇଙ୍ଗସ କଡ଼ରେ ଛିଡ଼ା ହୋଇ ନାଟକକୁ ଲକ୍ଷ୍ୟ କରୁଥାଆନ୍ତି। ମୋତେ କହୁଥାଆନ୍ତି, ହେମେନ୍ଦ୍ର ଭାଇ ମୋ ପାଟି ଶୁଖି ଯାଉଛି, ମୋ ଦେହ ଥରୁଛି। ମୁଁ ତାଙ୍କୁ ଅଭୟ ପ୍ରଦାନ କରଉଥାଏ। ଏମିତି ହଉ ହଉ ପଂଚମ ଦୃଶ୍ୟ ପହଂଚିଗଲା। ଦର୍ଶକ ମହଲରୁ ବାରମ୍ବାର ତାଳି ପଡୁଥାଏ। ସ୍ୱାଧୀନର ଅଭିନୟ ସମୟ ଆସିଗଲା। ସେ ଗଲା ମଂଚକୁ । ଏମିତି ନର୍ଭସ ଥିଲା ଯେ ଯୋତା ପାଦରେ ଥିଲା ଖୋଲି ପାରିଲାନି। ସିଧା ଆଧୁନିକ ଯୋତା ପିନ୍ଧି ଭିତରକୁ ପଶିଗଲା। ଅବଶ୍ୟ ନାଟକ ଯେମିତି ଅବସ୍ଥାରେ ଥିଲା ଏଇ ସାମାନ୍ୟ ଭୁଲ ଭ୍ରାନ୍ତିକୁ ଦେଖିବାକୁ କାହାର ନଜର ରହିଲାନି।

(କ୍ରମଶଃ)

ଧାରାବାହିକ ଉପନ୍ୟାସ

## ମାଟିର ପ୍ରହରୀମାନେ

ଭାଗ-୧୬

(ପୂର୍ବ ପ୍ରକାଶିତ ଉତ୍ତାରୁ..)


ପୁଷ୍ପାଞ୍ଜଳି ନାୟକ

♥ ଜେଲରୋଡ, ବାଲେଶ୍ୱର-୧
(ମୋ) ୯୬୩୭୬୧୫୯୯୬୩




ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି । -ଲେଖିକା

ଶହ ଶହ ବ୍ୟସ୍ତ ପାଦଶବ୍ଦରେ ବେଦୀପାଖରେ ଭୂମି ଶବ୍ଦାୟିତ ହୋଇଉଠିଲା । ଘର ଭିତରୁ ଝିଅବୋହୂଙ୍କର କାନ୍ଦଣାଳହଣୀ ଭାସିଆସିଲା । ତାସହିତ ଶଙ୍ଖ, ହୁଳୁହୁଳି ଶବ୍ଦ । ପିଲାମାନେ ଗାଆଁ ଦାଣ୍ଡକୁ ଦୌଡ଼ିଗଲେ । ବଡ଼ମାନେ ଏପାଖ ସେପାଖ ହୋଇ ସବୁ ଆୟୋଜନ ତଦାରଖ କରିବାରେ ଲାଗିଥିଲେ ।

ପୁଣି ବାଣ ଫୁଟିଲା । ବାଜା ମଧ ଜୋରରେ ଶୁଭିଲା । ଅନେକ ଝିଅ, ବୋହୂ ଏଥର ବାହାରକୁ ବାହାରିଆସିଲେ । ଅନେକ ସେଥିରୁ ବିବାହିତା । ସମସ୍ତଙ୍କ ଦେହରେ ନୂଆ ଶାଢ଼ୀ, ଗହଣା । ପାଦରେ ଅଳତା । ପାନରଙ୍ଗା ଓଠ । ସେମାନେ ବର ଦେଖିବାକୁ ଯିବେ ।

ଭୀମର ଚନ୍ଦ୍ରମଣି ଦିଦି ପାଇଁ ଖାଇବାଜିନିଷ ନେବା କଥା ପାଶୋର ହୋଇଯାଇଥିଲା ।

॥ ଅଠର ॥

ବାଲିଆପାଳର ଡାକ୍ତରଖାନା ପଡ଼ିଆରେ ମେଳା ବସିଯାଇଛି ଯେମିତି । ଶହ ଶହ ପୁରୁଷ ସ୍ତ୍ରୀଲୋକ ପିଲାକବିଲା ଧରି କାଲିଠୁଁ ଚାଲିଛନ୍ତି । ସମସ୍ତେ ଗୋଟାଏ ଦିନ ରହିବାକୁ ପ୍ରସ୍ତୁତ ହୋଇଆସିଛନ୍ତି । ସମସ୍ତଙ୍କ ହାତରେ ଗୋଟାଏ ଗୋଟାଏ ପୁଟୁଳି । ବସଷ୍ଟାଣ୍ଡ ପାଖ ହୋଟଲରେ ଭିଡ ଜମିଛି । ଯେଉଁମାନେ ତରତରରେ ଭାତ ଖାଇ ଆସିନାହାନ୍ତି ସେମାନେ ହୋଟେଲରେ ଖାଉଛନ୍ତି । ବାକିମାନେ ଘରୁ ଆଣିଥିବା ଚୁଡ଼ା, ମୁଢ଼ୀ ଗାମୁଛାରେ ଭିଜାଇ ଖାଉଛନ୍ତି । ଡାକ୍ତରଖାନା ପୋଖରୀକୂଳ ବରଗଛ ମୂଳେ କେହି କେହି ଗାମୁଛା ମେଲାଇ ଶୋଇପଡ଼ିଛନ୍ତି ।

ବୈଶାଖ ମାସ ଝାଞ୍ଜିପିଟା ଖରା । ଧରଣୀ ଜଳୁଛି । ପୋଖରୀକୂଳ ସେଇ ବରଗଛଟି ଛଡ଼ା ଆଉ କେଉଁ ଗଛରେ ଗୋଟାଏ ବି ପତ୍ର ଶାଗୁଆ ନାହିଁ । ସବୁ ପୋଡ଼ିଗଲାଣି । ସବୁ ଜଳିଗଲାଣି ।

ସେଇ ଗଛମୂଳେ କେତୋଟି ବୁଲା ଷଣ୍ଢ ଶୋଇ ପାକୁଳି କରୁଛନ୍ତି ।

ଆଜିଭୁପରଓଳି ଏଠି ସଭାହେବ । ବିଧିବଦ୍ଧ ଭାବରେ କ୍ଷେପଣାସ୍ତ୍ର ପ୍ରତିରୋଧ କମିଟି ଗଢ଼ା ହେବ ।

ଅନାଦି ସାହୁ, ନଟବର ପ୍ରଧାନ, ସୁଧାକର ଗିରି, ଅଗରା ମଳିକ, ଶୀରିଆ ପ୍ରଧାନ ଆଉ ଅବଦୁଲ ମିଆଁ ଏମାନେ ସପ୍ତାହେ ହେବ ଗାଁ ବୁଲି ଲୋକଙ୍କୁ ଡାକିଛନ୍ତି । ସମସ୍ତେ ଆଜି ଏକାଠି ହେବେ । ଏକାଠି ଶପଥ ନେବେ ଘାଟୀ ସେମାନେ କରାଇଦେବେ ନାହିଁ ।

ଦୁଇବର୍ଷ ତଳେ ଭାରତ ସରକାରଙ୍କର ପ୍ରତିରକ୍ଷା ବିଭାଗ ତରଫରୁ କେତେଜଣ ବିଶେଷଜ୍ଞ ଆସି ଏ ଜାଗାଟା ପର୍ଯ୍ୟବେକ୍ଷଣ କରି ସରକାରଙ୍କୁ ଗୋପନରେ ରିପୋର୍ଟ ଦେବାଠାରୁ ସବୁ ଯେମିତି ବଦଳିଗଲା । କେବେ ଏତେ ଲୋକ ଆସି ବାଲିଆପାଳ ବିଷୟରେ ଏତେ ତଥ୍ୟ ନେଇଗଲେ, ବାଲିଆପାଳବାସୀ ସୁରାକ ପାଇଲେ ନାହିଁ ।

ସେମାନେ ଜାଣିଲେ, ଖବରକାଗଜ ପୃଷ୍ଠାରୁ, ବାଲିଆପାଳରେ ଘାଟୀ ହେବାଲାଗି ସବୁ ଉପାଦାନ ମହଜୁଦ ରହିଛି ।

ଓଡ଼ିଶାର ଭାତହାଣ୍ଡି ବୋଲାଉଥିବା ବାଲେଶ୍ୱର ଜିଲ୍ଲାର ସବୁଠୁଁ ଉର୍ବର ମାଟି ଏ । ଏଠି ଜମିରେ ସୁନା ଫଳେ । ସୁବର୍ଣ୍ଣରେଖା ପଟୁମାଟିରେ ଗୋଡ଼ିପଥର ବି ସୁନା ହୋଇଯାଏ । କେବେ କେମିତି ସୁବର୍ଣ୍ଣରେଖାବାସୀଙ୍କର ଅମାର କେବେ ଖାଲିହୁଏ ନାହିଁ।

କାରଣ ସୁବର୍ଣ୍ଣରେଖା ଆଷାଢ଼ରେ ଯାହା ନେଇଥାଏ, ବୈଶାଖରେ ଶହେ ଗୁଣ କରି ଫେରେଇ ଦିଏ । ମୁଗ, ବିରି, ହରଡ଼, ତିଳ, ସୋରିଷଠୁଁ ଆରମ୍ଭ କରି ଜାତିଜାତି ପନିରିବାରେ ସୁବର୍ଣ୍ଣରେଖା ପଠା, ତୀରବର୍ତ୍ତୀ କ୍ଷେତ ସବୁବେଳେ ହସୁଥାଏ । ତାଛଡ଼ା ଅଛି ହଜାର ହଜାର ନଡ଼ିଆ, ଗୁଆଗଛ । ଶହ ଶହ କଦଳୀ ବାଡ଼ି । କାଜୁବାଦାମର ମାଇଲି ମାଇଲି ବ୍ୟାପୀ ବଣ । ଆଉ ଶହ ଶହ ପାନପରଜ।

ଆଜି ସେଇ ଜନମମାଟିର ଚରମ ଲାଞ୍ଛନାର ଦିନ ଆସିଛି । ସେମାନେ ତା'ର ଛାତିକୁ ଚିରି ସେଠି ତିଆରି କରିବେ ଧ୍ୱଂସର ସମାଧି । ଯେଉଁ ମାଆ ଛାତିର କ୍ଷୀରରେ ସେମାନଙ୍କର ଜୀବନ ସୁଧାମୟ ହୋଇ ରହିଛି, ତାରି ରକ୍ତରେ ସେମାନେ ହୋରି ଖେଳିବେ । ପୁଅ ହୋଇ ମାଆର ଏ ଅପମାନ ସେମାନେ କେମିତି ସହିବେ ?

ଘାଟୀ ହେଲେ ସେମାନେ ଯେ କେବଳ ଭିଟାମାଟିରୁ ଉଚ୍ଛେଦ ହେବେ, ତା ନୁହେଁ, ପ୍ରାୟ ତିରିଶ ହଜାରରୁ ଅଧିକ ବରଜ ମାଟିରେ ମିଶିଯିବ, ଯେଉଁଥିରୁ ପ୍ରାୟ ଦୁଇଶହ କୋଟି ଟଙ୍କାର ପାନ ଭାରତର ବିଭିନ୍ନ ସ୍ଥାନକୁ ଓ ଭାରତ ବାହାରକୁ ରପ୍ତାନି କରାଯାଏ ।

ସେ ଅଞ୍ଚଳର ହଜାର ଲୋକଙ୍କର ବୃତ୍ତି କୃଷି ଓ ପାନବ୍ୟବସାୟ ।

ସୁବର୍ଣ୍ଣରେଖା କୂଳର ଆଉ ଏକ ପ୍ରଧାନ ସମ୍ପ୍ରଦାୟ, ତା'ର ଧୀବରମାନେ ।

ସୁବର୍ଣ୍ଣରେଖାରୁ ମତ୍ସ୍ୟ ଧରି ପ୍ରାୟପଚାଶହଜାରରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଜୀବିକା ନିର୍ବାହ କରନ୍ତି ।

ବଙ୍ଗଳାରେ ପଦ୍ମା, ଉତ୍ତରଭାରତରେ ଗଙ୍ଗା ଭଳି ଭାରତର ଉତ୍ତରପୂର୍ବରେ ଏଇ ନଦୀ ସୁବର୍ଣ୍ଣରେଖା । ବିନା ମାଛରେ ବାଲିଆପାଳବାସୀଙ୍କର ଗୁଣ୍ଡା ପାଟିକୁ ଉଠେ ନାହିଁ ।

ପ୍ରତିଦିନ ଅସଂଖ୍ୟ ଲଞ୍ଚ ଆଉ ଟ୍ରଲର ସମୁଦ୍ରଭିତରୁ ଯାଇ ମାଛଆଣେ । ସେ ମାଛ ଯାଏ ବିଭିନ୍ନ ସ୍ଥାନକୁ ।

ଓଡ଼ିଶା ଅର୍ଥନୀତିରେ ଏକ ବିଶିଷ୍ଟ ନାମ ବାଲିଆପାଳ ।

ସେଇ ଉର୍ବର ମାଟିକୁ ବନ୍ଧ୍ୟା କରିବାର ଷଡ଼ଯନ୍ତ୍ର, କ୍ଷେପଣାସ୍ତ୍ର ଘାଟୀ ।

ସେମାନେ ଅଶିକ୍ଷିତ ଲୋକ । ସେମାନଙ୍କ ମଧ୍ୟରୁ ଅନେକେ ଚାଷୀ, ମୂଲିଆ । ଘାଟୀ ସମ୍ବନ୍ଧରେ ପ୍ରାମାଣିକ ତଥ୍ୟ ସେମାନେ ବୁଝନ୍ତି ନାହିଁ । କେଉଁ ଦେଶରେ କେଉଁଠି ଘାଟୀ ଅଛି, ତାଦ୍ୱାରା ଧନଜୀବନ, ପରିବେଶ କେତେ କ୍ଷତିଗ୍ରସ୍ତ ହୋଇଛି, ସେମାନେ ଜାଣନ୍ତି ନାହିଁ । ସେମାନେ ଖାଲି ଏତକ ଜାଣିଛନ୍ତି, ସାତ ପୁରୁଷ ଅମଳରୁ ବଇଠା ଜାଳିଆସୁଥିବା, ପ୍ରାଣଠୁଁ ପ୍ରିୟ ଢ଼ିଅ ସେମାନଙ୍କର ହୋଇ ରହିବ ନାହିଁ । ବୁଲଡୋଜର କେବଳ ସେମାନଙ୍କର ଘରକୁ ଧୂଳିସାତ କରିବ ନାହିଁ, ସେମାନଙ୍କର ସମସ୍ତ ସ୍ମୃତି, ଅତୀତ ଭବିଷ୍ୟତକୁ ମଧ ଧୂଳିସାତ କରିଦେଇଯିବ । ବାଲେଶ୍ୱର ମାନଚିତ୍ରରୁ ସେମାନଙ୍କର ଗାଁ ଲିଭିଯିବ । ଲିଭିଯିବ ତା ସହିତ ଜୀବନର ଯେତେକେ ଆଶା ଆଉ ସ୍ୱପ୍ନ ।

ଶେଷ ଫଗୁଣର ପ୍ରଥମ ମଳୟ କାଜୁବାଦାମ ଗଛର ଚୁନି ଚୁନି ଫୁଲର ବାସ୍ନାରେ ଆଉ ମତୁଆଲା ହେବ ନାହିଁ । ସେଇ ସୁଗନ୍ଧକୁ ଆକଣ୍ଠ ଆଘ୍ରାଣ କରି ସେମାନେ ଆଉ ଜୀବନର ସ୍ୱପ୍ନରେ ବିଭୋର ହେବେ ନାହିଁ । ତା ବଦଳରେ ପବନ ଭରିଯିବ ବାରୁଦର ଗନ୍ଧରେ । ବିଷାକ୍ତ ଗ୍ୟାସର ଗନ୍ଧରେ । ମଣିଷ ପ୍ରତି ମଣିଷର ଘୃଣା, ବିଦ୍ୱେଷ, ଈର୍ଷା, ଅସୂୟାର ଦୁର୍ଗନ୍ଧରେ ।

ଶଙ୍ଖଧ୍ୱନି ପରିବର୍ତ୍ତେ ଆଣବିକ ପରୀକ୍ଷାରେ ବିସ୍ଫୋରଣଜନିତ ପ୍ରଚଣ୍ଡ ଶବ୍ଦରେ ବସୁଧା ପ୍ରକମ୍ପିତ ହେବ । ସୁବର୍ଣ୍ଣରେଖାର ଜଳରେ ନୌକା ବା ମାଛ ପରିବର୍ତ୍ତେ ଭାସିବ ମଣିଷର ଶବ, ମାନବିକତାର ଶବ । ସେଇ ଶବର ଉଦବୃତ୍ତ ମାଂସକୁ ଭକ୍ଷଣ କରିବେ ନାରକୀୟ ବିଭୀଷିକା ସୃଷ୍ଟି କରିଥିବା ନାନା ଗୃଧ୍ର, ଶକୁନଦଳ ।

ସର୍ବହରା ହୋଇ ଭିକ୍ଷାଝୁଲି ଧରି ସେମାନେ ଦ୍ୱାରେଦ୍ୱାରେ ଭିକ ମାଗିବେ, ଯେଉଁମାନଙ୍କ ଘରୁ ଭିକାରୀ କେବେ ଖାଲିହାତରେ ଫେରେନାହିଁ । ସେମାନଙ୍କର ପିଲାକବିଲା ସେଇ ଭିକ୍ଷାପାତ୍ର ଧରି ହିଁ ଜନ୍ମ ହେବେ । ପେଟ ଚାଖଣ୍ଡ ଭରିବା ପାଇଁ ମୂଲ ଲାଗିବେ, ଘର ବୋଲି ସେମାନଙ୍କର କିଛି ରହିବ ନାହିଁ ।

ଆଉ ଯେଉଁମାନେ ଏଠି ରହିଯିବେ ? ସେମାନଙ୍କର ଝିଅବୋହୂଙ୍କର ଜଠର ହେବ ବନ୍ଧ୍ୟା । ଆଉ ଯଦି କେବେ ସେମାନେ ମାଆ ହୁଅନ୍ତି, ସେ ଶିଶୁମାନେ ହେବେ ବିକଳାଙ୍ଗ, ବୋଧଶକ୍ତିରହିତ । ସେମାନେ ହସି ଜାଣିବେ ନାହିଁ, ସେମାନେ କାନ୍ଦି ଜାଣିବେ ନାହିଁ । ଜୀବନର ନାନା ବର୍ଣ୍ଣାଢ଼୍ୟ ଅନୁଭୂତିରେ ସେମାନଙ୍କର ଜୀବନପାତ୍ର ପୁଷ୍କଳ ହେବ ନାହିଁ । ସେମାନେ କେବଳ ଉଦରସର୍ବସ୍ୱ ଜୀବନ୍ତ ପୁତ୍ତଳିକା ହିଁ ହେବେ ।

ଦିବାକର ଜେନା ପାନଦୋକାନରେ ଭିଡ଼ କ୍ରମଶଃ ବଢ଼ିଚାଲିଥିଲା । ତା ସହିତ ସେଠାରେ ଥିବା ହୋଟେଲ ଓ ଚା' ଦୋକାନିଟିର ମଧ । ନଟବର ପ୍ରଧାନ, ଅନାଦି ସାହୁ, ଘନଶ୍ୟମ ଦାସ, ଅବଦୁଲ ମିଆଁ ଏମାନେ ଦୁର୍ଗାପୂଜା କ୍ଲବଘରେ ବଡ଼ ସତରଞ୍ଜିଟିଏ ପକାଇ ବସିଥିଲେ । ସ୍ଥାନୀୟ ଏମ.ଏଲ. ଏ.ଙ୍କୁ ଯାହା ଅପେକ୍ଷା । ସେ ଆହୁରି ପହଞ୍ଚିନାହାନ୍ତି । ଘାଟୀ ଆନ୍ଦୋଳନର ସେ ଜଣେ ବଡ଼ ପୁରୋଧା ।

ସଭା ସେଇ ଡାକ୍ତରଖାନା ପଡ଼ିଆରେ ହିଁ ହେବ ।

ଘାଟୀ ଆନ୍ଦୋଳନ ହେବା ଠାରୁ ଏମିତି ପ୍ରକାଶ୍ୟ ସଭା ଏଇ ପ୍ରଥମ । ଆଗରୁ ସବୁ ଆଲୋଚନା, ପ୍ରଚାର ଗୋପନରେ ହିଁ ହୋଇଛି । ସେଥର ହଜାର ହଜାର ମଣିଷଙ୍କ ପଟୁଆର ଯେତେବେଳେ ବାଲେଶ୍ୱରରେ ପହଞ୍ଚିଥିଲା, ରାସ୍ତାରୁ ହିଁ ପୋଲିସ ସେମାନଙ୍କୁ ଅଟକାଇ ଦେଇଥିଲେ । ଗିରଫ କରି ଟ୍ରକରେ ବସାଇ ଥାନାକୁ ନେଇ ଯାଇଥିଲା । ଅଭୁକ୍ତ ଅବସ୍ଥାରେ ଗୋଟାଏ ଦିନ ଅଟକ ରଖି ପୁଣି ସେମାନଙ୍କୁ ଆଣି ରାସ୍ତାରେ ହିଁ ଛାଡ଼ିଯାଇଥିଲା ।

ହେଲେ ମଣିଷର ପ୍ରାଣ ଶକ୍ତି କଅଣ ଏତେ କମ ? ଗୋଟାଏ ଦିନ ଅନାହାରରେ ସେମାନେ କେହି ମରିନଥିଲେ ।

ପୁଣି ନବୀନ ଉତ୍ସାହରେ ତେଜିଉଠିଥିଲେ ସେମାନେ ।

ଖବରକାଗଜରେ ଏ ସମ୍ବାଦ ପ୍ରକାଶ ପାଇବା ପରେ ପ୍ରବଳ ଜନମତ ସୃଷ୍ଟି ହୋଇଥିଲା । କେବଳ ଓଡ଼ିଶାର ବିଭିନ୍ନ ପୁରପଲ୍ଲୀ କିମ୍ବା ଭାରତର ସହରନଗରରୁ ନୁହେଁ, ଭାରତର ବିଭିନ୍ନ କୋଣରୁ ତୀବ୍ର ପ୍ରତିବାଦର ସ୍ୱର ଶୁଭିଥିଲା । ବାଲିଆପାଳବାସୀଙ୍କୁ ଅଭିନନ୍ଦନ ଜଣାଇ ଶହଶହ ଚିଠି ଘାଟୀ ଆନ୍ଦୋଳନର ପୁରୋଧାମାନଙ୍କ ପାଖରେ ପହଞ୍ଚିଥିଲା।

ଆନ୍ଦୋଳନ ଥମି ନାହିଁ ।

ଆସେମ୍ବ୍ଲିରେ ବାରମ୍ବାର ପ୍ରଶ୍ନ ଉଠୁଛି । ପାର୍ଲାମେଣ୍ଟରେ ଆଲୋଚନା ହେଉଛି ।ଘାଟୀ ଆନ୍ଦୋଳନର ପୁରୋଧାମାନେ ବାରମ୍ବାର ସରକାରଙ୍କୁ ଚିଠି ଲେଖୁଛନ୍ତି। ଏ ଭୟଙ୍କର ଖେଳରୁ ଓହରି ଆସିବାଲାଗି ମିନତି କରୁଛନ୍ତି । କାରଣ ଏହାଦ୍ୱାରା ଯେ କେବଳ ଲକ୍ଷେ ଚାଳିଶ ହଜାର ଲୋକ ଉଦବାସ୍ତୁ ହେବେ, ତା ନୁହେଁ, ଜାତୀୟ ଅର୍ଥନୀତି ମଧ ବିପୁଳଭାବରେ କ୍ଷତିଗ୍ରସ୍ତ ହେବେ ।

ସରକାର ନିଜ ଜିଦ୍‌ରେ ଅଟଳ ଅଛନ୍ତି ।

ବାରମ୍ବାର ସରକାରୀ ଲୋକ ଆସୁଛନ୍ତି । ଲୋକଙ୍କୁ ଲୋଭ ଦେଖାଇ କରଗତ କରିବାର ଚେଷ୍ଟା କରୁଛନ୍ତି । ଘାଟୀ ହେଲେ ସେମାନଙ୍କର ଲାଭ ହେବ । ଯେଉଁମାନଙ୍କର ଘର ବା ଡିହ ଯିବ, ସେମାନଙ୍କ ପରିବାରରୁ ଜଣେ ସରକାରୀ ଚାକିରି ପାଇବେ । ସେମାନଙ୍କୁ ଥଇଥାନ କରିବା ପାଇଁ ଗଢ଼ିଉଠିବ ବିଭିନ୍ନ କଳକାରଖାନା ।

(କ୍ରମଶଃ)

## ॥ ଜ୍ଞାନ କିଣାବିକାର ଚିଜ ନୁହେଁ ॥

କ୍ଷୁଦ୍ର ଗଳ୍ପ

ନଗେନ୍ଦ୍ର ନାଥ ପଟ୍ଟନାୟକ

ଥରେ ବ୍ରହ୍ମଜ୍ଞାନୀ ରେକବଙ୍କ ବିରକ୍ତି ଓ ଜ୍ଞାନର ଭୂରିଭୂରି ପ୍ରଶଂସା କଥା ତୁଣ୍ଡ ବାଇଦ ସହସ୍ର କୋଶ ଭଳି ଏ ତୁଣ୍ଡରୁ ସେ ତୁଣ୍ଡ ହୋଇ ଶେଷରେ ରାଜା ଜନଶ୍ରୁତିଙ୍କ କାନରେ ବାଜିଲା । ବ୍ରହ୍ମଜ୍ଞାନୀ ମୁନିଙ୍କ ସତ୍‌ସଙ୍ଗ ଲଭିବା ଉଦ୍ଦେଶ୍ୟରେ ରାଜା ଅତିଷ ବ୍ୟାକୁଳ ହୋଇଉଠିଲେ । ରାଜା ଜାଣିବାକୁ ପାଇଲେ ଯେ ମୁନି ରେକବ ବଳଦଗାଡିରେ ବିଚରଣ କରନ୍ତି । ମୁନିଙ୍କ ଠିକଣା ଠାବ କରିବା ନିମନ୍ତେ ସେ ଭାଟକୁ ଆଦେଶ ଦେଲେ । ଉଦ୍ଦେଶ୍ୟ- ମୁନିଙ୍କ ବାସସ୍ଥାନରେ ପଦାର୍ପଣ କରି ତାଙ୍କୁ ସାକ୍ଷାତ କରିବା । କିଛିକ୍ଷଣ ପରେ ଭାଟ ରାଜ ଉଆସକୁ ପ୍ରତ୍ୟାବର୍ତ୍ତନ କଲେ । ବିନମ୍ରତାର ସହ ହାତଯୋଡି କହିଲେ -ମହାରାଜ, ମୁନି ରେକବ ଘଂଚ ଜଙ୍ଗଲରେ କଠୋର ସାଧନାରତ ।

ତା'ପରେ ରାଜା ଜନଶ୍ରୁତି ବେଶ୍ ସନ୍ତର୍ପଣ ସହକାରେ ବହୁତ ଗୁଡେ ମୂଲ୍ୟବାନ ଉପହାର ସାଙ୍ଗରେ ଘେନି ପ୍ରସ୍ତୁତ ହୋଇଗଲେ । ରଥ ଉପରେ ସବାର ହେଲେ । ରଥ ନିଘଂଚ ଜଙ୍ଗଲ ଅଭିମୁଖେ ମୁହାଁଇଲା ଯୋଉଠି ମୁନି ଗଭୀର ଧ୍ୟାନମଗ୍ନ ମୁଦ୍ରାରେ ଉପବେଶନ କରିଥିଲେ । ସେ ସ୍ଥାନରେ ରାଜା ପହଁଚି ମୁନିଙ୍କୁ ପ୍ରଣିପାତ କଲେ । କରପତ୍ର ଯୋଡି କହିଲେ -ମହାରାଜ ! ଏସବୁ ହେଉଛି ଛଅଶହ ଗାଈ, ସ୍ୱର୍ଣ୍ଣଜଡିତ କଂଠହାର ଆଉ ରଥ । ଏ ମୂଲ୍ୟବାନ ଚିଜ୍‌ଗୁଡିକ ଆପଣଙ୍କୁ ଭେଟି ଦେବାକୁ ଇଛା କରୁଛି । ଉପଦେଶ



ଦେଇ କୃପାବୃଷ୍ଟି କରନ୍ତୁ ।

ମୁନି ରେକବ କହିଲେ -ଏସବୁ ଗାଈ, ସ୍ୱର୍ଣ୍ଣାଭୂଷଣ ଓ ରଥକୁ ଆପଣଙ୍କ ପାଖରେ ରଖନ୍ତୁ । ମୁଁ ନିର୍ଜନ ବଣରେ ଅବସ୍ଥାନ କରି ସମ୍ପୂର୍ଣ୍ଣ ଭାବେ ସନ୍ତୁଷ୍ଟ ।

ଏକଥା ଶୁଣିବା ମାତ୍ରେ ରାଜା ନିରାଶାରେ ଭାଙ୍ଗିପଡିଲେ । ନୈରାଶ୍ୟ ଗ୍ଲାନିରେ ଜର୍ଜରିତ ହେଇ ବାହୁଡି ଆସିଲେ ରାଜ ପ୍ରାସାଦକୁ । ରାଜା ଭାବନାରେ ବୁଡିରହିଲେ । ମନେମନେ ବିଚାରିଲେ ଯଦି ୟାଠୁ ବହୁଗୁଣା ଧନସମ୍ପତି ଓ ନିଜ କନ୍ୟାରତ୍ନଙ୍କୁ ତାଙ୍କୁ ସଅଁପିଦିଏ ତେବେ ହୁଏତ ତାଙ୍କଠୁ ଜ୍ଞାନପ୍ରାପ୍ତି କରାଯାଇ ପାରେ ।

ରାଜା ପୁଣି ମୁନି ରେକବଙ୍କ ନିକଟକୁ ପ୍ରସ୍ଥାନ କଲେ । ସେଠାରେ ପଦାର୍ପଣ କରି ରାଜା କହିଲେ ମୋ କନ୍ୟାରତ୍ନକୁ ଧର୍ମପତ୍ନୀଙ୍କ ପାଣିଗ୍ରହଣ କରନ୍ତୁ ଆଉ ଏ ଧନକୁ ବାହାଘର ଯୌତୁକ ବୋଲି ଧରିନିଅନ୍ତୁ ।

ମୁନି ରେକବ ଜବାବ ଦେଲେ - ରାଜନ, ତୁମେ ବେଶ୍ ଭଲ ଭାବରେ ଜାଣିଥାଅ ଯେ କିଛ ମୂଲ୍ୟବାନ ଭୌତିକ ଚିଜର ପ୍ରତିବଦଳରେ ବ୍ରହ୍ମଜ୍ଞାନ କିଣାଯାଇ ପାରେନା । ମୁଁ ଜ୍ଞାନ ବିକାବିକି ବେପାର କରେନାହିଁ ।

ରାଜା ଜନଶ୍ରୁତି ମୁନିଙ୍କ ଏ ମର୍ମଭେଦୀ କଥା କେଇପଦ ଶୁଣିବା ପରେ ସ୍ତବ୍ଧ ହୋଇପଡିଲେ । କିଛିକ୍ଷଣ ନୀରବ ରହିବା ପରେ ତାଙ୍କର ଭାବାନ୍ତର ସୃଷ୍ଟିହେଲା । ଜ୍ଞାନ ଚୈତନ୍ୟ ଉଦୟ ହେଲା । ସେ ସାଙ୍ଗେ ସାଙ୍ଗେ ମୁନିଙ୍କ ଚରଣାରବିନ୍ଦରେ ଲୋଟିଗଲେ । ରାଜାଙ୍କ ଅହଙ୍କାର, ଅଭିମାନ ଭାଙ୍ଗି ଚୁରମାର ହୋଇଗଲା । ଶେଷରେ ମୁନି ରେକବ ତାଙ୍କୁ ଜ୍ଞାନ ପ୍ରଦାନ କଲେ ।


♥ ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯
ଲକ୍ଷ୍ମୀସାଗର
କେନାଲ ରୋଡ, ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

# ସାହିତ୍ୟରେ ନୋବେଲ ବିଜେତା ଆନ୍ ଆର୍ନାକ୍ସ

ଡକ୍ଟର ଲକ୍ଷ୍ମଣ ସାହୁ



ଫରାସୀ ଉପନ୍ୟାସିକ ଆନ୍ ଆର୍ନାକ୍ସ ନିକଟ ଅତୀତରେ ସାହିତ୍ୟରେ ନୋବେଲ-୨୦୨୨ ପୁରସ୍କାର ପାଇଥିଲେ । ଅନାରଙ୍କୁ ପୁରସ୍କାର ଦେବାର ସ୍ୱେଡେନ ଏକାଡେମୀର କାରଣ ଅନୁଯାୟୀ, ବ୍ୟକ୍ତିଗତ ସ୍ମୃତି, ସାମୂହିକ ସଂଯମତା, ବିଚ୍ଛିନ୍ନତା ଭାବନା ଏବଂ ପିଲାମାନଙ୍କୁ ସଙ୍କୋଚତା ଏବଂ ପର୍ଯ୍ୟବେକ୍ଷଣଶୀଳତା ମାଧ୍ୟମରେ ଉନ୍ମୋଚନ କରିବା ପାଇଁ ତାଙ୍କର ଏହି ପ୍ରୟାସ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛି । ଆକାଡେମୀ ଆହୁରି ମଧ କହିଛନ୍ତି, "ନିମ୍ନ ବର୍ଗର ଜୀବନ, ଲିଙ୍ଗ, ଭାଷା ଏବଂ ଶ୍ରେଣୀର ଦୃଢ ବିଭାଜନ, ମାନବୀୟ ଭାବନାର ହତ୍ୟା, ଲୋଭ, ହିଂସା, ପାପ, ହତ୍ୟା, ବଳାତ୍କାର ଏବଂ ସେହି ଅନୁଭୂତି ତାଙ୍କ ସାହିତ୍ୟରେ ବିଶ୍ୱସ୍ତ ଭାବରେ ପ୍ରତିଫଳିତ ହୋଇଛି ।

ସେ ଲୋକ ସାହିତ୍ୟ କମିଟିର ଜଣେ ଅତି ପ୍ରବୀଣ ଲେଖକ । ସେ ତାଙ୍କର ଦୀର୍ଘ ସାହିତ୍ୟିକ ଜୀବନରେ କଠିନ ସତ୍ୟର ସାମ୍ନା କରିବାକୁ ଡରୁନଥିଲେ । ସେ ତାଙ୍କ ସାହିତ୍ୟରେ କିଛି ଅନେକ ମୂଲ୍ୟବାନ ଉପସ୍ଥାପନ କରିଛନ୍ତି ଯାହା ପୂର୍ବରୁ କେହି କରିନାହାଁନ୍ତି, କିମ୍ବା ସେ କରି ମଧ ସେ ଅନେକ ଲେଖକଙ୍କ ଲେଖା ପଢିଛନ୍ତି, କିନ୍ତୁ ସେ ତାଙ୍କ ଲେଖା ଜୀବନରେ ଏକ ନିଆରା ଶୈଳୀ ଉପରେ ଆଧାର କରି ସାହିତ୍ୟ ଅଭ୍ୟାସ କରିଛନ୍ତି ଏବଂ ତାହା ମଧ ଅଛି । ତାଙ୍କୁ ବିଶ୍ୱ ସାହିତ୍ୟରେ ଏକ ପ୍ରମୁଖ ସ୍ଥାନ ଦେଇଥିଲେ । ଯଦିଓ ସେ ୧୯୭୦ ମସିହାରୁ ତାଙ୍କର ସାହିତ୍ୟ ଅଭ୍ୟାସ ଆରମ୍ଭ କରିଥିଲେ, ତଥାପି ସେ ତାଙ୍କ ପୁସ୍ତକ 'କୁହ ଯାସ୍' ଆନ୍ତର୍ଜାତୀୟ ବୁଝମଣା ହାଇଡ ପାଇଁ ଫାଇନାଲିଷ୍ଟ ଭାବରେ ମନୋନୀତ ହେବା ପରେ ୨୦୧୧ ରେ ବିଶ୍ୱର ପାଠକମାନଙ୍କ ନିକଟରେ ପରିଚିତ ହୋଇଥିଲେ । ନୋବେଲ ପୁରସ୍କାର ପାଇବା ପରେ ଡାଖୀଙ୍କ ସ୍ୱୀକାର, ସାହିତ୍ୟ ଏକ ନାମ ଅଟେ ।

ସାହିତ୍ୟିକ ହେଉଛି ସାମାଜିକ, ଭେଦଭାବ, ଅତ୍ୟାଚାର, ଦୁର୍ନୀତି, ଶୋଷଣ, ଅସ୍ପୃଶ୍ୟତା, ଦାରିଦ୍ର୍ୟ, ଦୁଃଖ ସାଧାରଣ ଲୋକଙ୍କ ଆଖିରେ ସବୁକିଛି ଖୋଲିଥାଏ । ଏବଂ ଏହାକୁ ସଫଳ କରିବା ପାଇଁ ମୁଁ ଛୁରୀ ପରି ଭାଷା ବ୍ୟବହାର କରିଥିଲି । ସମାଜର କଳ୍ପନାର ପାଦ ଟେବୁଲ ଉପରେ କ୍ରମାଗତ ଭାବରେ ଏକ ଛୁରୀ । ତାଙ୍କ ପିତାମାତାଙ୍କର ଏକ ବେକେରୀ ଏବଂ କଫି ଦୋକାନର ମାଲିକ ଥିଲେ । ମାତାଙ୍କର କୌଣସି ଆନୁଷ୍ଠାନିକ ଶିକ୍ଷା ନଥିଲା, ପିତା ସ୍ୱଳ୍ପ ସ୍ୱଭାବିକ ଏବଂ ନକଲି ଥିଲେ । କେବଳ ବାର ବର୍ଷ ବୟସରେ ପିତା ତାଙ୍କ ମାତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଥିଲେ । ପିଲାଦିନର ସେହି ଘଟଣା ପରେ ତାଙ୍କ ପୁସ୍ତକ 'ଶେମ'ରେ ଆସିଥିଲା, ଯେଉଁଠାରେ ସେ କହିଥିଲେ ଯେ' ମୋ ବାପା ରବିବାର ସକାଳେ ମୋ ମା'ଙ୍କୁ ହତ୍ୟା କରିଥିଲେ। ପୁସ୍ତକର ସଫଳତା ଏର୍ନର୍ସଙ୍କୁ ଏକ ଗଭୀର ସାହିତ୍ୟ କ୍ୟାରିୟର କରିବାକୁ ପ୍ରେରଣା ଦେଲା, ଯାହା ପରେ ସେ କ'ଣ ସେ ଗଲେ ଏବଂ ଫ୍ରୋଜେନ୍ ମହିଳା ଲେଖିଥିଲେ । କେତେକଙ୍କ ଅନୁଯାୟୀ, ପୁସ୍ତକଗୁଡ଼ିକ ଆତ୍ମଜୀବନୀ ହୋଇଥିବାବେଳେ ଅନ୍ୟମାନେ ସମାଜର ଦର୍ପଣ ଦେଖିଛନ୍ତି ।

କେବଳ ତାଙ୍କର ନିଜ ଜୀବନର ଅଭିଜ୍ଞତା କିନ୍ତୁ ତାଙ୍କ ପିଢିର - ତାଙ୍କ ପିତାମାତା - ମହିଳା - ଅଜ୍ଞାତ ଭାବରେ ଅନ୍ୟମାନେ ସର୍ବସାଧାରଣ ସ୍ଥାନରେ ଭୁଲିଯାଇଥିଲେ । ଏକ ନାମମାତ୍ର, ଅନ୍ଧାର ପରି ଦେଖାଯାଉଥିବା ପରିବାରରେ ବଢି ଆନିଙ୍କୁ ପିଲାଦିନରୁ ଘରେ ଏବଂ ବାହାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା । ପିତାଙ୍କ ଅଶିକ୍ଷା ଏବଂ ଖରାପ ସ୍ୱଭାବ କେବେ ବି ପିତା- ଝିଅ ସମ୍ପର୍କର ପ୍ରାକୃତିକ ରସାୟନ ସୃଷ୍ଟି କରିନଥିଲା, ଯେତେବେଳେ ମାତାର ସ୍ୱାଦ ଏବଂ ସଂସ୍କୃତି ତଥାକଥିତ ଶ୍ରମିକ ଶ୍ରେଣୀର ମହିଳାମାନଙ୍କ ସହିତ ସମାନ ଥିଲା । ପିଲାଦିନରୁ ସେ ଫରାସୀ କ୍ଲାସିକ୍ ଗୋଗ୍ରା ଗିଳିବାକୁ ଲାଗିଲେ । ବାଲଜାକ୍, ମାର୍ସେସ୍ ପ୍ରାଉଟ୍, ସାଇମନ୍ ଡୁ ବୁଭୋଶ୍ ଧୀରେ ଧୀରେ ପଢିବା ସମାପ୍ତ କଲେ । ୧୯୮୪ ରେ ଏକ ମ୍ୟାନ୍ ପ୍ଲେସ୍ ପ୍ରକାଶିତ ହୋଇଥିଲା, ଯେଉଁଠାରେ ତାଙ୍କ ପିତାଙ୍କ ସହ ସମ୍ପର୍କ ସବୁଠାରୁ ଉପଯୁକ୍ତ ଭାଷାରେ ହାଇଲାଇଟ୍ ହୋଇଛି । ସେଠାରେ ତାଙ୍କ ପିତାଙ୍କ ଆନାଗନିଙ୍କ ସମ୍ପର୍କ ଅନ୍ୟ ପାଞ୍ଚଟି ପିତା- ଝିଅ ସମ୍ପର୍କ ପରି ନଥିଲା । ଏକ ଦୁର୍ବଳ ତଥାପି ତିକ୍ତ ପିତା-ଝିଅ ସମ୍ପର୍କ 'ଏକ ମ୍ୟାନ୍ ପ୍ଲେସ୍' ପୁସ୍ତକରେ ଚିତ୍ରିତ ହୋଇଛି । ଏହି ପୁସ୍ତକ ବିଷୟରେ ଏହା ନୋବେଲ କମିଟିର ୱେବସାଇଟରେ ଲେଖା ହୋଇଛି, 'ଏହି ପୁସ୍ତକ ତାଙ୍କର ସାହିତ୍ୟିକ ସଫଳତା ଥିଲା ଏବଂ ଏକ ଶହ ପୃଷ୍ଠାରେ ସେ ତାଙ୍କ ପିତାଙ୍କ ଏକ ବିଚିତ୍ର ଚିତ୍ର ଏବଂ ସମଗ୍ର ସାମାଜିକ ମିଲିୟୁ ଯାହା ତାଙ୍କୁ ମୂଳତଃ ଗଠନ କରିଥିଲା । ଏହା ତାଙ୍କ ସମୟର ଜଣେ କାର୍ଯ୍ୟରତ ଡାସ୍ ବ୍ୟକ୍ତିଙ୍କ ଜୀବନ ବିଷୟରେ ବିଚଳିତ - ସର୍ବନିମ୍ନ ଶିକ୍ଷା ସହିତ ସଂଘର୍ଷ କରୁଥିବା ଗ୍ରୋସର । ତା'ପରେ ଅର୍ଣ୍ଣୋ ତାଙ୍କ ମା ବିଷୟରେ ଏକ ଉପନ୍ୟାସ ଲେଖିଥିଲେ ।

ସେ ଉପନ୍ୟାସ ଲେଖିଛନ୍ତି ଓ ତା'ର ନାମ ଦେଇଛନ୍ତି, 'ଜଣେ ମହିଳାଙ୍କ କାହାଣୀ' ଏହି ଉପନ୍ୟାସରେ ସେ ନିଜ ମା'ଙ୍କ ଜୀବନରେ ଅଜ୍ଞତା ଏବଂ ଯନ୍ତ୍ରଣାର କାହାଣୀକୁ ଚିତ୍ରଣ କରିଛନ୍ତି । ଜଣେ ଶ୍ରମିକ ମହିଳା ପରିବାର ଚଳାଇବା ପାଇଁ ସାରା ଜୀବନ କଠିନ ପରିଶ୍ରମ କରିଥିଲେ, ସେ ଜାଣି ନଥିଲେ ସୁଖ କ'ଣ ? ସୁଖ - ଶାନ୍ତି - ପ୍ରେମ - ସୋହମ୍ ଅତିରିକ୍ତ ଥିଲା । ସେ ଏହି ପ୍ରୟାସରେ ଅକାଳରେ ନିଜର ଯୌବନ ହରାଇଲେ, ଏବଂ ବିଳମ୍ବିତ ଜୀବନରେ ସେ ଏକ ସ୍ୱରହୀନ କାନ୍ଦିବାକୁ ଲାଗିଲେ । ତାଙ୍କ ମା'ର ଡିମେନ୍ସିଆ ଏବଂ ମୃତ୍ୟୁର ପର୍ଯ୍ୟାୟ ଚିତ୍ର ତାଙ୍କ ଅନ୍ୟ ଏକ ପୁସ୍ତକରେ ମିଳିପାରିବ, ମୁଁ ଅନ୍ଧାରରେ ରୁହେ । ମାତୃ ମୃତ୍ୟୁ ଆର୍ନାକ୍ସଙ୍କ ଜୀବନ-ମୃତ୍ୟୁ ପରିଭାଷା ଅନିୟମିତତା, ଆର୍ନାକ୍ସ ଫ୍ରେଞ୍ଚ ସଂସ୍କୃତି ଏବଂ ସମାଜ ପରିପ୍ରେକ୍ଷୀରେ ମହିଳା ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କ ଦୈନନ୍ଦିନ ଜୀବନ ବିଷୟରେ ଗୋଟିଏ ପରେ ଗୋଟିଏ ଲେଖାରେ ଲେଖିଛନ୍ତି । ସେ ସାହିତ୍ୟିକ ସିମୋନ ଡୁ ବୁଦୋର, ସାମାଜିକ ବୈଜ୍ଞାନିକ ପିଆର ବର୍ନିଡ ଏବଂ ମେ ୧୯୬୮ ର ସାମାଜିକ ବିପ୍ଳବ ଦ୍ୱାରା ପ୍ରଭାବିତ ହୋଇଥିଲେ । ତାଙ୍କର ଗଦ୍ୟ 'ନିଷ୍ଠୁର' ଏବଂ ସମୟ ସମୟରେ ଅନି ଏର୍ନର୍ ମହିଳା ଏବଂ ପ୍ରକୃତ ପଛୁଆ ସମାଜର ପ୍ରକୃତ ଚରିତ୍ରକୁ ଚିତ୍ରଣ କରିବା ପାଇଁ ଦିନେ ଡାଏରୀ ଲେଖୁଥିଲେ । ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଗତ ଏବଂ କେତେକ ସାମାଜିକ ଦଲିଲ । ତାଙ୍କର ସାହିତ୍ୟିକ ସୃଷ୍ଟିର ଅନ୍ୟ ଏକ ଶକ୍ତିଶାଳୀ ମାଧ୍ୟମ ହେଉଛି ଏହି ଡାଏରୀ । ସେହି ଡାଏରୀରୁ ପ୍ରକାଶିତ ଉଲ୍ଲେଖନୀୟ କାର୍ଯ୍ୟଗୁଡ଼ିକ ମଧ୍ୟରେ 'ଓ **Demain in Darkness**', '**Jetting Lost**'.

ସେ ତାଙ୍କ ଭଉଣୀଙ୍କୁ ଜନ୍ମ ପୂର୍ବରୁ ମୃତ୍ୟୁବରଣ କରିଥିବା ଏକ ଚିଠି ଲେଖିଥିଲେ । ଏହା ବ୍ୟତୀତ ଅନ୍ୟ ଏକ ଡାଏରୀ ଏଣ୍ଟ୍ରିରେ, 'ଯେଉଁଠାରେ ମୁଁ ବିଲ୍', ସେ ନିଜ ସହ ତାଙ୍କ ନର୍ମାଣ୍ଡି ସମ୍ପର୍କର ରସାୟନ ବିଜ୍ଞାନ ଅନୁସନ୍ଧାନ କରିଥିଲେ । ୧୯୯୨ ରେ, ଆର୍ନାକ୍ସ ତାଙ୍କ ପୁସ୍ତକ 'ସରଳ ପାସ୍' ପାଇଁ ପାଠକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ ଏବଂ ସମାଲୋଚିତ ହୋଇଥିଲେ । କ୍ରୋଧିତ ମହିଳା ପାଠକଙ୍କ ଅନୁଯାୟୀ, 'ସରଳ ପାସ୍' ବିପଦରେ ଜଣେ ମହିଳାଙ୍କ ଯୌନ ଇଚ୍ଛାର ଏକ ଚିତ୍ରଣ ଅଟେ । ଯୌନ ସମ୍ପର୍କ ମୋ ସହ ଧରିଥିଲା ଏବଂ ଦେଖିଥଲା । ସାମାଜିକ ବିଫଳତାର କଳଙ୍କ ପରି ମୋ ଭିତରେ ବଢିଥିବା ଜିନିଷ । ଆସି କହିଛନ୍ତି, ମୋ ପାଇଁ ନୋବେଲ ପୁରସ୍କାର ଲେଖା ଜାରି ରଖିବା ପାଇଁ ପ୍ରେରଣା ଅଟେ ।

ଏହି ଏକବିଂଶ ଶତାବ୍ଦୀରେ ମଧ ସମାଜରେ ମହିଳାମାନେ ସମ୍ମୁଖୀନ ହେଉଥିବା ଭେଦଭାବ ଏବଂ ଅପମାନ ବିରୁଦ୍ଧରେ ଲଢିବା ମୋର କଲମ । ସେ ଏହା ମଧ କହିଛନ୍ତି, 'ଜଣେ ମହିଳା ଭାବରେ ମୋର ସ୍ଥିତିରୁ କହିବାକୁ ଗଲେ ମୁଁ ଭାବୁ ନାହିଁ ଯେ ସ୍ୱାଧୀନତା ଦୃଷ୍ଟିରୁ ଆମେ ପୁରୁଷଙ୍କ ସହ ସମାନ ହୋଇଛୁ । 'ଆନି ଏମାକ୍ସ ମହିଳାଙ୍କ ସ୍ୱାଧୀନତା ଏବଂ ଭୁଲିଯାଇଥିବା ସ୍ୱର, ତାଙ୍କ ଦେଶର ବର୍ତ୍ତମାନର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ଙ୍କ ଆର୍ନାକ୍ସ ପୁରସ୍କାର ଦ୍ୱାରା ପ୍ରତିକ୍ରିୟା । ଆର୍ନାଗେନ୍ ସାହିତ୍ୟ ସୃଷ୍ଟି ଆରମ୍ଭରେ ବୁଝିଥିଲେ । ସେ ସ୍କୁଲରେ କଣ ପଢିଲେ- କଲେଜ ପାଠ୍ୟପୁସ୍ତକ ଏବଂ ସେ ଜଣେ ଶିକ୍ଷକ କିମ୍ବା ଲେଖକ ଭାବରେ ଯାହା ଶିକ୍ଷା ଦେଇଥିଲେ, ଜଣେ ପ୍ରଶଂସକ ଭାବରେ ସେ ଝିଅମାନଙ୍କର ଦୈନନ୍ଦିନ ଜୀବନ କାହାଣୀ ଶୁଣିବାକୁ ଆଗ୍ରହ ପ୍ରକାଶ କରିଥିଲେ, ଗୋଗ୍ରାସ୍ ଉପନ୍ୟାସର ପ୍ରଶଂସକ ଭାବରେ ନିଜର କାହାଣୀ ଖୋଜିଥିଲେ । ଅବନତି, ପ୍ରେମ, ହିଂସା, ପ୍ରତିଶୋଧ, ଯନ୍ତ୍ରଣା ଇତ୍ୟାଦି ଲେଖକ ତାଙ୍କ ଲେଖା ବିଷୟରେ କହିଥିଲେ, "ନିରପେକ୍ଷ ଲେଖା ପଦ୍ଧତି ମୋ ପାଖକୁ ଆସେ - ଏହା ମୋର ସମାନ ଶୈଳୀ ଯେତେବେଳେ ମୁଁ ମୋର ପିତାମାତାଙ୍କୁ ସର୍ବଶେଷ ଖବର ବିଷୟରେ କହିଥିଲି ଅନ୍ୟପକ୍ଷରେ, ବିଶିଷ୍ଟ ଲେଖକ ତଥା ସମାଲୋଚକ ମାର୍ଗେଟ୍ ଭଭର୍ ତାଙ୍କ ମତ ଉପରେ ମନ୍ତବ୍ୟ ଦେଇଛନ୍ତି ପିଢ଼ି ପର୍ଯ୍ୟନ୍ତ କ୍ରୋନିକ୍ ର ଡି ବିଆଭୋର୍ଡସ୍ ଭୂମିକା ଗ୍ରହଣ କରିଛି ।

ବର୍ତ୍ତମାନ ମହାନ କ୍ରୋନିଡଙ୍କୁ ସାହିତ୍ୟର ସର୍ବଶ୍ରେଷ୍ଠ ପୁରସ୍କାର ସହିତ ଯଥାର୍ଥରେ ପୁରସ୍କୃତ କରାଯାଇଛି । ୮୨ ବର୍ଷୀୟ ଲେଖକଙ୍କୁ ଲେଖକ ଭାବରେ ଏକ ଦୀର୍ଘ ଏବଂ କଷ୍ଟଦାୟକ ରାସ୍ତା ଦେଇ ଯିବାକୁ ପଡିଲା । ସେହି ଜୀବନର ଦର୍ଶନ ସୋଲା - କାଉଣ୍ଟର ଭାଷାରେ ଅଗଣିତ କାହାଣୀ - ଉପନ୍ୟାସ ଏବଂ ଡାଏରୀ ପୃଷ୍ଠା ଲେଖି ଉପସ୍ଥାପିତ ହୋଇଛି । ସେ କୌଣସି ପ୍ରକାରେ ଆପୋଷ ବୁଝାମଣା କରନ୍ତି ନାହିଁ । ପରିବାରରୁ ବାହାରକୁ ଆସିବା ପରେ ସେ ସାହିତ୍ୟର ସୃଷ୍ଟିକୁ ଧ୍ୟାନ-ଜ୍ଞାନ-ତରପାନ ଭାବରେ ବୁଝିଥିଲେ । ତାଙ୍କର ଏହି ସମ୍ମାନ ତାଙ୍କୁ ୟୁରୋପ ଏବଂ ଆମେରିକାର ତୃତୀୟ ବିଶ୍ୱର ପାଠକମାନଙ୍କୁ ଜଣାଇଲା । ଏହା ହେଉଛି ସାହିତ୍ୟିକ ସମାଲୋଚକମାନଙ୍କ ପାଇଁ ସବୁଠାରୁ ବଡ଼ ଶ୍ରେଷ୍ଠ ଅବଦାନ..!!!

+ ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪ ।
(ମୋ) ୯୦୪୦ ୧୫୧୪ ୭୫

# ସ୍ମୃତି ଶତଦଳ ୨୮



## ମୋର ପରମ ପୂଜ୍ୟ ଶିକ୍ଷୟିତ୍ରୀ-୨

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

**ପ୍ରଧାନ ଶିକ୍ଷୟିତ୍ରୀ ସ୍ତବ୍ଧ ହୋଇ ତାଙ୍କୁ ଚାହିଁ ରହିଲେ, ଜଣେ ବୟସ୍କ ଶିକ୍ଷାବିତ୍ ଯେ ନାତୁଣୀର ପଢା ପାଇଁ ଏତେ ସଚେତନ ଓ ଏତେ ଯତ୍ନଶୀଳ ହୋଇପାରନ୍ତି ସେକଥା ସେ ହୃଦୟଙ୍ଗମ କରିଥିଲେ ଓ ସମ୍ମାନର ସହ ଅଜାଙ୍କୁ କଥା ଦେଇଥିଲେ ଯେ ଆସନ୍ତା ବର୍ଷଠାରୁ ସରୋଜିନୀ ଭଲ କରିବ । ଏପଟେ ଘରକୁ ଆସିବା ପରେ ଅଜା ମୋର ସବୁ ବିଷୟରେ ତୀକ୍ଷ୍ଣ ନଜର ରଖି ପଢାଇଲେ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ହସ୍ତାକ୍ଷର ଉପରେ ଅଜା ଯାହା ଯାହା ସବୁ କହିଥିଲେ ସେ ସବୁ ଲେଖି ବସିଲେ ଗୋଟିଏ ବଡ ପୋଥି ପାଲଟିଯିବ, ତେଣୁ ସଂକ୍ଷେପରେ ହିଁ ସୂଚନା ଦେଉଛି । ଜୀବନରେ କାମ କରିବା ଭିତରେ ଆମେ ନିଜ ହସ୍ତାକ୍ଷରରେ ଅନେକ ଜିନିଷ ଲେଖିଥାଉଁ, ଯାହା ଚିଠି ଓ ଲେଖା ମାଧ୍ୟମରେ ପ୍ରକାଶ ପାଇଥାଏ । ଆମ ଅଜାଣତରେ ଅକ୍ଷର ଭିତରେ ଆମେ ଛାଡିଯାଉ, ନିଜ ଅସ୍ତିତ୍ୱ, ନିଜ ବ୍ୟକ୍ତିତ୍ୱ ଏବଂ ନିଜ ସ୍ୱଭାବର ଏକ ଅବ୍ୟକ୍ତ ଛାପ ଯାହା ବିଶ୍ଳେଷଣ କଲେ ଜାଣି ହେବ ଲେଖିବାର କଳାକୌଶଳ । ମନ ଖୁସିରେ ଗୋଲ ଗୋଲ ଅକ୍ଷରରେ ବସେଇ ବସେଇ ଲେଖୁଥିବା ବ୍ୟକ୍ତିଟିଏ ଖୁବ୍ ସ୍ୱଚ୍ଛମନରେ ନିଜ ହୃଦୟର କଥା ପରିପ୍ରକାଶ କରିଥାଏ ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଯାଏ । ଜଣେ ଜଣେ ଅତି କଦର୍ଯ୍ୟ ଭାବରେ ବିଲେଇ ରାମ୍ପୁଡା ଅକ୍ଷର ଲେଖିଥାନ୍ତି ଯାହା ଏତେ ଇମ୍ପ୍ରେସିଭ ହୋଇନଥାଏ । ସେମାନେ ସାଧାରଣତଃ ନିଜ ପାଇଁ ବା' ଅନ୍ୟମାନଙ୍କ ପାଇଁ ଯତ୍ନଶୀଳ ହୋଇନଥାନ୍ତି ।

ସ୍କୁଲର ବାର୍ଷିକ ପରୀକ୍ଷାରେ ମୋର ସବୁ ବିଷୟ ଭଲ ହୋଇଥିଲା । ଏମିତି କି ଗଣିତ, ଭୂଗୋଳ, ଇତିହାସରେ ଭଲ ମାର୍କ ରହିଲା କିନ୍ତୁ ସବୁଠୁ ବଡ କଥା ହେଲା ଯେଉଁ ବିଷୟକୁ ମୁଁ ସବୁଠୁଁ ବେଶୀ ଭଲପାଏ ମାନେ ସାହିତ୍ୟ, ସେଥିରେ ମୋର ଆଶା ମୁତାବକ ଭଲ ମାର୍କ ରହିନଥିଲା । ମୋର ମନେ ଅଛି କେତୋଟି ଅର୍ଥ ବୁଝାଇ ଲେଖିବାରେ ମୁଁ କିଛି ଭୁଲ କରି ଦେଇଥିଲି । ଧର୍ମଘଟକୁ ଲେଖିଥିଲି 'ଧର୍ମ ନାମକ ଘଟ' ଏବଂ ଅଣ୍ଟାପାଣି କୁ ବୁଝାଇଥିଲି ଅଣ୍ଟା ପର୍ଯ୍ୟନ୍ତ ପାଣି, ଇତ୍ୟାଦି ଇତ୍ୟାଦି । ପରୀକ୍ଷା ଫଳ ବାହାରିଲା, ମୁଁ ଚତୁର୍ଥ ଶ୍ରେଣୀରେ ପ୍ରଥମ ସିନା ହେଲି କିନ୍ତୁ ସାହିତ୍ୟରେ ମାର୍କ କମି ଯାଇଥିଲା । ଶେଷକୁ ପ୍ରୋଗ୍ରେସ୍ ରିପୋର୍ଟ ଆସିଲା ଓ ସେଥିରେ ଗାର୍ଡିଆନଙ୍କର ଦସ୍ତଖତ ନେଇ ପୁଣି ସ୍କୁଲରେ ଦାଖଲ କରିବା କଥାଥିଲା । ମୁଁ ମନା କରୁ କରୁ ଅଜା ପ୍ରୋଗ୍ରେସ ରିପୋର୍ଟ ଉପରେ ଇଂରାଜୀରେ ତାଙ୍କ ଡାବୁଳା ଡାବୁଳା ଅକ୍ଷରରେ ଅଧା ପୃଷ୍ଠା ଲେଖିଦେଲେ "ସି ଇଜ୍ ଭେରି ପୁଅର ଇନ୍ ହାର ମଦର ଲାଙ୍ଗ୍ୱେଜ୍" ଇତ୍ୟାଦି ଇତ୍ୟାଦି । ମୁଁ ବହୁତ ସମୟ ଧରି କାନ୍ଦି କାନ୍ଦି କହିଲି, "ଅଜା ଏମିତି କାହିଁକି ଲେଖିଲ ? ଏମିତି ତ କେହି ରିମାର୍କ ଲେଖନ୍ତିନି । ମୁଁ କେମିତି ନେଇ ନିର୍ମଳା ଆଜ୍ଞାଙ୍କୁ ଏ ପ୍ରୋଗ୍ରେସ ରିପୋର୍ଟ ଦେଖେଇବି । ସମସ୍ତେ ତ' ଖାଲି ଦସ୍ତଖତ କରନ୍ତି ।" ଅଜା ଜଣେ ଶିକ୍ଷାବିତ୍ ଥିଲେ ଓ ଡି.ଆଇ ଅଫ୍ ସ୍କୁଲସ ଥିଲେ । ଘୋଡା ଉପରେ ବସି ଗଡଜାତ ଅଞ୍ଚଳରେ ସ୍କୁଲ ପରିଦର୍ଶନ କରୁଥିଲେ । ଛାତ୍ର, ଛାତ୍ରୀମାନଙ୍କର ନାଡିଚିପି ସେ ତାଙ୍କ ଭିତରେ ଥିବା ଜ୍ଞାନକୁ ପରଖି ପାରନ୍ତି ଓ ମଂଜିଟିକୁ ଚିହ୍ନିପାରନ୍ତି । ତେଣୁ ମୋର କାନ୍ଦ ବ୍ୟର୍ଥ ହେଲା ଏବଂ ଖାଲି ପ୍ରୋଗ୍ରେସ ରିପୋର୍ଟରେ କଥା ସରି ଗଲାନି, ସେ ଗୋଟିଏ ହାତରେ ପ୍ରୋଗ୍ରେସ ରିପୋର୍ଟ ଓ ଅନ୍ୟ ହାତରେ ମୋର ଗୋଟିଏ ହାତ ଧରି ଯାଇ ସ୍କୁଲରେ ପହଞ୍ଚିଲେ । ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ଜଣେ ଶିକ୍ଷାବିତ୍ ହିସାବରେ ଅଜାଙ୍କୁ ସମ୍ମାନ କରୁଥିଲେ । ତାଙ୍କୁ ସସମ୍ମାନେ ବସାଇଲା ପରେ ଅଜା ଦେଖାଇଲେ ପ୍ରୋଗ୍ରେସ ରିପୋର୍ଟ ଓ କହିଲେ "ମୋ ନାତୁଣୀ ସରୋଜିନୀର ରକ୍ତ କଥା କହେ- ସେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ସାରା ଜିଲ୍ଲାରେ ଭଲ ମାର୍କ ରଖି ବୃତ୍ତି ପାଇଥିଲା । ଏବେ ସେ ଆହୁରି ଭଲ ପଢିଲେ ପଞ୍ଚମ ଓ ସପ୍ତମ ଶ୍ରେଣୀରେ ସାରା ଜିଲ୍ଲାରେ ପ୍ରଥମ ହୋଇ ବୃତ୍ତି ପାଇବ । ତେଣୁ ତା' ମାତୃଭାଷାରେ ବେଶୀ ମାର୍କ ଆଣିବା ଜରୁରୀ । ଆପଣ ତା' ଉପରେ ଧ୍ୟାନ ଦେବେ, ମୁଁ ମଧ୍ୟ ଘରେ ତାକୁ ପଢାଇବି ।"

ପ୍ରଧାନ ଶିକ୍ଷୟିତ୍ରୀ ସ୍ତବ୍ଧ ହୋଇ ତାଙ୍କୁ ଚାହିଁ ରହିଲେ, ଜଣେ ବୟସ୍କ ଶିକ୍ଷାବିତ୍ ଯେ ନାତୁଣୀର ପଢା ପାଇଁ ଏତେ ସଚେତନ ଓ ଏତେ ଯତ୍ନଶୀଳ ହୋଇପାରନ୍ତି ସେକଥା ସେ ହୃଦୟଙ୍ଗମ କରିଥିଲେ ଓ ସମ୍ମାନର ସହ ଅଜାଙ୍କୁ କଥା ଦେଇଥିଲେ ଯେ ଆସନ୍ତା ବର୍ଷଠାରୁ ସରୋଜିନୀ ଭଲ କରିବ । ଏପଟେ ଘରକୁ ଆସିବା ପରେ ଅଜା ମୋର ସବୁ ବିଷୟରେ ତୀକ୍ଷ୍ଣ ନଜର ରଖି ପଢାଇଲେ । ସିଲେଇ ନ' ନେଇ ମୁଁ ଜ୍ୟାମିତି ନେଲି ଏବଂ ପଞ୍ଚମ ଓ ସପ୍ତମ ଶ୍ରେଣୀରେ ପ୍ରଥମ ହେବା ସହ ସ୍କଲାରସିପ୍ ମଧ୍ୟ ପାଇଲି । ନିର୍ମଳା ମ୍ୟାଡାମଙ୍କର ପାଠ ପଢାଇବା ଶୈଳୀ, ତାଙ୍କର ଶ୍ରଦ୍ଧାଶୀଳ ବ୍ୟବହାର ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲେ । ବିଶେଷ ଭାବରେ ଛାତ୍ରୀମାନେ ତାଙ୍କୁ ଖୁବ୍ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ ଏବଂ ସେ ରହିଥିଲେ ସମସ୍ତଙ୍କ ହୃଦୟରେ ଏକ ଦେବୀ ପ୍ରତିମା ହୋଇ । (କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ-(୨)

## ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପ୍ରତିଦିନର ଏଇ ଜୀବନ ସଂଗ୍ରାମରେ ବଞ୍ଚିବା ପାଇଁ ସଂଘର୍ଷ ଏତେ ତୀବ୍ର ଥିଲା ଯେ, ଆମର ମନେ ପଡୁ ନଥିଲା ଯେ ତାକୁ କେବେ ଅନ୍ୟ ମାଆମାନଙ୍କ ପରି ଆମକୁ ନିଜର କୋଳରେ ବସେଇ, ଗେହ୍ଲା କରିବାର ଅବକାଶ ମିଳିଛି ବୋଲି। ମାଆର ଉଷୁମ କୋଳରେ ମୁଣ୍ଡ ରଖି ଶୋଇବାର ସୌଭାଗ୍ୟ ଆମର ହୋଇଥିଲା... ସେକଥା ଆମର ମନେ ପଡୁନଥିଲା । ଅତି କମ୍‌ରେ ମୋ ସହିତ ତ ଏମିତି କେବେ ହେଲେ ହୋଇ ନଥିଲା। ଆମର ପେଟ ଭରିବାକୁ ସିଏ ଜୀବନ ସହିତ ସଂଘର୍ଷ କରୁଥିଲା। କିନ୍ତୁ ଆମ ମନରେ ଏକ ଅଲଗା ପ୍ରକାରର କ୍ଷୁଧା ଜାଗ୍ରତ ହେବାକୁ ଲାଗିଥିଲା, ହେଲେ ଏ କଥା ବା ମାଆକୁ କେମିତି କହି ପାରନ୍ତୁ? ତାର ପ୍ରତିଟି ଶ୍ୱାସ ପିଲାଙ୍କପାଇଁ ରୁଟି ଜୁଟେଇବାର ସଂଘର୍ଷ ଛଡେଇ ନେଇଥିଲା। ମାଆର ମୁଣ୍ଡ ବାଳ ପାଇଁ ତେଲ ଟୋପେ ଜୁଟୁ ନଥିଲା। ଆଠ / ପନ୍ଦର ଦିନ ଅନ୍ତରରେ ସିଏ ଯେବେ ମୁଣ୍ଡ କୁଣ୍ଡାଉଥିଲା, ମେଞ୍ଚା ମେଞ୍ଚା ଅଲରା ଚୂଳ ପାନିଆ ଭିତରେ ଅଟକି ରହିଯାଉଥିଲା। ମାଆର ବହୁତ ଚୁଟି ଝଡୁଥିଲା। ନିଜର ଅଡୁଆବାଳକୁ ସିଏ କବାଟ ଉପର ଚଉକାଠରେ ଥିବା କଣାରେ ଗେଞ୍ଜି ଦେଉଥିଲା। ଗଳିରେ ବମ୍ବେଇ ଲଡୁବାଲାର ପାଟି ଶୁଣାଗଲେ ଚଉକାଠ ଗାତରେ ଗେଞ୍ଜା ହୋଇଥିବା ଚୁଟିକୁ କାଢ଼ିବା ପାଇଁ ଆମ ଭିତରେ ଦୌଡ଼ାଦୌଡ଼ି ଆରମ୍ଭ ହୋଇ ଯାଉଥିଲା। ସେଇ ଅଡୁଆ ଚୁଟି ବଦଳରେ ଆମକୁ ମିଳି ଯାଉଥିଲା ବମ୍ବେଇ ଲଡୁ। ସେଇ ମିଠେଇକୁ 'ବୁଢ଼ୀର ଚୁଟି'ମଧ୍ୟ କୁହା ଯାଉଥିଲା । ଜିଭ ଉପରେ ରଖିଲା ମାତ୍ରେ ତାହା ପାଟିରେ ମିଳେଇ ଯାଉଥିଲା.. ହାୟ ? ମାଆର ଯଦି ଆଉ କିଛି ଚୁଟି ଝଡ଼ି ଯାଆନ୍ତା ତେବେ ଆମକୁ ଆଉ କିଛି ମିଠେଇ ମିଳି ଯାଇଥାନ୍ତା। ମୋର ବାଳୁତ-ମନ ସେଇ ସମୟରେ କେବଳ ଏତିକି ହିଁ ଚିନ୍ତା କରି ପାରୁଥିଲା। ମୁଁ ଯେତେବେଳେ ମାଆକୁ କହେ, ଅଡୁଆ ଚୁଟି ବିକ୍ରି କରି ମୁଁ ମିଠେଇ ଖାଇଛି ବୋଲି, ସିଏ ଖୁବ୍ ଖୁସି ହୋଇଯାଏ। ବେଳେ ବେଳେ ଲାଗେ କେଉଁ ଏକ ଏକାନ୍ତ ମୁହୂର୍ତ୍ତରେ ମୋର ମୁଣ୍ଡକୁ ନିଜ କୋଳରେ ରଖି ମାଆ ମୋତେ ଶୁଆଇ ଦେଇଥାନ୍ତା। ମୋ ମୁଣ୍ଡକୁ ଆଉଁସି ଦେଇଥାନ୍ତା। କିନ୍ତୁ ସେମିତି କେବେ ହେଲେ ହେଉ ନଥିଲା। ବହୁତ ସାଙ୍ଗମାନଙ୍କ ଠାରୁ ଶୁଣିଥିଲି, ସେମାନଙ୍କ ମାଆ ଗୀତ ଗାଇ ସେମାନଙ୍କୁ ଶୁଆଇ ଦିଅନ୍ତି। କିନ୍ତୁ ମୋ ମାଆର ଓଠରେ ନାନାବାୟା ଗୀତ ବଦଳରେ, ରୁଟି ଯୋଗାଡ କରିବା ପାଇଁ ମାଆ ଗାଉଥିବା ଯୁଦ୍ଧ ଗୀତ ହିଁ ଶୁଣାଯାଏ। ଯେତେବେଳେ ବି ମୋତେ ମାଆ କୋଳରେ ମୁଣ୍ଡ ରଖି ଶୋଇବାକୁ ଇଚ୍ଛା ହୁଏ, ମୋର ବାଳୁତ ମନ ମାଆ ନୁହେଁ ମାଉସୀଙ୍କୁ ଖୋଜେ। ମାଉସୀର ଶାଶୁଘରକୁ ଯାଇ ମୁଁ ଦିନେ ଦି'ଦିନ ରହିଯାଏ। ସନ୍ଧ୍ୟାବେଳେ ଗପସପ କରୁ କରୁ ତାଆରି କୋଳରେ ମୁଣ୍ଡ ଥାପି ଶୁଏ। କେତେ ଭଲ ଲାଗେ ! ମୋ ମନରେ ସରଳ ଗଣିତର ଏଇ ପ୍ରଶ୍ନ ବି ମୁଣ୍ଡ ଟେକେ, ଯଦି ମାଉସୀ କୋଳରେ ଏତେ ଭଲ ଲାଗୁଛି ତେବେ ମାଆର କୋଳ କେମିତି ଲାଗୁଥିବ ? ନିଜର ମସ୍ତିଷ୍କରୁ ଏଇ ପ୍ରଶ୍ନକୁ ତୁରନ୍ତ ଏକ ଝଟକାରେ ପଦାକୁ ଫିଙ୍ଗି ଦେଇ ମୁଁ ଶାନ୍ତ ହୋଇଯାଏ। ମାଆ ମରିଯାଉ ହେଲେ ମାଉସୀ ବଞ୍ଚିରହୁ... ଏ କଥା ଲୋକମାନେ କାହିଁକି କହନ୍ତି ସେ କଥା ମୁଁ ଧୀରେ ଧୀରେ ବୁଝିପାରୁଥିଲି। ମାଉସୀ ଅର୍ଥାତ୍ ମାଆର କ୍ଲୋନ୍ ହୋଇଥିବ ବୋଧେ, ମୋର ଛୁଆମାନେ ଯେତେବେଳେ ନିଜ ମାଆର କୋଳରେ ମୁଣ୍ଡ ରଖି ଶୁଅନ୍ତି, ମୋ ମନ ଭିତରେ ଅନ୍ତଃର୍ଦ୍ୱନ୍ଦର ଓ ପ୍ରଚଣ୍ଡ ତୋଫାନ ନିଜର ଫଣା ଟେକେ। ଆଉ ଏଇଟା ନିରାଟ ସତ ଯେ, ନିଜର ପିଲାମାନଙ୍କ ପ୍ରତି ମୋ ମନରେ ଈର୍ଷା ଜାଗେ।

(୨)

ଏଇମିତି ଆଉ ଏକ ପ୍ରସଙ୍ଗ ବି କେବେ କେବେ ମୋର ମନେ ପଡ଼ିଯାଏ। କବି ନାରାୟଣ ସୁର୍ବେ, ଅର୍ଥାତ୍ ମୋର ବଡଭାଇ ଥରେ ମୋ ଘରକୁ ଆସିଥିଲେ। ସେତେବେଳେ ସିଏ ସାହିତ୍ୟ ସମ୍ମିଳନୀର ଅଧକ୍ଷ ଥିଲେ। ପ୍ରତି ଗାଁରେ ତାଙ୍କର ଆଦର-ସତ୍କାର ହେଉଥିଲା। ପ୍ରତିଦିନ ତାଙ୍କର ଫଟୋ ଖବରକାଗଜରେ ବାହାରୁଥିଲା। ଘରକୁ ଆସି ସିଏ ହଲ୍‌ରେ ପଡ଼ିଥିବା ଖଟ ଉପରେ ନିଜର ଛୋଟିଆ ବ୍ୟାଗକୁ ଖୋଲିଲେ। ବ୍ୟାଗ୍ ଭିତରେ ଥିବା ଗୋଟିଏ ଗୋଟିଏ ଜିନିଷ କାଢୁକାଢୁ କହିଲେ... "ଏଇ ଦେଖ ! ଆମର କୃଷ୍ଣାବାଇ ତୋର ପିଲାମାନଙ୍କ ପାଇଁ ଏଇ ସବୁ ଲୁଗାପଟା ଦେଇଛି। ତୋର ସ୍ତ୍ରୀ ପାଇଁ ବି କିଛି ଜିନିଷ ପଠେଇଛି। ତୋ ପାଇଁ ଜାମୁକୋଳି ମଂଜି ଆଉ ମେଥି ପାଉଡ଼ର୍ ପଠେଇଛି, ଏଇ ପାଉଡରକୁ ପାଣିରେ ପକେଇ ସିଏ ମୋତେ ସବୁ ଦିନ ପିଆଏ। ତାକୁ କେହି କହିଛି, ଯାକୁ ଖାଇଲେ ଡାଇବେଟିସ୍ କମିଯାଏ। ତୁ ବି ମୋ ପରି ପାଉଡରକୁ ପାଣିରେ ପକେଇ ପିଇବୁ । ଆଉ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା, ମୁଁ ତୋ ମାଆ ପାଇଁ ଗୋଟେ ଭଲ ଶାଲ ନେଇକି ଆସିଛି। ମୁଁ ନିଜେ ତାକୁ ଏଇ ଶାଲ୍ ଘୋଡ଼େଇ ଦେବି।

ମୁଁ ମାଆକୁ ଡାକିଲି । ବଡଭାଇ ମାଆର କାନ୍ଧ ଉପରେ ଶାଲ୍‌ପକେଇଲେ ଓ ତାଙ୍କର ପାଦ ଉପରେ ନିଜର ମୁଣ୍ଡ ରଖି ଆଶୀର୍ବାଦ ନେଲେ। 'ହଁ, ହଁ ବାବା ଉଠ, ଖୁସିରେ ରୁହ "ମାଆ ଏଇ ଆଶୀର୍ବାଦ ଦେଇଥିଲା। ବଡଭାଇଙ୍କ ପରି ମହାକବି ମାଆର ପାଦ ଛୁଇଁ ଆଶୀର୍ବାଦ ନେଲେ। ଏହା ଦେଖି ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା। ପରେ ମୁଁ ଅନୁଭବ କଲି ଯେ ମୋ ମାଆ ବି ନିଶ୍ଚେ ମହାନ୍ ଓ ପୂଜନୀୟ ହୋଇଥିବ, ନ ହେଲେ ଦାଦା କ'ଣ ଅକାରଣେ କାହାକୁ ପ୍ରଣାମ କରନ୍ତେ ?

ମାଆର ବ୍ୟବହାରରେ ଥିବା ନକାରାତ୍ମକ ମାନସିକତା ମୋ ଭିତରର ରାଗକୁ ଆହୁରି ବଢ଼ାଇ ଦେଉଥିଲା। ମୁଁ ନିଜ ଉପରେ ନିୟନ୍ତ୍ରଣ ହରେଇ ବସୁଥିଲି। ମାଆ କ'ଣ କେବେ ହେଲେ ସୁଖ-ସୁବିଧା ଆଡ଼କୁ ମୁହଁ ଫେରେଇ ହିଁବନି ? ଏଇ ପ୍ରଶ୍ନ ମୋର ମନ ଭିତରେ ଫୁତ୍କାର ତୋଳୁଥିଲା। ଥରେ ମାଆ ତାର ବାପଘର ଗାଁରୁ କୌଣସି ଏସ.ଟି.ଡ଼ି. ବୁଥ୍‌ରୁ ଫୋନ୍ କରିଥିଲା। ତାର ଆବାଜ୍ ଶୁଣି ମୁଁ ତତ୍କାଳ ପରିଦେଲି "ତୋ ଦେହ କେମିତି ଅଛି ମାଆ ?' ମାଆ କହିବାକୁ ଲାଗିଲା "ଦେଖ ପୁଅ, ଏବେ ମୁଁ ବୋଧହୁଏ ଆଉ ବଞ୍ଚିବିନି। ଶ୍ୱାସରୋଗ ବଢ଼ିଯାଉଛି .....ଏବେ ଦେହରେ ଖାଲି ଚାରି ଖଣ୍ଡ ହାଡ ହିଁ ରହିଯାଇଛି।

ହଠାତ୍ ରାଗରେ ଫାଟି ପଡ଼ିଲି ମୁଁ। କହିଲି 'ମାଆ ! ତୁ କ'ଣ ମୋ ସହିତ କେବେ ଭଲରେ କଥା କହି ପାରିବୁନୁ ? ଥରେ ହେଲେ ତ ଭଲରେ କଥା କହ ମୋ ସାଙ୍ଗେ ?'

ଶାନ୍ତ ସ୍ୱରରେ ମାଆ କହିଲା "କଣ ଭଲ କଥା କହିବି ତୋତେ ? ଯେତେବେଳେ ଶ୍ୱାସ ବେମାରୀ ବାହାରୁଛି ଲାଗୁଛି ଯେମିତି ଅନ୍ତନାଡ଼ୀ ମୁହଁ ଦେଇ ପଦାକୁ ବାହାରି ଆସିବ, ନା କହିବି ଯେ ଚାଲିଲା ବେଳେ ପାଦ ଆଉ ଉଠେଇ ହେଉନି - ଏଇଆ କହିବି କି ?

ମୁଁ : କିନ୍ତୁ ମାଆ ଥରେ ତ କିଛି ଭଲ କହ ?

ସିଏ : ଇନ୍‌ଜେକସନ୍ ନେବାର ଅଛି। କିଛି ପଇସା ପଠେଇବୁ।

ମୁଁ : ଠିକ୍ ଅଛି ପଠେଇ ଦେବି। ହେଲେ ତୁ ଟିକେ ଭଲରେ କଥା କାହିଁକି କହୁନୁ ?

ସିଏ : ସତ କାହାକୁ ବି ଭଲ ଲାଗେନି। ଏବେ ଭଲ କଥା ଆଉ କଣ କହିବି ?

ମିନିଟିଏ, ଦୁଇ ମିନିଟ୍ ହିଁ ଫୋନ୍‌ରେ କଥାବାର୍ତ୍ତା ହେଲା। କିନ୍ତୁ ଏତିକିରେ ହିଁ ମୁଁ ନିଜକୁ ମାନସିକ ସ୍ତରରେ ଅତ୍ୟଧିକ ଅସୁସ୍ଥ ଅନୁଭବ କରିବାକୁ ଲାଗିଲି।

ଏମିତି କାହିଁକି ହେଉଛି... ମୁଁ ଏମିତି ଚିଡ଼ାଚିଡ଼ା କାହିଁକି ହୋଇଯାଉଛି, ମାଆର କୌଣସି କଥା ଭଲ କାହିଁକି ଲାଗୁନି ? ମାଆ ସହିତ କଥା ହେଲାପରେ ବହୁତ ଦିନ ଯାଏ ମୁଁ ଅନ୍ୟମନସ୍କ ହୋଇଯାଏ। କେଉଁଠିରେ ମନ ଲାଗେନି। ଏମିତି କି ନିଜ କାମରେ ବି । ସକାଳେ ଯେତେବେଳେ ମୁଁ ପ୍ରାତଃଭ୍ରମଣରେ ଯାଏ ରାସ୍ତାରେ କୌଣସି ମହିଳା ଠିକ୍ ମାଆ ପରି ଦେଖାଯାଏ ତସେହି କଥା ପୁଣି ମନେ ପଡ଼ି ମନ ଭିତରେ ବିରକ୍ତି ଭାବ ବଢ଼ିଯାଏ। ସେଇ ପ୍ରଶ୍ନ ପୁଣି ବାବନାଭୂତ ପରି ମୋ ମୁଣ୍ଡରେ ସବାର ହୋଇଯାଏ, ମୋ ମାଆ କଣ ଜୀବନରେ କେବେ ହେଲେ ଖୁସି ହେବନି ?

ମାଆ ଯେବେ ମୋ ଘରକୁ ଆସେ, ତାକୁ ଗାଁର ସ୍ମୃତି କଷ୍ଟ ଦିଏ। ଦିନରାତି ଗାଁର ସ୍ମୃତି ଗାଥା ତା ଓଠରୁ ଧାରାପ୍ରବାହ ପରି ବୋହିଚାଲେ। ବାରବାର ଗାଁକୁ ଫୋନ୍ ଲଗେଇବା ପାଇଁ କହେ। ମାଆ ଜିଦ୍ କରେ, "ଭାଇର ଖବର କଣ ଟିକେ ପଚାରିବୁଝ। ବାକି ପିଲାମାନଙ୍କର ଭଲମନ୍ଦ ଟିକେ ପରି ବୁଝ ତା ଠାରୁ ... ପଚାରିଲୁ କୁକୁଡ଼ାର ଅଣ୍ଡା ନେଇ ବଜାରକୁ ଗଲେ ନା ନାହିଁ। ବୁଝିଲୁ, ଛେଳି କ୍ଷୀର ଦଉଛି ନା ନାହିଁ। ପଚାରି ବୁଝ ଛୋଟ ନାତି-ନାତୁଣୀମାନେ କେମିତି ଅଛନ୍ତି ?"

( କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

## ଅକ୍ଷରର ଜହ୍ନ : ଜ୍ୟୋସ୍ନାସିକ୍ତ ରଜନୀର ଝଲସିତ ଗଳ୍ପ ...

(ପୃଷ୍ଠା ୫ର ଅବଶିଷ୍ଟ) ବଳର ଭିନ୍ନ ଏକ ସମୀକରଣକୁ କଷିବାକୁ ଯାଇ ଗପ ଶେଷରେ ଗରିବ ଦୋକାନୀର ଅସହାୟତାକୁ ଯେପରି ପ୍ରକାଶ କରିଛନ୍ତି ତାହା ପାଠକ ହୃଦୟକୁ ଆର୍ଦ୍ର କରିବ ନିଶ୍ଚୟ।ଗପ ଶେଷରେ କୁନି ପୁଅଟି ମୁହଁରେ ଲେଖିକା କୁହାଇଛନ୍ତି : 'ତୁମେ କାହାକୁ କିଛି କହୁନ କାଇଁକି ବାପା ? ସମସ୍ତେ ତମକୁ ବକୁଛନ୍ତି କାଇଁକି ? ତୁମେ ତ ଆମର କେତେ ବଲୁଆ..!!' ସେହିପରି ସଙ୍କଳନରେ ସ୍ଥାନିତ ଆଉ ଏକ ଗପ 'କାଉକୋଳ'ର ଶୀର୍ଷକ ଯେପରି ତାର ସ୍ୱତନ୍ତ୍ରତା ବହନ କରୁଚି ଠିକ୍ ସେପରି ଗପଟି ପଢିବା ବେଳେ ପାଠକ ଅନୁଭବ କରିବ ଦୃଶ୍ୟ ପରେ ଦୃଶ୍ୟ ଯେପରି ଦୃଶ୍ୟାୟିତ ହୋଇ ଚାଲିଚି ତା ସାମ୍ନାରେ । ଭିନ୍ନ ଏକ ଅନୁଭବର ଆତ୍ମୀୟତାର ଅଫୁରନ୍ତ ବାସ୍ନା ଯେପରି ଭରି ରହିଛି ଏ ଗପରେ !

'ଅକ୍ଷରର ଜହ୍ନ' ଗପ ବହିର ସର୍ବମୋଟ ଚାଳିଶଟି ଗପ ପଢ଼ି ସାରିବା ପରେ ଯେକୌଣସି ପାଠକ ଅନୁଭବ କରିବ ଯେ, ଜଉଶଙ୍ଖା, ପାର୍ଥକ୍ୟ, ଆର୍ତ୍ତନାଦ, ବଳ, ଦାରୁଭୂତ ପରି କ୍ଷୁଦ୍ରକ୍ଷତିକ୍ଷୁଦ୍ର ଗପ ସବୁ ଲେଖିବାରେ ଗାଳ୍ପିକା ଯେପରି ସିଦ୍ଧହସ୍ତା ଠିକ୍ ସେପରି କାଉକୋଳ, ପରିଶୋଧ, ଭିନ୍ନ ରଙ୍ଗ, ଆଭିଜାତ୍ୟ ପରି ଅପେକ୍ଷାକୃତ ଦୀର୍ଘ ଗପ ଲେଖିବାରେ ମଧ ସେ ହୋଇଛନ୍ତି ସଫଳ। ସରଳ ଓ ଚରିତ୍ର ଉପଯୋଗୀ ଭାଷାର ପ୍ରୟୋଗ, ନିଆରା ଗଢଣ ଶୈଳୀ ସହିତ ମାନବିକ ସମ୍ବେଦନାର ସଫଳ ଉଦ୍‌ଘୋଷଣା ହିଁ ମାନମୟୀଙ୍କ ଗପକୁ ବହୁ ପାଠକାଦୃତ କରିବାରେ ଖୁବ୍ ସମର୍ଥ ବହନ କରେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ବାସ୍ତବରେ, ସ୍ରଷ୍ଟା ମାନମୟୀ ରଥଙ୍କ ଦ୍ୱିତୀୟ ସୃଷ୍ଟି 'ଅକ୍ଷରର ଜହ୍ନ' ରେ ଗପସବୁର ଭାବ ଖୁବ୍ ସ୍ୱଷ୍ଟ ଠିକ୍ ଜ୍ୟୋସ୍ନା ରାତିର ଜହ୍ନ ପରି, ମାତ୍ର ସେଇ ସ୍ୱଷ୍ଟତା ଭିତରେ ହିଁ ଗାଳ୍ପିକା ଅଦମ୍ୟ ସାହସର ସହ ଦେଖେଇଛନ୍ତି ଅତି ସଫଳ ଭାବେ ସାମାଜିକ, ମାନବିକ ଅଧପତନର ଅନ୍ଧାରୀ ଦିଗସବୁକୁ। ◆

## ୫୭ ରାଜ୍ୟ ରାଜପଥ : ପିକ୍‌ଅପ୍ ଦୁର୍ଘଟଣାରେ ଚାଳକ ମୃତ, ୨ ଗୁରୁତର

ଜଳେଶ୍ୱର, ୦୩/୧୨ (ନି.ପ୍ର): ଗତ ଶୁକ୍ରବାର ରାତି ୧୧ଟାରେ ମାଛବୋଝେଇ ପିକ୍‌ଅପ୍ ଓଆର୍୦୧କ୍ୟୁ-୫୧୩୬ ଦୁବଲାଗଡିରୁ ଦୀଘା ଗଲାବେଳେ ୫୭ ରାଜ୍ୟ ରାଜପଥର ଜଳେଶ୍ୱର ଥାନା ଅନ୍ତର୍ଗତ ବାଣିଦାଠାରେ ଭାରସାମ୍ୟ ହରାଇ ସଡକ ତଳକୁ ଓଲଟି ପଡିଥିଲା । ଫଳରେ ଦୁବଲାଗଡିର କମଳ ଦାସ (୩୫) ଓବାଲିଆପାଳର ହରିଶ ହାଜିରା (୨୦) ଗୁରୁତର ଆହତ ହୋଇ ପ୍ରଥମେ ଜିକେଭଟ୍ଟର ହସ୍‌ପିଟାଲ ଓ ପରେ ବାଲେଶ୍ୱର ସ୍ଥାନାନ୍ତର ହୋଇଛନ୍ତି । କିନ୍ତୁ ଡ୍ରାଇଭର ଦୁବଲାଗଡିର ସୁନିଲ କୁମାର ଜେନା (୩୨) ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ପରିସ୍ଥିତି ଏପରି ଜଟିଳ ଥିଲା ଯେ ଦମକଳ ବାହିନୀ ଘଟଣାସ୍ଥଳକୁ ଯାଇ କେତେକ ବଡ ବଡ ଗଛକାଟି ଡ୍ରାଇଭରକୁ ବାହାର କରିଥିଲେ । ଆଜି ସକାଳେ ଶବ ବ୍ୟବଚ୍ଛେଦ ହୋଇ ସୁନିଲ ଜେନାର ପରିବାରକୁ ଶବ ହସ୍ତାନ୍ତର କରାଯାଇଛି । ଏହି ଘଟଣାର ମାତ୍ର ୧୦୦ ଫୁଟ ଦୂରରେ ଅନ୍ୟଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ମଧ୍ୟ ଆହତ ହୋଇଥିବା ୪ଜଣ ସହିତ କାର ଉଦ୍ଧାର କରାଯାଇଛି ଓ ସେମାନେ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାହୁଲ ଗାନ୍ଧୀଙ୍କ 'ଜୟ ସିୟାରାମ'....

ବିଜେପି ନେତା ଶାହନୱାଜ ହୁସେନ୍ କହିଛନ୍ତି ଯେ ବିଜେପିକୁ ରାହୁଲ ଗାନ୍ଧୀଙ୍କ ସାର୍ଟିଫିକେଟର ଆବଶ୍ୟକତା ନାହିଁ । ସେହିପରି ଅନ୍ୟ ବିଜେପି ନେତା ମଧ ରାହୁଲଙ୍କୁ ସମାଲୋଚନା କରିଛନ୍ତି । କହିଛନ୍ତି ଯେ ଭାରତୀୟ ସଂସ୍କୃତି ବିଷୟରେ ରାହୁଲଙ୍କୁ କିଛି ଜଣାନାହିଁ । ସେହିପରି ଏଆଇଏମଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓ୍ୱେସୀ ରାହୁଲଙ୍କୁ ସମାଲୋଚନା କରିଛନ୍ତି । ମଧ ପ୍ରଦେଶରେ ଭାରତ ଯୋଡ଼ ଯାତ୍ରା ସମୟରେ ରାହୁଲ ଗାନ୍ଧୀ ଏକ ସଭାକୁ ସମ୍ବୋଧନ କରି 'ଜୟ ଶ୍ରୀରାମ', 'ଜୟ ସିୟାରାମ' ଏବଂ 'ହେ ରାମ' ନାରାକୁ ନିଜ ଢଙ୍ଗରେ ବର୍ଣ୍ଣନା କରିଥିଲେ । ଆଉ ଏହାରି ଭିତରେ ସେ ଆରଏସଏସ ଓ ବିଜେପିକୁ ଟାର୍ଗେଟ କରିଥିଲେ । ଆରଏସଏସ ଓ ବିଜେପି ସଦସ୍ୟମାନେ ବ୍ୟକ୍ତିଗତ ସ୍ତରରେ ଭଗବାନ ରାମଙ୍କ ଜୀବନଶୈଳୀକୁ ଆଦୌ ମାନନ୍ତି ନାହିଁ । ସେମାନେ 'ସିୟାରାମ' ଓ 'ସୀତାରାମ' କେବେ କୁହନ୍ତି ନାହିଁ । କାରଣ ସେମାନଙ୍କ ସଂଗଠନରେ ଗୋଟିଏ ବି ମହିଳା ନାହାନ୍ତି । ତେଣୁ ସେମାନଙ୍କ ସଂଗଠନରେ ସୀତାଙ୍କୁ କୌଣସି ସ୍ଥାନ ମିଳିନାହିଁ ବୋଲି ରାହୁଲ କହିଥିଲେ ।

### ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ....

ସେହି ରାଜ୍ୟମାନଙ୍କରେ ମୋଦି ସରକାରଙ୍କ ଇସାରାରେ ଇଡିର ଚଢାଉ ହୁଏ । ଇଡି କାନ୍ଧରେ ବନ୍ଧୁକ ରଖି ମୋଦି ସରକାର ଗୋଟି ଚାଳନା କରନ୍ତି । ବିନା ପ୍ରମାଣ ଓ ତଥ୍ୟରେ ଇଡି କିଭଳି ଏଭଳି ଦାବି କରୁଛି ଓ ମାମଲା ରୁଜୁ କରୁଛି ବୋଲି କବିତା ପ୍ରଶ୍ନ କରିଛନ୍ତି । ଏହା ଏକ ନିଚ ମାନସିକତା ଓ ତଦନ୍ତକାରୀ ସଂସ୍ଥା ବ୍ୟବହାର କରି ନିର୍ବାଚନ ଜିତିବା ଅସମ୍ଭବ ବୋଲି ଟିଆରଏସ ନେତ୍ରୀ କହିଛନ୍ତି । ଦିଲ୍ଲୀ ଏକ୍ସସାଇଜ ପଲିସି ସ୍କାମକୁ ନେଇ ଆମ ଆଦମୀ ପାର୍ଟି ଓ ବିଜେପି ମଧ୍ୟରେ କିଛି ଦିନ ହେବ ଆରୋପପ୍ରତ୍ୟାରୋପ ଜୋରଦାର ଚାଲିଛି । ଏହା ଭିତରେ ନୂଆ ନାଁ ଏଣ୍ଟ୍ରିଂ ହୋଇଛି । ପୂର୍ବରୁ ଏହି ମାମଲାରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ ଓ ଆମ ଆଦମୀ ପାର୍ଟିର ଅନେକ ବଡ ବଡ ନେତା ଇଡି ଜାଲରେ ଛନ୍ଦି ହୋଇଛନ୍ତି । ଆଉ ଏବେ ମୁଖ୍ୟମନ୍ତ୍ରୀଙ୍କ ଝିଅ ଉଠିବା ପରେ ହୁଏତ ଆଗକୁ ଅନେକ ତଥ୍ୟ ସାମ୍ନାକୁ ଆସିପାରେ ।

### ପୁଣି ଥରେ ବିଦେଶୀଙ୍କ ସହ....

ଶେଷରେ ତାଙ୍କୁ ନିଲମ୍ବିତ କରାଯିବା ସହ ଗିରଫ କରାଯାଇଥିବା ଜଣାପଡିଛି । ଅନ୍ୟପଟେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣାରେ ବସିଛନ୍ତି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ । ନିକଟରେ ମୁମ୍ବାଇରେ ଜଣେ କୋରିଆନ ବ୍ଲଗରଙ୍କ ସହ ଦୁର୍ବ୍ୟବହାର ଖବର ମନରୁ ଲିଭିନଥିବାବେଳେ ପୁଣି ଥରେ ଜଣେ ବିଦେଶୀଙ୍କ ସହ ଅଶାଳୀନ ବ୍ୟବହାର ହୋଇଥିବା ଘଟଣା ସାମ୍ନାକୁ ଆସିଛି । ଏହା ପୂର୍ବରୁ କଶ୍ମୀର ବିଶ୍ୱବିଦ୍ୟାଳୟରେ ମଧ ଜଣେ ଛାତ୍ରୀଙ୍କ ସହ ଶାରିରୀକ ଶୋଷଣ ଖବର ଆସିଥିଲା । ଦେଶକୁ ଆସୁଥିବା ବିଦେଶୀଙ୍କ ସହ ଯଦି ଏଭଳି ବାରମ୍ବାର ଘଟେ ତେବେ ଆଗକୁ ଏହା ଦେଶର ଛବି ଉପରେ ନକରାତ୍ମକ ପ୍ରଭାବ ନିଶ୍ଚୟ ପକାଇବ । ଏହା ବିରୋଧରେ କଣ କରାଯିବା ଉଚିତ । ଏନେଇ ମାନସମନ୍ଥନର ଆବଶ୍ୟକତା ରହିଛି ।

## ନାବରାରେ ଯୁବକଙ୍କ ଅକାଳ ବିୟୋଗ

ବସ୍ତା, ୦୩/୧୨ (ନି.ପ୍ର): ବସ୍ତା ବ୍ଲକ ଅଧୀନ ନାବାର ଗାଁର ଶମ୍ଭୁନାଥ ଜେନା (୪୫ବର୍ଷ)ଙ୍କର ଶନିବାର ଅକାଳ ବିୟୋଗ ଘଟିଛି। ସକାଳେ ବିଲକୁ ଯିବା ବେଳେ ହଠାତ ବାଟରେ ବସି ପଡ଼ିଥିଲେ। ଏହାପରେ ସେ ଚେତା ଶୂନ୍ୟ ହୋଇପଡିଥଲେ।ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ମେଡିକାଲ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା ରୁଜୁ କରିଛି।

## ଗାନ୍ଧିଛକ ଗହଣା ଦୋକାନରୁ ଚୋରି

ବସ୍ତା, ୦୩/୧୨ (ନି.ପ୍ର): ବସ୍ତା ଥାନା ଠାରୁ ପ୍ରାୟ ଏକ କିମି ଦୂର ଗାନ୍ଧିଛକ ର ଗୋଟିଏ ଅଳଙ୍କାର ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଛି ।ବରୁଣଗଡିଆ ପଞ୍ଚାୟତ ର ସଦାନନ୍ଦପୁର ନିବାସୀ ଅଜୟ କୁମାର ସାହୁଙ୍କ ଗାନ୍ଧିଛକସ୍ଥିତ ମା' ଲକ୍ଷ୍ମୀ ଅଳଙ୍କାର ଦୋକାନ ର କବାଟ ର ୮ ଗୋଟି ତାଲା ଦୁର୍ବୃତ୍ତ ମାନେ କାଟି ୨ରୁ ଅଢେଇ ଲକ୍ଷ ଟଙ୍କାର ସୁନା ଓ ରୁପା ଗହଣା ଚୋରି କରିନେଇଛନ୍ତି। ଏତଦ୍ୱ୍ୟତୀତ କିଛି ମରାମତି ସାମଗ୍ରୀ ମଧ ଚୋରି ହୋଇଯାଇଛି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ଅନୁଯାୟୀ କେଶ ନମ୍ବର ୩୨୨/୨୨ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ।ଏଥି ପୂର୍ବରୁ ନିକଟସ୍ଥ ବସ୍ତା ବଜାରରେ ଅକ୍ଷୟ କୁମାର ବେହେରା ଙ୍କ ରଙ୍ଗ ଦୋକାନରେ ମଧ ସ୍କା।ୟ ଲାଇଟ ବାଟେ ପଶି ଦୁର୍ବୃତ୍ତ ବହୁ ଟଙ୍କାର ଜିନିଷ ଚୋରି କରି ନେଇଛନ୍ତି।ଏହିପରି ଭାବରେ ବାରମ୍ବାର ଚୋରି ହେବା ଘଟଣାର ଆସାମୀ ଧରା ପଡୁନାହାନ୍ତି। ଏଥିଯୋଗୁଁ ସାଧାରଣ ରେ ଆତଙ୍କ ସୃଷ୍ଟି ହୋଇଛି।

## ଖଇରାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ

ଖଇରା, ୦୩/୧୨ (ନି.ପ୍ର): ଖଇରା ସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପ୍ରତିଯୋଗିତା ଓ ସଭା ଆୟୋଜନ ମାଧ୍ୟମରେ ପାଳିତ ହୋଇ ଯାଇଛି । ବ୍ଲକ ସ୍ତରର ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟାଙ୍ଗ ଛାତ୍ରୀଙ୍କ ନୃତ୍ୟଗୀତରେ ପ୍ରାଥମିକ ବିଦ୍ୟାଳୟ କ୍ୟାମ୍ପସ୍ କମ୍ପିଥିଲା । ପ୍ରଥମେ ଏକ ର୍ୟାଲି ଖଇରା ବଜାର ପରିକ୍ରମା କରି ପ୍ରାଥମିକ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲା । ପରେ ଏବିଇଓ ଶ୍ରୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପୂର୍ବତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟ ଅତିଥି, ଏବିଇଓ ଗୌରାଙ୍ଗ ମହାପାତ୍ର ଓ ହେମନ୍ତ ମିଶ୍ର,ଶିକ୍ଷକ ନେତା କୈଳାସ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ପଣ୍ଡା, ଜୟନ୍ତ କୁମାର ପଣ୍ଡା, ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ମହାପାତ୍ର ଓ ଭାଗିରଥି ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଯାପନୀ ସଭାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ



ବାରିପଦା, ୦୩/୧୨ (ନି.ପ୍ର): ବିଶ୍ୱ ମୃତ୍ତିକା ଦିବାସ ଉପଲକ୍ଷେ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ "ମୃତ୍ତିକା ଯେଉଁଠି, ଖାଦ୍ୟ ସେଇଠି" ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଅତିରିକ୍ତ ଜିଲ୍ଲାଶିକ୍ଷା ଅଧିକାରୀ ଦୀପ୍ତି ନାୟକ ଉଦ୍‌ଘାଟନ କରିଥିଲେ। ବିରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଅତୁଲ କୁମାର ପରିଡା ଓ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପାଳର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଯୋଗ ଦେଇଥିଲେ। ଶିକ୍ଷକ ଅଜିତ କୁମାର ମହାନ୍ତି, ସୁବ୍ରତ କୁମାର ପଣ୍ଡା ଓ ପ୍ରବୀର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ବିଭାଗରେ ରାସଗୋବିନ୍ଦପୁର ବ୍ଲକର ମହୁଲିଆ ଓଡିଶା ଆଦର୍ଶ ବିଦ୍ୟାଳୟର ସୁହାନି ଘଟୁଆରୀ ପ୍ରଥମ, କପ୍ତିପଦା ବ୍ଲକର ଭାଲୁବସାର ଓଡିଶା ଆଦର୍ଶ ବିଦ୍ୟାଳୟର ନିଳୋତ୍ପଳ ସାହୁ ଦ୍ୱିତୀୟ, ବଡସାହି ବ୍ଲକ ଓଡିଆ ଆଦର୍ଶ ବିଦ୍ୟାଳୟର ଅଙ୍କିତା ଆର୍ଯ୍ୟ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଜୁନିୟର ବିଭାଗରେ ବଡସାହି ଆଦର୍ଶ ବିଦ୍ୟାଳୟର ପ୍ରୀତି ମଞ୍ଜରୀ ବିନ୍ଧାଣୀ ପ୍ରଥମ, ଏମକେସି ହାଇସ୍କୁଲ ବାରିପଦାର ଏସକେ ଏମଡି ଫାରାହାନ୍ ଦ୍ୱିତୀୟ, କୁଳିଅଣା ବ୍ଲକର ଭାଲିଆଡିହା ସରକାରୀ ଉପ୍ରା ବିଦ୍ୟାଳୟର କଲ୍ୟାଣୀ ଧଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ବାଲେଶ୍ୱରରେ ଓଡ଼ିଆ ନବ ଜାଗରଣ ପଦଯାତ୍ରା

ବାଲେଶ୍ୱର, ୦୩/୧୨ (ନି.ପ୍ର): ଓଡ଼ିଆ ଭାଷାର ସୁରକ୍ଷା, ସମୃଦ୍ଧି ତଥା ସ୍ୱାଭିମାନ ରକ୍ଷା ଉଦ୍ଦେଶ୍ୟରେ 'ଓଡ଼ିଆ ନବ ଜାଗରଣ ଯାତ୍ରା' ସଂଗଠନ ପକ୍ଷରୁ ବାଲେଶ୍ୱରରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଓଡ଼ିଶା ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ଏଥିରେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଯାତ୍ରାର ଉଦ୍ଦେଶ୍ୟ ତଥା ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱରରୁ ଆରମ୍ଭ ହୋଇଥିବା ଏହି ଓଡ଼ିଆ ଜାଗରଣ ଯାତ୍ରା ପ୍ରତ୍ୟେକ ସ୍ୱାଭିମାନୀ ଓଡ଼ିଆଙ୍କ ମଧ୍ୟରେ ମାତୃଭାଷା ପ୍ରତି ଶ୍ରଦ୍ଧା ଓ ସମ୍ମାନ ଭରିଦେବା ସହ ସମସ୍ତେ ଓଡ଼ିଆ ଭାଷାକୁ ନେଇ ଗର୍ବ କରିବା ଉଚିତ ବୋଲି କହିଥିଲେ।ଏହି ପଦଯାତ୍ରା ଆନ୍ଦୋଳନର ରୂପ ନେଉ ଓ ମାତୃଭାଷା ପ୍ରତି ପ୍ରତ୍ୟେକ ଓଡିଆଙ୍କ ମନରେ ନୂତନ ଜାଗରଣ ସୃଷ୍ଟି ହେଉ ବୋଲି ଶ୍ରୀ ପଟ୍ଟନାୟକ ଆଶା ପ୍ରକାଶ କରିଥିଲେ।ଏହି ଫ୍ୟୁଚର ବାଲେଶ୍ୱର ସଂଗଠନର ମୁଖ୍ୟ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ଏହି ଯାତ୍ରାରେ ଯୋଗଦେଇ ସଂଗ୍ରାମର ଭୂମି ବାଲେଶ୍ୱରରୁ ଓଡ଼ିଆ ନବ ଜାଗରଣ ଯାତ୍ରାର ଶୁଭାରମ୍ଭ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଦିନକୁ ଦିନ ଓଡ଼ଆ ଭାଷାର ଅସ୍ମିତା ପ୍ରତି ବିପଦ ଦେଖା ଦେଇଥିବା ବେଳେ ନିଜ ରାଜ୍ୟରେ ବି ଓଡିଆ ଲୋକେ ପ୍ରତାରିତ ହୋଇ ଚାଲିଛନ୍ତି।

## ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡର ସଂଘର ଦାବିପତ୍ର ପ୍ରଦାନ



ବାଲେଶ୍ୱର, ୦୩/୧୨ (ନି.ପ୍ର): ନୀଳଗିରି ବ୍ଲକ ଶିକ୍ଷକ ମହାସଂଘ ପକ୍ଷରୁ ବିଭିନ୍ନ ଦାବୀ ନେଇ ନୀଳଗିରି ବି.ଇ.ଓ.ଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ନୀଳଗିରି ଶାଖାର ନିୟମିତ ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡର ସଂଘର ଦାବୀ ମଧରେ ଗତ ୧.୩.୧୭ରେ ରାଜ୍ୟସରକାର ଲେବୁଲ ଭି ସହକାରୀ ଶିକ୍ଷକ (ଏକ୍ସ କ୍ୟାଡର) ଭାବେ ନିୟମିତ କରିଥିବା ବେଳେ ପ୍ରାୟ ତନ୍ମଧରୁ ତିନି ହଜାର ଗଣଶିକ୍ଷକ ଯୋଗ୍ୟତା ଥିବା ସତ୍ୱେ ନିୟମିତ ଶିକ୍ଷକରୁ ବଂଚିତ ହୋଇଥିବା ବେଳେ ସେମାନଙ୍କୁ ନିୟମିତ କରାଯାଉ ଓ.ଟି.ଓ.ଟି. ଉଚ୍ଛେଦ କରି ସମସ୍ତ ଯୋଗ୍ୟ ଶିକ୍ଷକଙ୍କୁ ୧.୩.୧୭ରୁ ନିୟମିତ କରାଯିବା ସହ ଅବଶିଷ୍ଟ ଗଣଶିକ୍ଷକଙ୍କ ଦରମା ବୃଦ୍ଧି କରାଯାଉ । ଏକ୍ସ କ୍ୟାଡର ଉଚ୍ଛେଦ, ଏକ୍ସ କ୍ୟାଡର ଶିକ୍ଷକଙ୍କ ଟ୍ରେଜେରି ମାଧମରେ ଦରମା ପ୍ରଦାନ, ଅବସରପ୍ରାପ୍ତ ଶିକ୍ଷକଙ୍କୁ ଗ୍ରାଚୁଇଟି, ଡେଥ୍ ବେନିଫିଟ୍ ପ୍ରଦାନ, ସମସ୍ତ ଯୋଗ୍ୟତା ଥାଇ ନିୟମିତରୁ ବଂଚିଥିବା ୩୦୦୦ ଶିକ୍ଷକଙ୍କୁ ତୁରନ୍ତ ନିୟମିତ କରିବା, ଏକ୍ସ-କ୍ୟାଡର ଶିକ୍ଷକଙ୍କୁ ଫେଷ୍ଟିଭାଲ ଆଡ଼ଭାନ୍‌ସ, ମେଡିକାଲ କ୍ଲେମ (ଆର.ସି.ଏମ), ଏମସିଏ, ଏମଏସିପି ପ୍ରଦାନ, ସିଆରସି ଚୟନରେ ଏକ କ୍ୟାଡର ଶିକ୍ଷକଙ୍କୁ ଭିଜନ ଟେଷ୍ଟ ପାଇଁ ସୁଯୋଗ ପ୍ରଦାନ, ୬ମାସର ଏରିୟର ଦରମା ପ୍ରଦାନ ପୂର୍ବକ ବିହିତ ପଦକ୍ଷେପ ନେବାକୁ ଦାବୀପତ୍ରରେ ପ୍ରଦାନ କରିଛନ୍ତି ।

## ଭୁବନେଶ୍ୱର ଠାରେ 'ବାୟୁ : ମହତ୍ୱପୂର୍ଣ୍ଣ ଜୀବନଶକ୍ତି' ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଶୃଙ୍ଖଳା ଆୟୋଜିତ



ଭୁବନେଶ୍ୱର, ୦୩/୧୨ (ନି.ପ୍ର): ଭୁବନେଶ୍ୱର ଠାରେ 'ବାୟୁ : ମହତ୍ୱପୂର୍ଣ୍ଣ ଜୀବନ ଶକ୍ତି' ଉପରେ ଏକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି । ଶନିବାର ଦିନ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବ ଏହି ସମ୍ମିଳନୀକୁ ଉଦଘାଟନ କରିଥିଲେ । ଆଜାଦୀ କା ଅମୃତ ମହୋତ୍ସବ ଅନ୍ତର୍ଗତ ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ପଞ୍ଚ ମହାଭୂତ ବା ସୃଷ୍ଟିର ପାଞ୍ଚଟି ମହତ୍ୱପୂର୍ଣ୍ଣ ଉପାଦାନ ସମ୍ପର୍କରେ ରହି ଆସିଥିବା ଭାରତୀୟ ବିଚାରକୁ ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମ୍ମିଳନୀ ଶୃଙ୍ଖଳା ଆୟୋଜନ କରାଯାଉଛି । 'ବାୟୁ : ମହତ୍ୱପୂର୍ଣ୍ଣ ଜୀବନ ଶକ୍ତି' ସମ୍ମିଳନୀ ଏହି ଶୃଙ୍ଖଳାର ଏକ ଅଂଶବିଶେଷ । ଉଦଘାଟନୀ ସମାରୋହକୁ ସମ୍ବୋଧିତ କରି ମାନନୀୟ ରାଜ୍ୟପାଳ କହିଥିଲେ ଯେ, ଦେଶ ଓ ସାମଗ୍ରିକ ଭାବେ ବିଶ୍ୱ ପ୍ରତି କୃତଜ୍ଞତା ଜଣାଇବା ଲାଗି ଆଜାଦୀ କା ଅମୃତ ମହୋତ୍ସବ ଏକ ସୁଯୋଗ ଆଣିଛି । ସାମ୍ପ୍ରତିକ ସମୟରେ ବିଶ୍ୱ ବ୍ୟକ୍ତିବାଦୀ ହୋଇପଡ଼ିଛି । ସେ ଆହୁରି କହିଥିଲେ ଯେ ଏହି ସମ୍ମିଳନୀ ଜଗତ ଓ ମାନବତା ମଧରେ ରହିଥିବା ସମ୍ପର୍କକୁ ହୃଦୟଙ୍ଗମ କରିବା ଲାଗି ବ୍ୟକ୍ତିବିଶେଷଙ୍କୁ ସହାୟକ ହୋଇପାରିବ । ସାରା ଜଗତ ସହଯୋଗ ଓ ସହାବସ୍ଥାନ ଭାବନା ଉପରେ ଆଧାରିତ ବୋଲି ରାଜ୍ୟପାଳ କହିଥିଲେ । ସେ କହିଥିଲେ ଯେ, ବାୟୁ ତତ୍ତ୍ୱ ବା ଉପାଦାନକୁ ପଞ୍ଚମହାଭୂତ ଠାରୁ ଅଲଗା କରାଯାଇପାରିବ ନାହିଁ ଏବଂ ସମସ୍ତ ଉପାଦାନକୁ ଏକତ୍ରିତ କରି ଦେଖିବା ଜରୁରି । ଆନ୍ତରିକ ଜାଗୃତି ଏହି ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ସେ ଜୋର ଦେଇ କହିଥିଲେ । ପରିବେଶ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସମାରୋହକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯାଦବ କହିଥିଲେ ଯେ ଉଦଘାଟନୀ ଅଧିବେଶନରେ ଯୋଗ ଦେଇଥିବାରୁ ସେ ରାଜ୍ୟପାଳଙ୍କ ପ୍ରତି କୃତଜ୍ଞ। ସମ୍ମିଳନୀରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ସେ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାକୁ ଜାଣିବା ଜରୁରି । ଆମ ସମସ୍ତଙ୍କର ଦେଶ ଓ ପୃଥିବୀ ପ୍ରତି ଉତ୍ତରଦାୟିତ୍ୱ ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ । କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶ ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଦିଗରେ ବିଶେଷ ପ୍ରଗତି ହାସଲ କରିଛି । ଶକ୍ତି କ୍ଷେତ୍ର ପାଇଁ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଇଛି ଏବଂ ଅନ୍ତର୍ଜାତୀୟ ସୌର ମେଣ୍ଟର ପ୍ରତିଷ୍ଠା କରାଯାଇଛି । ବିଦ୍ୟୁତ ଚାଳିତ ବାହନକୁ ପ୍ରୋତ୍ସାହନ ଦିଆଯାଉଛି ଏବଂ ବାହନ ଚଳାଚଳ କ୍ଷେତ୍ରରେ ଇଥାନଲ ମିଶ୍ରଣକୁ ବାଧ୍ୟତାମୂଳକ କରାଯାଇଛି । ଶିଳ୍ପ କ୍ଷେତ୍ରରେ ସ୍ୱଚ୍ଛ ଇନ୍ଧନ ଆପଣାଇବାକୁ ପଦକ୍ଷେପ ନିଆଯାଇଛି । ଏକକ ବ୍ୟବହାର ବା ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ନିଷେଧ କରାଯିବା ଭଳି ପଦକ୍ଷେପ ସରକାରଙ୍କ ପ୍ରତିବଦ୍ଧତାର ଉଦାହରଣ ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ। ମିଶନ୍ ଲାଇଫ ବା ପରିବେଶ ଅନୁକୂଳ ଜୀବନଶୈଳୀ ଉପରେ ଆଲୋକପାତ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଅକ୍ଟୋବର ୨୦୨୨ରେ ପ୍ରଧାନମନ୍ତ୍ରୀ ମୋଦଙ୍କ ଏହି ମହତ୍ୱାକାଂକ୍ଷୀ ଅଭିଯାନ ଆରମ୍ଭ କରାଯାଇଥିଲା। ଶ୍ରୀ ଯାଦବ କହିଥିଲେ ଯେ, କେବଳ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଉପରେ ନୁହେଁ ବରଂ ବର୍ଜ୍ୟବସ୍ତୁ ସୃଷ୍ଟି ହ୍ରାସ କରିବା ପ୍ରତି ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ।

## ବରିଷ୍ଠ ସାମ୍ବାଦିକ ବୈଷ୍ଣବ ଜେନାଙ୍କ ପରଲୋକ

ଭୁବନେଶ୍ୱର, ୦୩/୧୨ (ନି.ପ୍ର): ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ବୈଷ୍ଣବ ଚରଣ ଜେନା ଆଉ ଇହଜଗତରେ ନାହାନ୍ତି। ଶନିବାର ଭୋର ପବିତ୍ର ଏକାଦଶୀ ତିଥିରେ ସେ ପରଲୋକ ଗମନ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ତାଙ୍କର ବିଧବା ପତ୍ନୀ ଓ ଦୁଇ ପୁତ୍ର ଅଛନ୍ତି। ତାଙ୍କର ହୃଦଘାତରେ ଦେହାନ୍ତ ହୋଇଥିଲା ବୋଲି କ୍ୟାପିଟାଲ ହସପିଟାଲର ଡାକ୍ତର ସୂଚନା ଦେଇଛନ୍ତି। ତାଙ୍କର ମରଶରୀର ବରୀ ଡେରାବିଶ ନିର୍ବାଚନ ମଣ୍ଡଳୀର ବେଙ୍ଗାରାପୁର ଗ୍ରାମକୁ ନିଆଯାଇ ସଂସ୍କାର କରାଯାଇଥିଲା। ବଡ଼ପୁଅ ବଦ୍ରିନାରାୟଣ ଜେନା ମୁଖାଗ୍ନି ଦେଇଥିଲେ। ଯାଜପୁର ଜିଲ୍ଲା ବରୀରେ ଜନ୍ମଲାଭ କରିଥିବା ସ୍ୱର୍ଗତ ଜେନା ଥିଲେ ଜଣେ ଆଗଧାଡ଼ିର ସାମ୍ବାଦିକ। ତାଙ୍କର ଇଂରାଜୀ ଓ ଓଡ଼ିଆ ଭାଷାରେ ବେଶ୍ ଦକ୍ଷତା ଥିଲା। ବିଧାନସଭା ରିପୋର୍ଟିଂରେ ସେ ଏତେ ପାରଙ୍ଗମ ଥିଲେ ଯେ, ତାଙ୍କଠାରୁ ପ୍ରାୟ ଅଧିକାଂଶ ଯୁବ ସାମ୍ବାଦିକ ଶିକ୍ଷାଲାଭ କରିଛନ୍ତି। ସେ ସାମ୍ବାଦିକତାକୁ ଆସିବା ପୂର୍ବରୁ କୋରାପୁଟରେ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ଥିଲେ। ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କର ସୂଚନା ଅଧିକାରୀ ଭାବେ ସେ କିଛିଦିନ କାର୍ଯ୍ୟ କରିଥିଲେ। ଦୈନିକ ସମ୍ବାଦପତ୍ର 'ମାତୃଭାଷା'ର ରାଜ୍ୟସ୍ତରୀୟ ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ସେ ଏବେ ମୁକ୍ତବୃତ୍ତ ସମ୍ବାଦିକ ଭାବେ କାର୍ଯ୍ୟକରି ବିଭିନ୍ନ ସମ୍ବାଦପତ୍ର ମାନଙ୍କରେ ଲେଖାମାନ ପ୍ରକାଶ କରୁଥିଲେ। ସେ ସବୁବେଳେ ସକାରତ୍ମକ ମନୋଭାବ ନେଇ କାର୍ଯ୍ୟ କରିଥାନ୍ତି। ବୈଷ୍ଣବ ଜେନାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ତାଙ୍କର ୟୁନିଟ୍ ୩ସ୍ଥିତ ସରକାରୀ ବାସଭବନରେ ସାମ୍ବାଦିକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସ୍ୱର୍ଗତ ଜେନାଙ୍କ ବିୟୋଗରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ଦେବାଶିଷ ନାୟକ, ବିଧାୟକ ପ୍ରଶାନ୍ତ ମୁଦୁଲି, ଶ୍ରମିକ ନେତ ମହେନ୍ଦ୍ର ପରିଡ଼ା, ପାଣ୍ଡବ ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରାଜ୍ୟ ଜଙ୍ଗଲ, ପରିବେଶ, ପାନୀୟ ଜଳ, ପଂଚୟତରାଜ ଓ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହିତ ତାଙ୍କ ଅମରଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

## ଜିଲ୍ଲାରେ ବନ୍ଦ ପଡିଥିବା ଶିଳ୍ପାନୁଷ୍ଠାନ ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବାରିପଦା, ୦୩/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ମେକ ଇନ୍ ଓଡ଼ିଶା କନକ୍ଲେଭ ମାଧ୍ୟମରେ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ଐତିହାସିକ ପଦକ୍ଷେପ ନେବାକୁ ଯାଉଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଦୀର୍ଘ ଦିନ ଧରି କାଠପାଲ ସ୍ପିନିଂ ମିଲ, ନିକୋ କାରଖାନା, ଗଂଜି କାରଖାନା ପ୍ରଭୃତି ବିଭିନ୍ନ କଳକାରଖାନା ବନ୍ଦ ହୋଇ ପଡ଼ିରହିଛି । ମୟୁରଭଂଜ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କୌଣସି କଳକାରଖାନା ନାହିଁ କିମ୍ବା ଶିଳ୍ପର ବିକାଶ ପାଇଁ କୌଣସି ପଦକ୍ଷେପ ନିଆଯାଇନ ଥିବାରୁ ଏହି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରୁ ବହୁ ସଂଖ୍ୟାରେ ଯୁବକ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି । ଏଣୁ ଜିଲ୍ଲାରେ ବନ୍ଦ ହୋଇ ପଡିଥିବା ଶିଳ୍ପ ସଂସ୍ଥା ଗୁଡିକର ପୁନରୁଦ୍ଧାର କରାଯାଇ କାର୍ଯ୍ୟକ୍ଷମ କରାଗଲେ ଜିଲ୍ଲା ବାସୀ ବିଶେଷ ଉପକୃତ ହେବେ ବୋଲି ଆଜି ବରିଷ୍ଠ ଆଇନଜୀବି ବିଜନ ଦାସ, ଶଚି ପଟ୍ଟନାୟକ, ଶାନ୍ତନୁ ପାଲ, ମହେଶ ଶତପଥୀ, ଅମୀୟ ଶଙ୍କର ଦାସ, ଜ୍ୟୋତି ପ୍ରକାଶ ଦାସ, ଶ୍ୱେତକେତୁ ଦତ୍ତ, ରାମ ଶଙ୍କର ମିଶ୍ର, ଶାରଦା ପ୍ରସନ୍ନ ଭଞ୍ଜ, ପ୍ରଦୀପ କୁମାର ଦାସ, ହରେକୃଷ୍ଣ ମହାନ୍ତ, ଭବାନୀ ଶଙ୍କର ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି ।

## ଓଷ୍ଟାର ୩୯ତମ ଶିଶୁ ମହୋତ୍ସବ : ଲୁକ୍କାୟିତ ପ୍ରତିଭା ବିକାଶ ଲାଗି ପ୍ରଚେଷ୍ଟା

ଜଳେଶ୍ୱର ୩/୧୨(ନି.ପ୍ର): ଆଜି ଖୁଲୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟାର ୩୯ତମ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। କରୋନାପରେ ଏହା ଜିଲାର ପ୍ରଥମ ଶିଶୁ ଉତ୍ସବ। ଏଥିରେ ଓଷ୍ଟାର ବ୍ଲକ ସଭାପତି ସୁକୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ସର୍ବଭାରତୀୟ ଶିକ୍ଷକ ସଂଘର ଉପସଭାପତି ତଥା ଓଷ୍ଟାର ପୂର୍ବତନ ରାଜ୍ୟ ସଭାପତି ଇନ୍ଦୁମାଧବ ମହାନ୍ତି ଯୋଗ ଦେଇ ଓଷ୍ଟା ୪୩ବର୍ଷ ଧରି ଶିକ୍ଷକ, ଶିକ୍ଷାନୁଷ୍ଠାନ ଓ ଶିକ୍ଷାର୍ଥୀଙ୍କ ଲାଗି ଲଢେଇ ଜାରି ରଖି ଆସିଛି। ଶିକ୍ଷାକୁ ଉଚ୍ଚତର ସୋପାନରେ ପହଞ୍ଚାଇବା ଲାଗି ଚେଷ୍ଟା କରିଥିବା ବେଳେ ଶିଶୁ ଉତ୍ସବ ଏକ ସୋପାନ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ରାଜ୍ୟର ପୂର୍ବତନ ଯୁଗ୍ମ ସଂପାଦକ ଅକ୍ଷୟ ମିଶ୍ର ଯୋଗ ଦେଇ ଓଷ୍ଟାର ୧୦ଟି ବିଷୟରେ ପ୍ରତିଯୋଗୀତା କରି ଲୁକ୍କାୟିତ ପ୍ରତିଭା ଚୟନ କରିବା ପ୍ରଚେଷ୍ଟା ଆରମ୍ଭ ପରେ ରାଜ୍ୟ ସରକାର ଏହାର ଯଥାର୍ଥତା ଉପଲବ୍ଧି କରି ସୁରଭି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂପାଦକ ମନୋରଂଜନ ଦାସ, ବ୍ଲକ ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ପ୍ରାଣକୃଷ୍ଣ ଗିରି, ରବିନ୍ କୁମାର ମିଶ୍ର, ବଂଶୀଧର ବାରିକ, ମନୋରଂଜନ ଦତ୍ତ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସକାଳେ ଏହି କାର୍ଯ୍ୟକ୍ରମକୁ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତାଭାବେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ସମ୍ମାନୀତ ଅତିଥିଭାବେ ଓଷ୍ଟାର ଜିଲା ସଭାପତି ବାଦଲ ଚନ୍ଦ୍ର ପାତ୍ର, ଜିଲା ପରିଷଦ ସଦସ୍ୟ ମିନତି ଜେନା, କେଶବ ଚନ୍ଦ୍ର ପରିଡା ଓ ସରୋଜ କୁମାର ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ୧ମ, ୨ୟ ଓ ୩ୟ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ଓ ପ୍ରଥମ, ଦ୍ୱିତୀୟ ଛାତ୍ରଛାତ୍ରୀ ଜିଲା ଶିଶୁ ଉତ୍ସବରେ ଯୋଗ ଦେବା ସଂପର୍କରେ କହିଥିଲେ ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ସମାରୋହ

ଭଦ୍ରକ, ୦୩/୧୨ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅନୁଭାଗ ଜରିଆରେ ଆଜି ଟାଉନ୍‌ହଲ୍ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଲୋକସଭା ସାଂସଦ ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଏଲ୍‌ଡ଼ିଏମ୍ ଭଦ୍ରକ ନାଗେଶ୍ୱର ରାଓ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗମାନଙ୍କୁ ଆତ୍ମନିର୍ଭରଶୀଳ କରାଇ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରାଯିବା ଦିଗରେ ସରକାରୀ ଯୋଜନାର କାର୍ଯ୍ୟକାରୀତା ସହ ସଚେତନତାର ଆବଶ୍ୟକତା ଅଛି ଏବଂ ଏ ଦିଗରେ ଆମ ସମସ୍ତଙ୍କର ଦାୟିତ୍ୱ ଅଛି ବୋଲି ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ । କ୍ରୀଡ଼ା, କଳା, ସାହିତ୍ୟ ଯେ କୌଣସି କ୍ଷେତ୍ରରେ ଆଗକୁ ବଢୁଥିବା ଜିଲ୍ଲାର ଦିବ୍ୟାଙ୍ଗମାନଙ୍କ ପଛରେ ଜିଲ୍ଲା ପ୍ରଶାସନର ପୂର୍ଣ୍ଣ ସମର୍ଥନ ଓ ସହଯୋଗ ରହିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିବା ସହିତ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଦିବ୍ୟାଙ୍ଗମାନଙ୍କର ଅଭିଯୋଗ ପାଇଁ ଜିଲ୍ଲାରେ ନିଶୁଳ୍କ ଫୋନ୍ ନମ୍ବର ଜାରି କରାଯିବା ନେଇ ମଧ୍ୟ ଜିଲ୍ଲାପାଳ ସୂଚନା ଦେଇଥିଲେ । ନମ୍ବର ଟି ହେଲା ୮୯୧୭୨୪୨୩୦୦ । ହ୍ୱିଲ ଚେୟାର ଫେନସିଂ କ୍ରୀଡ଼ାରେ ଜାତୀୟ ଆନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା ପ୍ରଦର୍ଶନ କରି ଏକାଧିକ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ପଦକ ହାସଲ କରିଥିବା ଏବଂ ଲଣ୍ଡନରେ ଅନୁଷ୍ଠିତ କମନ୍‌ୱେଲ୍‌ଥ କ୍ରୀଡ଼ାରେ ମଧ୍ୟ ଅଂଶ ଗ୍ରହଣ କରିଥିବା ଜିଲ୍ଲାର ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ଭଣ୍ଡାରିପୋଖରୀର ରାଖାଲ କୁମାର ସେଠୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ଜାତୀୟ ସ୍ତରରେ ଭୋପାଳକୁ ଖେଳିବାକୁ ଯାଇଥିବା ହ୍ୱିଲ ଚେୟାର କ୍ରୀକେଟ୍ ଭଦ୍ରକ ବ୍ଲକର ଖେଳାଳୀ ଅକ୍ଷୟ ସାହୁ, ଜିଲ୍ଲାରେ ୪ଟି ଦିବ୍ୟାଙ୍ଗ ସ୍କୁଲ ପରିଚାଳନା ଓ ଗୋଟିଏ ଜରାଶ୍ରମ ପାଇଁ ପୃଷ୍ଠପୋଷକତା କରୁଥିବ ଇଂ. ଯୁଗଳ କିଶୋର ଅଗ୍ରୱାଲ, ସି.ଆର୍.ଏସ୍.ଆର୍.ର ସମ୍ପାଦକ ଡ଼. ଭଗବାନ ପରିଡ଼ାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଯୁବ ଆଇନଜୀବୀଙ୍କ ବିୟୋଗରେ ପଥ ବିକ୍ରେତା ସଂଘର ଶୋକସଭା

ବାଲେଶ୍ୱର, ୦୩/୧୨ (ନି.ପ୍ର): ବାଲେଶ୍ୱର ଅନ୍ୟତମ ଯୁବ ଆଇନଜୀବୀ ନେପୋଲିୟନ ସାହାଣୀଙ୍କ ବିୟୋଗରେ ପଥ ବିକ୍ରେତା ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ପଥ ବିକ୍ରେତା ସଂଘର ଉପ-ସଭାପତି ଆବିଦ ଖାନଙ୍କ ଖାନ୍‌ଙ୍କ ପୌରୋହିତ୍ୟରେ ସିନେମା ଛକଠାରେ ଆୟୋଜିତ ଏହି ଶୋକସଭାରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ତଥା ଓଡିଶା ପଥ ବିକ୍ରେତା ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ, ବରିଷ୍ଠ ଆଇନଜୀବୀ ଅବଦୁଲ ରଫିକ୍, ସଂଘର ସମ୍ପାଦକ ମୋହିନୀ ମୋହନ ପରିଡା, ଟାଉନ ଭେଣ୍ଡିଂ କମିଟି ସଦସ୍ୟ ଟିପିରୀ ସିଂହ, ଅଭିରାମ ବାରିକ, ସୁଧାଂଶୁ ଶାହା, ମନୋଜ ରାଠୋର, ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରଭାସ ସିଂହ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନେପୋଲିୟନ ସାହାଣୀଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଛାତ୍ର ଜୀବନରୁ ସ୍ପଷ୍ଟବାଦୀ ଓ ନେତୃତ୍ୱ ଗ୍ରହଣ ପ୍ରତି ଆଗ୍ରହ ରଖି ଆସିଥିବା ସ୍ୱର୍ଗତ ସାହାଣୀ ଆଇନଜୀବୀ ଭାବେ ଗରିବ ଓ ଅସହାୟଙ୍କ ପାଇଁ ବିନା ଅର୍ଥରେ କାର୍ଯ୍ୟ କରୁଥିଲେ । ଏମିତିକି ଅବହେଳିତ ପଥବିକ୍ରେତାଙ୍କ ପ୍ରତି ସମ୍ବେଦନଶୀଳ ହୋଇ ସହଯୋଗ କରିଆସୁଥିଲେ ବୋଲି ବକ୍ତାମାନେ କହିଥିଲେ । ତାଙ୍କର ଅବର୍ତ୍ତମାନ କେବଳ ପଥ ବିକ୍ରେତା ସଂଘ ନୁହେଁ ବରଂ ଗରିବ ଅବେହେଳିତଙ୍କ ପାଇଁ ଅପୂରଣୀୟ କ୍ଷତି ବୋଲି ସେମାନେ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ସାହାଣୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ରାଜନୈତିକ ଦଳର ସହ ପ୍ରଶାସନିକ ବୈଠକ



ବାଲେଶ୍ୱର, ୦୩/୧୨ (ନି.ପ୍ର): ବାଲେଶ୍ୱର ଜିଲା ନିର୍ବାଚନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲାରେ ଚାଲିଥିବା ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଫଳ କରିବା ପାଇଁ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଡେପୁଟି କଲେକ୍ଟର (ନିର୍ବାଚନ) ଗାୟତ୍ରୀ ସୋରେନ୍ ଏହାକୁ ପରିଚାଳନା କରିଥିଲେ । ବିଜେଡିରୁ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ବିଜେପିରୁ କେଶବ କୁମାର ଆଚାର୍ଯ୍ୟ, କଂଗ୍ରେସରୁ ଗୋପୀନାଥ ପାଢ଼ୀ, ସିପିଆଇରୁ ନିରଞ୍ଜନ ପରିଡ଼ା, ସିପିଏମରୁ ପ୍ରେମ ରଞ୍ଜନ ପାତ୍ର ପ୍ରମୁଖ ବିଭିନ୍ନ ଦଳର ରାଜନେତା ଏହି ବୈଠକରେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଏହି ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ କହିଥିଲେ । ଭୋଟର ତାଲିକା ସଂଶୋଧନରେ ଆହୂତ ଦାବି/ଅଭିଯୋଗ ଗୁଡ଼ିକୁ ଯାଞ୍ଚ କରି ଆଲୋଚନା ପୂର୍ବକ ଏକ ସୁସ୍ଥ, ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିରେ ସାହାଯ୍ୟ କରିବା ନେଇ ରାଜନୈତିକ ଦଳର ପ୍ରତିନିଧିଙ୍କୁ ସେ ପ୍ରସ୍ତାବ ଦେଇଥିଲେ । ବିଶେଷ କରି ଦିବ୍ୟାଙ୍ଗ, ଯୌନକର୍ମୀ, ତୃତୀୟ ଲିଙ୍ଗୀ ଭୋଟରଙ୍କୁ ତାଲିକାଭୁକ୍ତ କରିବା ଦିଗରେ ସହଯୋଗ ପାଇଁ ଶ୍ରୀ ମହାପାତ୍ର ରାଜନୈତିକ ଦଳ ପ୍ରତିନିଧିଙ୍କୁ କହିଥିଲେ । କୌଣସି ଯୋଗ୍ୟ ଭୋଟର ଯେରି ତାଲିକାରୁ ବାଦ୍ ନ ପଡ଼ନ୍ତି ସେଥିପ୍ରତି ଯତ୍ନବାନ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏକ ସୁସ୍ଥ ଓ ନିର୍ଭୁଲ ଫଟୋ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଭୋଟର ତାଲିକା ସହ ଆଧାର ସଂଯୋଗ କାର୍ଯ୍ୟକ୍ରମ ଶତ ପ୍ରତିଶତ କରିବା, ମିଥ୍ୟା ଭୋଟର, ଛାୟା ଭୋଟର, ମୃତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ ଦେବା ଉପରେ ଉଚିତ ପଦକ୍ଷେପ ନେବାକୁ ରାଜନୈତିକ ଦଳର ପ୍ରତିନିଧିମାନେ କହିଥିଲେ ।

## ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ଲୋକାର୍ପଣ



ଭଦ୍ରକ, ୦୩/୧୨ (ନି.ପ୍ର): ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭି.ସି. ଜରିଆରେ ୩୦ଟି ଜିଲ୍ଲାପାଇଁ ଅନ୍ତର୍ନିବେଶୀ ଶିକ୍ଷା ସାଧନକେନ୍ଦ୍ର ଲୋକାର୍ପଣ କରାଯିବା ଆଧାରରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦ୍ୱାରା ଭଦ୍ରକ ଜିଲ୍ଲାପାଇଁ ବାଗୁରାଇରେ ଅବସ୍ଥିତ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପରିସରରେ ଭଦ୍ରକ ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରର ଲୋକାର୍ପଣ କରାଯାଇଛି । ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଜଳନ୍ଧର ମଣ୍ଡଳ ମଧ୍ୟ ଯୋଗ ଦେଇଥିଲେ । ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବ ସହ ଜିଲ୍ଲାସ୍ତରୀୟ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦେଇଥିବା ଜିଲ୍ଲାପାଳ ଦିବ୍ୟାଙ୍ଗ ପିଲାମାନଙ୍କ ମଧ୍ୟରେ ୨୦ଟି ହ୍ୱିଲ ଚେୟାର, ୧୪ଟି ଶ୍ରବଣ ଯନ୍ତ୍ର, ୧୬ଟି ଏମ୍.ଆର୍. କିଟ୍ ୨ଟି ତିନି ଚକିଆ ଗାଡ଼ି ବଣ୍ଟନ କରିଥିଲେ । ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉତ୍ସର୍ଗୀକୃତ, ସ୍ୱତନ୍ତ୍ର ତାଲିମ୍, ପରାମର୍ଶ ଓ ସୂଚନାକେନ୍ଦ୍ର ରୂପେ କାର୍ଯ୍ୟକରିବାକୁ ଥିବା ଏହି କେନ୍ଦ୍ରରେ ସେମାନଙ୍କ ତାଲିମ୍ ଓ ଥେରାପି କାର୍ଯ୍ୟ ନିୟମିତ ଚାଲୁ ରଖିବା ପାଇଁ ଜିଲ୍ଲାପାଳ ଜିଲ୍ଲା ସଂଯୋଜକଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଭଦ୍ରକ ବ୍ଲକ୍‌ର ବି.ଆର.ସି. ଜୟନ୍ତୀ କର, ଗଦାଧର ନାୟକ, ପ୍ରତିଭା ନାୟକ, ତୁଳସୀ ଦାସ, ଶିକ୍ଷୟିତ୍ରୀ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

## ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଇଓଙ୍କୁ ଦାବିପତ୍ର

ଖଇରା, ୦୩/୧୨ (ନି.ପ୍ର): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଖଇରା ଶାଖା ପକ୍ଷରୁ ୮ଦଫା ଦାବୀ ପୂରଣ ନେଇ ଏକ ବୈଠକ ଶନିବାର ଦିନ ଦିନବନ୍ଧୁ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଶିକ୍ଷକ ଓ କର୍ମଚାରୀଙ୍କୁ ୭ମ ବେତନ ଅନୁଯାୟୀ ଦରମା ପ୍ରଦାନ, ୨୦୧୮ ଜିଆଇଏ ଅଧୀନରେ ଶିକ୍ଷକଙ୍କୁ ୭ମ ବେତନ ଓ ହିନ୍ଦୀ ସଂସ୍କୃତ, ମାଦ୍ରାସା ଓ ଖେଳ ଶିକ୍ଷକଙ୍କୁ ବର୍ଦ୍ଧିତ ହାରରେ ଦରମା ପ୍ରଦାନ,ନୂତନ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟକୁ ଅବସରକାଳୀନ ସୁବିଧା ପ୍ରଦାନ,ଅବସର ସମୟ ୬୦ରୁ୬୨କୁ ବୃଦ୍ଧି କରିବା ଭଳି ଦାବୀ ସମ୍ପର୍କରେ ନେତୃବୃନ୍ଦ ଆଲୋଚନା କରିଥିଲେ । ପରେ ଏକ ଦାବୀପତ୍ର ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ଶ୍ରୀଧର ବେହେରାଙ୍କୁ ପ୍ରଦାନ କରାଯାଇଥିଲା । ଷଡାନନ ପାଣିଗ୍ରାହୀ, ସଚିଦାନନ୍ଦ ମହାପାତ୍ର, ଗୟାଧର ନାୟକ, ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

## ବାଲିଆରେ ନୂତନ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର, ୦୩/୧୨ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ରେମୁଣା ବ୍ଲକର ବାଲିଆ ଗ୍ରାମ ପଂଚାୟତରେ ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ କୁକୁଡାପଦା ଗ୍ରାମରେ ଏକ ନୂତନ ଅଙ୍ଗନବାଡି କେନ୍ଦ୍ର ଉଦଘାଟନ କରିଥିଲେ । ପୂଜାର୍ଚ୍ଚନା ପରେ ନବନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ରକୁ ସେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଛୋଟ ଛୋଟ ପିଲାଙ୍କ ଯତ୍ନ ସହ ସେମାନଙ୍କ ଆଦ୍ୟ ପାଠପଢା ପାଇଁ ଉଦ୍ଦିଷ୍ଟ ଏହି କେନ୍ଦ୍ରର ମହତ୍ତ୍ୱ ରକ୍ଷା କରିବାକୁ ଉପସ୍ଥିତ ସୁପରଭାଇଜର, ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ଶ୍ରୀ ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ । ପରେ ସାଂସଦ ବାଲିଆ ପଂଚାୟତ କାର୍ଯ୍ୟାଳୟ ଠାରେ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସଫେଇ ଟ୍ରାଇ ସାଇକେଲ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ଏହି ବ୍ୟବସ୍ଥାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ମାଧ୍ୟମରେ ବାଲିଆ ପଂଚାୟତର ଘରକୁ ଘର ବୁଲି ଅଳିଆ ସଂଗ୍ରହ ହେବ ।

## ଉଦଳାରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ




ଉଦଳା, ୦୩/୧୨ (ନି.ପ୍ର): ଜିଲ୍ଲା ଶିଳ୍ପ କେନ୍ଦ୍ର ଜରିଆରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ଆନୁକୂଲ୍ୟରେ ଶିକ୍ଷିତ ବେକାର ଯୁବକ, ଯୁବତୀ, କୁଶଳୀ କାରୀଗର ତଥା ଅଣକୁଶଳୀ ଜନସାଧାରଣଙ୍କୁ କର୍ମଯୋଗାଣ ଦ୍ୱାରା ରୋଜଗାର କ୍ଷମ କରିବା ପାଇଁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଅଧ୍ୟକ୍ଷତା କରି ଉଦଳାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରକୃଷ୍ଟ କ୍ଷେତ୍ର ଥିବାବେଳେ ଶିକ୍ଷିତ ବେକାର ଯୁବକ ଯୁବତୀ ମାନଙ୍କ ପାଇଁ ତାଲିମର ଆବଶ୍ୟକତା ଅଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼ିଆଇସିର ଜେନେରାଲ ମେନେଜର ଗୌର ମୋହନ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ପାଦନ ଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ପଚାଶ ଲକ୍ଷ ଟଙ୍କା ଓ ସେବା ଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ୨୦ ଲକ୍ଷ ଟଙ୍କା ପୁଞ୍ଜି ବିନିଯୋଗର ପରିମାଣ ଅଟେ । ଏଥିପାଇଁ ଶିକ୍ଷାଗତ ଯୋଗ୍ୟତା ଅଷ୍ଟମ ଶ୍ରେଣୀ ପାଶ କରିଥିବା ଆବଶ୍ୟକ । ହିତାଧିକାରୀ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ବୋଲି ଜଣାଇଥିଲେ । ଉପନଗରପାଳ ଲିଲି ଭୋଳ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ହିତାଧିକାରୀ ଶିକ୍ଷାଗତ ଯୋଗ୍ୟତା, ବୈଷୟିକ ଯୋଗ୍ୟତା ତଥା ଜାତିଗତ ପ୍ରମାଣ ପତ୍ରର ନକଲ ଦରଖାସ୍ତ ସହିତ ପ୍ରଦାନ କରିବା ଆବଶ୍ୟକ ବୋଲି ଜଣାଇଥିଲେ । ଡ଼ିଆଇସିର ଅଜୟ କୁମାର ମହାନ୍ତ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ହିତାଧିକାରୀ ମନୋନୟନ କରାଯାଇଥାଏ ବୋଲି କହିଥିଲେ । ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ଶାଖା ପରିଚାଳକ ବିକାଶ ଚନ୍ଦ୍ର ବେହେରା ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବ୍ୟାଙ୍କ ଦ୍ୱାରା ଋଣ ମଞ୍ଜୁର ପରେ ସଂପୃକ୍ତ ହିତାଧିକାରୀ ୨ ସପ୍ତାହ ଉଦ୍ୟୋଗକାରୀ ଉନ୍ନୟନ କାର୍ଯ୍ୟକାରୀ ସମ୍ବନ୍ଧୀୟ ତାଲିମ ନେବା ବାଧ୍ୟତା ମୂଳକ ଅଟେ ବୋଲି ବ୍ୟକ୍ତ କରିଥିଲେ । ଶେଷରେ ଆଇପିଓ ମନୋରଂଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳଙ୍କ ଦୁଇଟି କବିତାଗ୍ରନ୍ଥ ଉନ୍ମୋଚିତ



ବାଲେଶ୍ୱର, ୦୩/୧୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦର ଆନୁକୂଲ୍ୟରେ ଶାନ୍ତିକାନନଠାରେ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ କବି ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳଙ୍କ ଦୁଇଟି କବିତାଗ୍ରନ୍ଥ 'ବିପନ୍ନ ଗଣତନ୍ତ୍ର' ଓ 'ଜୀବନ ଗୀତିକା' ଯଶସ୍ୱୀ ଗବେଷକ ଡ. ରମାକାନ୍ତ ବେହେରାଙ୍କଦ୍ୱାରା ଉନ୍ମୋଚିତ ହୋଇଯାଇଛି । ବିଶିଷ୍ଟ ଗବେଷକ ଡ. ମନ୍ମଥ କୁମାର ପ୍ରଧାନ 'ବିପନ୍ନ ଗଣତନ୍ତ୍ର' ସଂପର୍କରେ ଆଲୋଚନା କରିଥିବାବେଳେ 'ଚେତନା ସାହିତ୍ୟ ସଂଗଠନ'ର ମୁଖ୍ୟ ଶରତ କୁମାର ମହାପାତ୍ର 'ଜୀବନ ଗୀତିକା' ପୁସ୍ତକକୁ ସମୀକ୍ଷା କରିଥିଲେ । ଜାତୀୟ ଚରିତ୍ରରେ ପରିବର୍ତ୍ତନ ନ ହେବାଯାଏ ଗଣତନ୍ତ୍ର ସୁରକ୍ଷିତ ରହିପାରିବ ନାହିଁ ଏବଂ ଗଣତନ୍ତ୍ରର ମୂଲ୍ୟବୋଧ ତଥା ଉଦ୍ଦେଶ୍ୟ ଓ ଲକ୍ଷ୍ୟରୁ ଆମେ ବହୁ ଦୂରକୁ ଚାଲିଯାଇଛୁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ । ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌ସୂଚନା ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ଦିବଂଗତ ଯଶସ୍ୱୀ ଗବେଷକ ଡ. ସୁଦର୍ଶନ ଆଚାର୍ଯ୍ୟ, 'ଅମୃତାୟନ'ର ସଂପାଦିକା ଗୀତା ହୋତା ଏବଂ ଓଡ଼ିଶାର ଲବ୍ଧପ୍ରତିଷ୍ଠ ଅଭିନେତ୍ରୀ ଝରଣା ଦାସଙ୍କ ବିୟୋଗରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଶିରୀଶ ଚନ୍ଦ୍ର ଜେନା, ନିବାରଣ ଜେନା, ଡ. ଭାଗବତ ପ୍ରସାଦ ଦାସ, ଅରୁଣା ରାୟ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ଗୋଷ୍ଠୀ ଅର୍ନ୍ତନିବେଶୀ ଶିକ୍ଷା ସାଧନ କେନ୍ଦ୍ର ଉଦ୍‌ଘାଟିତ

ଜଳେଶ୍ୱର, ୦୩/୧୨ (ନି.ପ୍ର): ଜଳେଶ୍ୱର ବ୍ଲକର ଶାନ୍ତିଆସ୍ଥିତ ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଗୋଷ୍ଠୀ ଅର୍ନ୍ତନିବେଶୀ ଶିକ୍ଷାସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇ ଯାଇଛି । ଏହାକୁ ପୌର ଅଧ୍ୟକ୍ଷ ପ୍ରତୀକ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ । ଆୟୋଜିତ ସଭାରେ ଭାରପ୍ରାପ୍ତ ବିଇଓ ଅଜୟ କୁମାର ଜେନା ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଶ୍ରୀ ପ୍ରଧାନ ଆଜି ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ କହିଥିଲେ ଯେ କେବଳ ସରକାର ନୁହନ୍ତି , ସମାଜର ପ୍ରତ୍ୟେକ ବ୍ୟକ୍ତ ଦିବ୍ୟାଙ୍ଗ ମାନଙ୍କୁ ସମାଜର ମୁଖ୍ୟସ୍ରୋତ କୁ ଆଣିବାପାଇଁ ପ୍ରଚେଷ୍ଟା ଜାରି ରଖିବା ଉଚ୍ଛିତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଇଓ ଲଲାଟେନ୍ଦୁ ଜେନା, ବିଆର୍‌ସିସି ସୁଶାନ୍ତ କୁମାର ଜେନା, ବିଆର୍‌ପିଡ ସୁବ୍ରତ କୁମାର ସୁତାର ଓ ରଂଜିତା ମହାନ୍ତି, ସିଆର୍‌ସିସି ଓ ଆଇଇଭିମାନେ ଯୋଗ ଦେଇଥିଲେ । ବ୍ଲକ ସ୍ତରୀୟ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଦିବ୍ୟାଙ୍ଗ ମାନଙ୍କୁ ୩ଚକିଆ ସାଇକେଲ ପ୍ରଦାନ ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରି ଛାତ୍ରଛାତ୍ରୀଙ୍କୁ ପୁରସ୍କାର କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ସୁଶାନ୍ତ କୁମାର ଜେନା ଅଧ୍ୟକ୍ଷତା କରିଥିଲେ । ଏଥିରେ ବ୍ଲକ ଅଧ୍ୟ ମାନସ କୁମାର ଜେନା, ବିଡିଓ ପୁନମ୍ ରାଉତ, ଉପାଧ୍ୟକ୍ଷା ସଂଚିତା ଜେନା, ଅଜୟ କୁମାର ଜେନା, ଶ୍ୟାମସୁନ୍ଦର ଦେ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବ୍ଲକ ଅଧ୍ୟକ୍ଷ ଶ୍ରୀ ଜେନା ଦିବ୍ୟାଙ୍କ ଛାତ୍ରଛାତ୍ରୀଙ୍କ ପୁରସ୍କୃତ କରିଥିଲେ ।

## ଶ୍ରୀପତି ଚରଣ ଗିରିଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀରେ ଗୀତାଞ୍ଜଳି ମହାନ୍ତି ଓ ଭବାନୀବାଳା ଗିରିଙ୍କ ରଚିତ 'ଦିବ୍ୟର୍ପଣ' ଲୋକାର୍ପିତ



ବାଲେଶ୍ୱର, ୦୩/୧୨ (ନି.ପ୍ର): ଆଧ୍ୟାତ୍ମିକତା ହିଁ ବ୍ୟକ୍ତିକୁ ପରିମାର୍ଜିତ ଓ ଶୃଙ୍ଖଳିତ କରାଏ । ଏହି ମାର୍ଗରେ ଯୋଡ଼ି ହେଲେ ମଣିଷ ଭିତରେ ଦିବ୍ୟଭାବନା ଓ ଦିବ୍ୟକର୍ମ ପ୍ରତି ସ୍ୱତଃ ଆଗ୍ରହ ଜାତ ହୋଇଥାଏ । ଦିବ୍ୟଗୁଣର ଅଧିକାରୀ ହେବା ଦିଗରେ 'ଦିବ୍ୟର୍ପଣ' ଭଳି ଗ୍ରନ୍ଥଗୁଡ଼ିକର ଅଧ୍ୟୟନ ପାଠକଙ୍କୁ ପଥପ୍ରଦର୍ଶନ କରିବାରେ ସଫଳ ହେବ ବୋଲି ଭବାନୀବାଳା ଗିରି ଓ ଗୀତାଞ୍ଜଳି ମହାନ୍ତିଙ୍କ ରଚିତ ପୁସ୍ତକର ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ବାଲେଶ୍ୱର ପକ୍ଷରୁ ମୁଦ୍ରିତ 'ଦିବ୍ୟର୍ପଣ' ପୁସ୍ତକର ଶୁଭ ଲୋକାର୍ପଣ ଉତ୍ସବ ରାସଗୋବିନ୍ଦପୁରର ବନଶୋଭା ବିମଣ୍ଡିତ ପ୍ରଭୁ ଉପବନ ପରିସରସ୍ଥ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରେ ଗତ ୨୬ତାରିଖରେ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଦୀନକୃଷ୍ଣ ସ୍ମୃତିପରିଷଦର ପ୍ରତିଷ୍ଠାତା ସମ୍ପାଦକ, ଅବସରପ୍ରାପ୍ତ ଅଧ୍ୟକ୍ଷ, ବିପିନ୍ ବିହାରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନେକ ଆଧ୍ୟାତ୍ମିକ ଉପନ୍ୟାସର ସ୍ରଷ୍ଟା ପ୍ରାଧ୍ୟାପକ ଡ.ଭାଗବତ ବେହେରା, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ରାଜ୍ୟ ସଦସ୍ୟ କବି କାଳୀପଦ ପଣ୍ଡା ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ 'ଦିବ୍ୟର୍ପଣ' ଗ୍ରନ୍ଥର ବିଭିନ୍ନ ଅଧ୍ୟାୟରେ ରହିଥିବା ମଣିଷର ଅଜ୍ଞତା ଦୂର ନିମନ୍ତେ ବାର୍ତ୍ତାଗୁଡ଼ିକ ବେଶ୍ ସୁଖପାଠ୍ୟ ବୋଲି କହିବା ସହ ମଣିଷ ଜୀବନର ଜନ୍ମ, ମୃତ୍ୟୁ ରହସ୍ୟ ଭେଦରେ ପ୍ରଭୁ ପରମାତ୍ମାଙ୍କୁ ଚିହ୍ନିବା ଉଦ୍ଦେଶ୍ୟରେ ଏହି ସୃଷ୍ଟିରହସ୍ୟ ଓ ଜୀବ-ପରମତତ୍ତ୍ୱକୁ ଜାଣିବା ଏକାନ୍ତ ପ୍ରୟୋଜନ ବୋଲି ମତପୋଷଣ କରିଥିଲେ । ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭୁ ଉପବନର ସଞ୍ଚାଳିକା ବି.କେ.ମିନତି, ବି.କେ. ବନିତା, ବି.କେ.ଚନ୍ଦ୍ରମୋହନ ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ହରିପଦ ମହାନ୍ତି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ବୟୋଜ୍ୟେଷ୍ଠା ବି.କେ.ଭବାନୀବାଳା ଗିରି ଏହି ଗ୍ରନ୍ଥକୁ ଉନ୍ମୋଚନ କରିଥିବା ବେଳେ ଲେଖିକା ବି.କେ.ଗୀତାଞ୍ଜଳି ମହାନ୍ତି ଉପସ୍ଥିତ ରହିଥିଲେ । ଲେଖିକାଙ୍କର ସ୍ୱର୍ଗୀୟ ପିତା ରାସଗୋବିନ୍ଦପୁର ପଞ୍ଚାୟତସମିତିର ଭୂତପୂର୍ବ ଅଧ୍ୟକ୍ଷ ତଥା ବହୁ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାରେ ସକ୍ରିୟ ଯୋଗଦାନ କରିଥିବା ଜନନେତା ଶ୍ରୀପତି ଚରଣ ଗିରିଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀରେ ତାଙ୍କୁ ସମର୍ପଣ କରିଥିଲେ ଲେଖିକା ଏହି ପୁସ୍ତକକୁ । ଉତ୍ସବ ପ୍ରାରମ୍ଭରେ ଶ୍ରୀପତି ଚରଣ ଗିରିଙ୍କ ଫଟୋଚିତ୍ରରେ ଅତିଥି ଓ ସମବେତ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମସ୍ତେ ମହମବତି ଜଳାଇ ତଥା ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ପରଲୋକଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ରଖିଥିଲେ । ଦୁଇ ଭଉଣୀ ସୁଇଟି ଓ ବିଉଟି ନୃତ୍ୟ ପରିବେଷଣ କରିଥିବା ବେଳେ ବି.କେ.ବିନୋଦିନୀ ଭାରତର ଗୌରବଗାଥା ଉପରେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ମନୋରଞ୍ଜନ ଗିରି, ବି.କେ.ଭରତବାବୁ, ଅଶୋକ କୁମାର ମହାନ୍ତି, ପୁଷ୍ପାଞ୍ଜଳି ମହାନ୍ତି, ବୀଣାପାଣି ଗିରି, ସୁଶ୍ରୀ ହରପ୍ରିୟା ବେହେରାଙ୍କ ସମେତ ପ୍ରଭୁ ଉପବନର ଅନ୍ତେବାସିନୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବ ପାଳିତ




ଖଇରା, ୦୩/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇ ଦିନ ଧରି ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାମନ୍ଦିରର ସମ୍ପାଦିକା କଳ୍ପନା ଲେଙ୍କାଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ପ୍ରଧାନଆଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖଇରା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଯୁଗଳ କିଶୋର ଗାହାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଏହାସହିତ ସୁସ୍ଥ ଶରୀର ଓ ସୁସ୍ଥ ମନ ପାଇଁ କ୍ରୀଡା ଏକ ଅପରିହାର୍ଯ୍ୟ ବୋଲି ଅଭିଭାଷଣରେ ପ୍ରକାଶ କରିବା ସହିତ ଖେଳିବା ପାଇଁ ପିଲାମାନଙ୍କୁ ମନୋବଳକୁ ଦୃଢ କରିଥିଲେ । ଏହି ପ୍ରତିଯୋଗୀତାରେ ବିଦ୍ୟାଳୟର ମୋଟ ୧୭୫ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୧୦୦ମି. ଦୌଡ, ଗଣିତ ଦୌଡ, ଛୁଞ୍ଚିସୂତା, ଲମ୍ବଡିଆଁ, ଉଚ୍ଚଡିଆଁ, ପୁଚି, ସ୍କିପିଂ, ଅଖାଡିଆଁ, ଜିଲାପି ଦୌଡ, ମ୍ୟୁଜିକ୍ ଚେୟାର ଆଦି ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନି ଦିବସରେ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କ ନାମ ଘୋଷଣା କରାଯାଇଥିବାବେଳେ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବା ନେଇ ବିଦ୍ୟାଳୟର ପରିଚାଳକ ଦୀଲ୍ଲିପ କୁମାର ଲେଙ୍କା ପ୍ରକାଶ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo